# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ସେପ୍ଟେମ୍ବର ୨୮/୨୦୨୧ (୧୬ ପୃଷ୍ଠା) | Dhenkanal, Tuesday, September 28/2021 | ★★★★★

୧୭ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# ବନ୍ଦ ପ୍ରଭାବ ପକାଇଲା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୧୦ ଘଣ୍ଟିଆ ଭାରତ ବନ୍ଦ ପାଳନ କରାଯାଇଛି। କଟକ, ପୁରୀ, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ଅନୁଗୋଳ ସମେତ ରାଜ୍ୟର ସମସ୍ତ ବଡ଼ ଓ ଛୋଟ ସହରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ବିଭିନ୍ନ କୃଷକ ସଙ୍ଗଠନ, ବାମପନ୍ଥୀ ଦଳ ଏବଂ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ କଂଗ୍ରେସ ସମେତ ବାମ ଦଳ ଏବଂ ଅନ୍ୟ ସଙ୍ଗଠନର କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେହିପରି ଆନ୍ଦୋଳନକାରୀମାନେ କଟକ ଆଡୁ ଆସୁଥିବା ଲୋକଙ୍କୁ ପଳାଶୁଣୀ ଓ ରସୁଲଗଡରେ ଅଟକାଇଥିଲେ। ଉତ୍ତରା ଛକଠାରେ ମଧ୍ୟ ରାସ୍ତା ବନ୍ଦ କରାଯାଇଥିଲା। ଭୁବନେଶ୍ୱର, ପୁରୀ, କଟକ ଆଦି ରେଳ ଷ୍ଟେଶନରେ ସକାଳେ ଓହ୍ଲାଇଥିବା ଯାତ୍ରୀମାନେ ଘରକୁ ଯିବା ପାଇଁ କୌଣସି ଗାଡ଼ି ପାଇ ନ ଥିଲେ। ଫଳରେ ସେମାନେ ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଛି।

ରାଜଧାନୀ ଭୁବନେଶ୍ୱରରେ ବନ୍ଦ ପାଳନର ପ୍ରଭାବ ସକାଳ ୧୦ଟା ପର୍ଯ୍ୟନ୍ତ ବ୍ୟାପକ ଭାବେ ଦେଖିବାକୁ ମିଳିଥିଲାବେଳେ ପରେ ଧୀରେ ଧୀରେ ଗାଡ଼ିମୋଟର ଚଳାଚଳ କରିଥିଲା। ଅନେକ ସ୍ଥାନରେ ଦୋକାନ ବଜାର ବିଳମ୍ବରେ ଖୋଲିଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଓଏସ୍‌ଆର୍‌ଟିସି ବସ୍ ଚଳାଚଳ ବନ୍ଦ ରହିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ ରହିଥିବାରୁ ବାଇକ ଓ କାର ଚାଳକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭୁବନେଶ୍ୱର ବରମୁଣ୍ଡା, କଟକ ବାଦମବାଡ଼ି, ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଶତାଧିକ ବସ୍ ଅଟକି ରହିଥିବାବେଳେ ଯାତ୍ରୀମାନେ ଅପେକ୍ଷା କରି ବସି ରହିଥିଲେ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ହୋଇ କହିଛନ୍ତି, ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନକୁ ପ୍ରତ୍ୟାହାର କରିବା ସମ୍ପୂର୍ଣ୍ଣ ଯଥାର୍ଥ ଏବଂ ଯୁକ୍ତି ସଙ୍ଗତ। ଦୀର୍ଘଦିନ ଧରି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ, ଧର୍ମଘଟ ଜାରି ରହିଥିଲେ ମଧ୍ୟ କେନ୍ଦ୍ର ସରକାର ସେଥିପ୍ରତି ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସେ କହିଛନ୍ତି। କଂଗ୍ରେସ ସମେତ ୧୯ଟି ରାଜନୈତିକ ଦଳ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି। ବନ୍ଦ ପାଳନ ସମ୍ପୂର୍ଣ୍ଣ ସଫଳ ହୋଇଥିବା କଂଗ୍ରେସ ସମେତ ଅନ୍ୟ ଦଳଗୁଡିକ ଦାବି କରିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଉତ୍ତରା ଛକଠାରେ ଦୀର୍ଘ ସମୟ ଧରି ପୁରୀ-ଭୁବନେଶ୍ୱର ରାଜପଥକୁ ଅବରୋଧ କରାଯାଇଥିଲା। ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ପୋଲିସ ଛାଡିବାପରେ ପୁଣିଥରେ ଛାତ୍ର କଂଗ୍ରେସ କର୍ମୀ ମାଷ୍ଟରକ୍ୟାଣ୍ଟିନ, ଶ୍ରୀୟା ଛକ, ରୂପାଲୀ, ବାଣୀବିହାର ଏବଂ ଶହୀଦନଗରରେ ବନ୍ଦ ପାଳନ କରିଥିଲେ। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ମଧ୍ୟ ରାଜଧାନୀର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ବିଭିନ୍ନ ଦପ୍ତର ସମ୍ମୁଖରେ ପିକେଟିଂ କରିବା ସହ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଥିଲେ।



ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କ୍ରାଉନ୍‌ହୋଟେଲ ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧବେଳେ ପୋଲିସ ଜଣେ ମହିଳା ଆନ୍ଦୋଳନକାରୀଙ୍କୁ ଉଠାଇ ନେଉଛି।



ଗାଡ଼ି ନଥିବାରୁ ଭୁବନେଶ୍ୱର ରେଳଷ୍ଟେଶନରୁ ଯାତ୍ରୀମାନେ ଘର ଅଭିମୁଖେ ଚାଲି ଚାଲି ଯାଉଛନ୍ତି।




ରାଉରକେଲା ରେଲୱେ ଷ୍ଟେଶନରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।




ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସମର୍ଥିତ ଅନ୍ୟ କୃଷକ ତଥା ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ଶୋଭାଯାତ୍ରାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ କଂଗ୍ରେସ ଓ ବାମପନ୍ଥୀ ନେତୃବୃନ୍ଦ ସାମିଲ୍ ଅଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ ବନ୍ଦ ରହିଛି।



ବରଗଡ଼ରେ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବାଇକ୍ ଶୋଭାଯାତ୍ରା।




ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଆନ୍ଦୋଳନ।




ଢେଙ୍କାନାଳରେ ଜିଲା କିଷାନ କଂଗ୍ରେସ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଉଛି।



କେନ୍ଦୁଝର ସହରର ଗାନ୍ଧୀଛକରେ ବନ୍ଦ ସମର୍ଥକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।



ବଲାଙ୍ଗୀରରେ ଜିଲା କଂଗ୍ରେସ କମିଟି ଓ ଚାଷୀମାନେ ରେଲରୋକୋ କରିଛନ୍ତି।



ପୁରୀ ସହରରେ କଂଗ୍ରେସ ପକ୍ଷରୁ ବାହାରିଥିବା ବାଇକ୍ ରାଲି।



ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡ଼ା ସହର ତିନିମୁହାଣୀଠାରେ ରାସ୍ତାରୋକୋ କରାଯାଇଛି।




କଟକ ବାଦାମବାଡ଼ି ମୁଖ୍ୟ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।



ବସ୍ ଚଳାଚଳ ବନ୍ଦ ଥିବାରୁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀ।

ଧରିତ୍ରୀ
DHARITRI
ମଙ୍ଗଳବାର, ସେପ୍ଟେମ୍ବର ୨୮/୨୦୨୧ | Tuesday, September 28/2021 | ପୃଷ୍ଠା-୧



## ଟେଷ୍ଟରୁ ଅବସର ନେଲେ ମୋଇନ

ଇଂଲଣ୍ଡ ସ୍ପିନ୍ ବୋଲର ମୋଇନ ଅଲି ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

୧୪

୧୨

## ଧୋତିରେ ରାମ୍ପ ୱାକ ଦେଖି ଲାଜେଇଲେ ମଲାଇକା

ସୁପର ମଡେଲ ଅଫ୍ ଦି ଇୟର ଶୋ'ରେ ମଡେଲ ମିଲିନ୍ଦ ସୋମନଙ୍କୁ ଧୋତିରେ ଦେଖି ଅଭିନେତ୍ରୀ ମଲାଇକାଙ୍କ ପ୍ରତିକ୍ରିୟା ଚର୍ଚ୍ଚାର ବିଷୟ ପାଲଟିଛି।



# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଳିକା ପ୍ରକାଶ

## ୨୯ରୁ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

ଯୁକ୍ତ୨ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ସୋମବାର ପ୍ରକାଶ ପାଇଛି। ମୋଟ ୫୪,୬୩୩ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୫,୭୮୭ ଛାତ୍ରୀ ଥିବାବେଳେ ୨୮,୮୪୪ଜଣ ଛାତ୍ର ଓ ୨ଜଣ କିନ୍ନର ରହିଛନ୍ତି। କଳାରେ ୪୦,୮୭୧ଜଣ, ବାଣିଜ୍ୟରେ ୨,୬୫୪, ବିଜ୍ଞାନରେ ୧୦,୩୮୨, ଧନ୍ଦାମୂଳକ ଶିକ୍ଷାରେ ୪୬୭ ଏବଂ ସଂସ୍କୃତରେ ୨୬୯ଜଣ ଚୟନ ହୋଇଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କରେ କଳା, ବାଣିଜ୍ୟ ଓ ବିଜ୍ଞାନରେ କଟକ ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲ ଆଗରେ ରହିଛି। ଏଠାରେ କଳାରେ ସର୍ବାଧିକ କଟ୍‌ଅଫ୍ ମାର୍କ ୭୬.୫%, ବିଜ୍ଞାନ ୯୦% ଓ ବାଣିଜ୍ୟରେ ୮୦% ଯାଇଛି। ସେହିପରି କଳାରେ ଦ୍ୱିତୀୟରେ ଭୁବନେଶ୍ୱରର ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ୭୬.୪% ରହିଥିବାବେଳେ ଭଦ୍ରକ ଉଚ୍ଚ ମାଧ୍ୟମିକ ସ୍କୁଲ ୭୩.୧୭% ସହ ତୃତୀୟରେ ରହିଛି। ବିଜ୍ଞାନରେ ବି ଦ୍ୱିତୀୟ ସ୍ଥାନରେ ଭୁବନେଶ୍ୱର ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ୮୮.୩୩% ଥିବାବେଳେ ବାଲେଶ୍ୱର ସୋରର ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ସ୍କୁଲ ☞ପୃଷ୍ଠା-୨

ADITYA BIRLA
UTKAL ALUMINA

# ଉଲଗ୍ନ କରି ଚଲାଇଥିଲେ

**ସୁନୀତ ମିଶ୍ର**
**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା କମ୍ପାନୀ ସ୍ଥାନୀୟ ଲୋକଙ୍କୁ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ପ୍ରତିଦିନ କିପରି ନିର୍ଯାତନା ଦେଇଆସୁଛି ସେନେଇ ୨୬ ତାରିଖ ରବିବାର ଧରିତ୍ରୀରେ 'ଲୋଭ ଦେଖାଇ ଲୁଟିନେଲା' ଶୀର୍ଷକ ଖବର ମାଧ୍ୟମରେ ଯାହା ଜଣାଇଛୁ ତାହା ଆରମ୍ଭ ମାତ୍ର। ହାଡ଼ିଗୁଡ଼ା ପଞ୍ଚାୟତର ଡିମିଣ୍ଡି ଗ୍ରାମବାସୀଙ୍କ ଘଟଣା ଭଳି ଶହଶହ ସମସ୍ୟା ଏବଂ ଗରିବଙ୍କୁ ନିର୍ଯାତନା ମିଳିବା କାହାଣୀ କମ୍ପାନୀ ଚାରିପାଖରେ ଭରି ରହିଛି। ସେସବୁ ବିଷୟରେ ଧରିତ୍ରୀ ତରଫରୁ ସଂଗ୍ରହ ହୋଇଥିବା ବିଶେଷ ରିପୋର୍ଟ ସାଙ୍ଗକୁ ଭିଡିଓ ମଧ୍ୟ ପ୍ରସ୍ତୁତ କରି ଆଣିଛୁ।

ଉତ୍କଳ ଆଲୁମିନା କମ୍ପାନୀ ଟିକିରି ଅଞ୍ଚଳରେ ସବୁ ପ୍ରକାର ବ୍ୟବସାୟିକ ଚେର ଲମ୍ବାଇ ଦେଇ ଉପଭୋଗ କରିଚାଲିଛି। କମ୍ପାନୀର ଏହିସବୁ ଷଡ଼ଯନ୍ତ୍ର ଯେପରି ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ନ ହେବ ସେଥିଲାଗି ସେମାନେ ବିଭିନ୍ନ ଉପାୟରେ ପ୍ରଶାନିକ ଅଧିକାରୀ ଓ ରାଜନୈତିକ ଲୋକଙ୍କୁ ସନ୍ତୁଷ୍ଟ କରି ରଖିଛନ୍ତି। ଆଉ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେହି ଅଞ୍ଚଳକୁ କୌଣସି ଖବରକାଗଜଟିଏ ମଧ୍ୟ ଯାଉନାହିଁ। ଏପରିକି ସେଠାରେ ଖବର ସଂଗ୍ରହ କରିବା ସମୟରେ ଓଡ଼ିଶାରେ ପ୍ରକାଶ ପାଉଥିବା କେତେକ ଆଗଧାଡ଼ିର ଖବରକାଗଜ ଏପରିକି ଧରିତ୍ରୀରେ ଗତ ମାସେ ମଧ୍ୟରେ ଟିକିରି ଅଞ୍ଚଳର କ'ଣ ସବୁ ଖବର ପ୍ରକାଶ ପାଉଛି ବୋଲି ଖୋଜୁଥିଲୁ। ହେଲେ କୌଣସିଥିରେ ଟିକିରି ଅଞ୍ଚଳର ଗୋଟିଏ ହେଲେ ଖବର ମିଳିଲା ନାହିଁ। ଏଥିରୁ କମ୍ପାନୀ ଚାରିପାଖରେ ନିର୍ଯାତିତ ଅବସ୍ଥାରେ ଥିବା ଲୋକଙ୍କ କଥା ଦବାଇଦେବାକୁ କେଉଁ ପ୍ରକାର ସଲାସୁତୁରା ଚାଲିଛି ତାହା ବୁଝାପଡୁଛି। ଶୁଣିବାକୁ ମିଳୁଛି ଅନେକ ସାମ୍ବାଦିକଙ୍କ ଭ୍ରାତା ଓ ଅନ୍ୟ ପରିବାରବର୍ଗଙ୍କୁ କମ୍ପାନୀ ଚାକିରି ଦେଇ ରଖିଛି। ସେଥିପାଇଁ ସବୁ ସାମ୍ବାଦିକ ନୀରବ! ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଯେ କେବଳ ଟଙ୍କା ଲୋଭରେ ଏପରି କରୁଥିବେ ତାହା ଠିକ୍ କାରଣ ହୋଇ ନ ପାରେ। କମ୍ପାନୀ ଯେଉଁଭଳି ସେହି ସ୍ଥାନଗୁଡ଼ିକୁ ନିଜ ଅକ୍ତିଆରରେ ରଖିଛି ଜଣେ ଖବରଦାତା ସେଠାରେ ବସବାସ କରି ବୋଧହୁଏ ଉତ୍କଳ ଆଲୁମିନା କମ୍ପାନୀ ବିରୋଧରେ ଖବର ପ୍ରକାଶ କଲେ ନିଜକୁ ସୁରକ୍ଷିତ ରଖିପାରିବ ନାହିଁ ବୋଲି ମନେକରି ଏଭଳି କରୁଥାଇପାରନ୍ତି।



ଫେଲିକ୍ସ ବେହେରା

ଆମେ ଚଳିତ ମାସ ୨୧ ତାରିଖରେ ପ୍ରଥମେ ନୂଆପଡ଼ା ବଜାରଠାରେ ପହଞ୍ଚିଥିଲୁ। ଟିକିରି ବଜାରଠାରୁ ନୂଆପଡ଼ା ମାତ୍ର ୧୨ କି.ମି. ଦୂର ହେବ। ଟିକିରି ନିକଟସ୍ଥ ଉଷାପଡ଼ାଠାରେ ଥିବା ଏକ ଲଜିଂରେ ରହିବା ବେଳେ ସେଠାରେ ମଧ୍ୟ ଖବରକାଗଜ ପଢ଼ିବା ପାଇଁ ଖୋଜିଥିଲୁ। ହେଲେ ଯେହେତୁ ସେଠାରେ ରହୁଥିବା ଲୋକ ସମସ୍ତେ କମ୍ପାନୀର ଏବଂ ସେମାନେ ଅଧିକାଂଶ ଅଣଓଡ଼ିଆ ସେଥିଲାଗି ଖବରକାଗଜ ରଖାଯାଉ ନ ଥିବା ହୋଟେଲ କର୍ମଚାରୀ କହିଥିଲେ। ପ୍ରଥମ ଥର ଲାଗି କେହି ଜଣେ ଏଠାରେ ଖବରକାଗଜ ମାଗିଲେ ବୋଲି ମଧ୍ୟ କର୍ମଚାରୀ ଜଣକ ଉତ୍ତର ଦେଇଥିଲେ। ଆଉ କହିଥିଲେ, ଟିକିରିର ଯୁଆଡେ ଲଜିଂ କି ହୋଟେଲ ଦେଖିବେ ସବୁଠି ଉତ୍କଳ କମ୍ପାନୀ କର୍ମଚାରୀ, ଯେଉଁମାନେ ବାହାରୁ ଆସି ଅଛନ୍ତି। ଏଠାରେ ଘରଭଡ଼ା ମଧ୍ୟ ସେମାନେ ନେଇଛନ୍ତି। ତେଣୁ ଲଜିଂ, ରୁମ୍ କେତେବେଳେ ଖାଲିପଡେ ନାହିଁ। ଯେଉଁମାନେ ହୋଟେଲ କିମ୍ବା ଲଜିଂ କରିଛନ୍ତି ସେମାନେ ପ୍ରାୟତଃ ବାହାରୁ ଆସି ବ୍ୟବସାୟ କରୁଥିବା ବେଳେ ଆଉ କେତେଜଣ ରାଜନେତା ଅଟନ୍ତି। ସ୍ଥାନୀୟ ଲୋକଙ୍କର ଏଠାରେ କିଛି ସ୍ଥିତି ନାହିଁ ବୋଲି ସେ କହିଛନ୍ତି।

ନୂଆପଡ଼ା ବଜାରଠାରେ ଓହ୍ଲାଇବା ପରେ ରାସ୍ତା ଉପରେ ଉତ୍କଳ ଆଲୁମିନା କମ୍ପାନୀର ଏକ ହସ୍ପିଟାଲ ପଡ଼ିବ। ସେଠାରେ ଓହ୍ଲାଇ ହସ୍ପିଟାଲ ପାଚେରି ସମ୍ମୁଖରେ ଅର୍ଥାତ୍ ରାସ୍ତାର ଅପରପାର୍ଶ୍ୱରେ ଥିବା ଫେଲିକ୍ସ ବେହେରାଙ୍କ ପାଖରେ ପହଞ୍ଚିଥିଲୁ। ସେ ସେଠାରେ ଗୋଟିଏ ଛୋଟିଆ ଦରଜୀ ଦୋକାନ କରିଛନ୍ତି। ତାଙ୍କ ପାଖରେ ବସିପଡ଼ି ☞ପୃଷ୍ଠା-୨




ଦେଖନ୍ତୁ ଭିଡିଓ

YouTube /dharitrilive

# ଡିଜେଲ ୨୭ ପଇସା ବଢ଼ିଲା



**ଭୁବନେଶ୍ୱର/ନୂଆଦିଲ୍ଲୀ,୨୭।୯**

ସାରା ଦେଶରେ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଡିଜେଲ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ଡିଜେଲ ୨୭ ପଇସା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ମୂଲ୍ୟ ପୂର୍ବପରି ସ୍ଥିର ରହିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୭.୩୯ ଟଙ୍କା ଏବଂ ପେଟ୍ରୋଲ ୧୦୨.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଡିଜିଟାଲ ସ୍ୱାସ୍ଥ୍ୟ

USHA TRAVELS
www.flyusha.in
OFFER PRICE
BHUBANESWAR ⇄
KOLKATA 2533/-*
HYDERABAD 3533/-*
BENGALURU 3533/-*
DELHI 3633/-*
MUMBAI 3733/-*
DUBAI 10,333/-*
T&C Apply*
CALL US! 9937438896



ଭାରତ ବନ୍ଦ ବେଳେ ଗୁରୁଗ୍ରାମର ସିରହୌଲ ଟୋଲ୍ ପ୍ଲାଜା ନିକଟରେ ପୋଲିସର ବ୍ୟାରିକେଡ୍ ଯୋଗୁ ଗୁରୁଗ୍ରାମ-ଦିଲ୍ଲୀ ଏକ୍ସପ୍ରେସ୍ ୱେରେ ଅଭୂତପୂର୍ବ ଟ୍ରାଫିକ୍ ଜାମ୍।

# ବନ୍ଦ ପ୍ରଭାବରୁ ଆଲୋଚନା ପାଇଁ ଡାକିଲେ

**ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର (ବ୍ୟୁରୋ), ୨୭।୯**

ବିବାଦୀୟ କୃଷି ଆଇନ ବିରୋଧରେ ସୋମବାର ଦେଶବ୍ୟାପୀ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ଯୋଗୁ ପଞ୍ଜାବ, ହରିୟାଣା, ପଶ୍ଚିମ ଉତ୍ତରପ୍ରଦେଶ ସମେତ ଭାରତର ବିଭିନ୍ନ ଅଞ୍ଚଳରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ୩ କୃଷି ଆଇନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନକୁ ବର୍ଷେ ପୂରିଥିବାରୁ ୪୦ କୃଷକ ସଂଗଠନର ମହାସଂଘ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କଂଗ୍ରେସ, ବାମଦଳ ସମେତ ବିଭିନ୍ନ ଦଳ ଓ ସଂଗଠନ ସମର୍ଥନ ଜଣାଇବାରୁ ବିଭିନ୍ନ ଅଞ୍ଚଳରେ ବନ୍ଦ ଜୋର୍‌ଦାର ହୋଇଛି। ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଚାଷୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇବା ପରେ କେନ୍ଦ୍ର ସରକାର ନରମିଥିବା ଦେଖାଯାଇଛି। କୃଷକ ନେତାମାନେ ଆନ୍ଦୋଳନ ପନ୍ଥା ଛାଡ଼ି ଆଲୋଚନା ଟେବୁଲ୍‌କୁ ଆସିବା ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଆହ୍ୱାନ ଦେଇଛନ୍ତି। ସେମାନେ ଉଠାଇଥିବା ଆପତ୍ତି ଅଭିଯୋଗର ସମାଧାନ ପାଇଁ ସରକାର ପ୍ରସ୍ତୁତ ଥିବା ସେ କହିଛନ୍ତି। ☞ପୃଷ୍ଠା-୨

## ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୁଅନ୍ତୁ: କଂଗ୍ରେସ

**ନୂଆଦିଲ୍ଲୀ, ୨୭।୯(ପି.ଟି.)**

ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ଚାଷୀମାନେ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇବା ସହ ସୋମବାର ସାରା ଭାରତ ବନ୍ଦ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଆଲୋଚନାକୁ ଆସି ଚାଷୀମାନଙ୍କ ଆପତ୍ତି ☞ପୃଷ୍ଠା-୨

# ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ୪% ବଢ଼ିଛି

## ତ୍ରୈମାସିକ ନିଯୁକ୍ତି ସର୍ଭେ ରିପୋର୍ଟ ଉନ୍ମୋଚିତ

**ନୂଆଦିଲ୍ଲୀ,୨୭।୯**

ଦେଶର ସଙ୍ଗଠିତ କ୍ଷେତ୍ରର ନିଯୁକ୍ତି ଗତ ୭ ବର୍ଷରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ସୁଦ୍ଧା ୪% ହାରରେ ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ନୂତନ ଭାବେ ପ୍ରକାଶିତ ତ୍ରୈମାସିକ ନିଯୁକ୍ତି ସର୍ଭେ (କ୍ୟୁଇଏସ୍)ରେ ନିଯୁକ୍ତି ସଂକ୍ରାନ୍ତ ଏଭଳି ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଛି। ଏଥିରେ ବିନିର୍ମାଣ, ନିର୍ମାଣ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ହୋଟେଲ ଏବଂ ରେଷ୍ଟୁରାଣ୍ଟ, ଆଇଟି, ବିପିଓ ଏବଂ ଆଇଟି ସେବା ଭଳି ୯ ପ୍ରମୁଖ କ୍ଷେତ୍ରକୁ ସାମିଲ କରାଯାଇଛି। ଶ୍ରମ ଏବଂ ନିଯୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲୀ, ଶ୍ରମ ସଚିବ ସୁନୀଲ ବର୍ଥୱାଲ, ଶ୍ରମ ଏବଂ ନିଯୋଜନ ପ୍ରମୁଖ ପରାମର୍ଶଦାତା ଡି.ପି.ଏସ୍. ନେଗୀ, ଲେବର ବ୍ୟୁରୋର ମହାନିର୍ଦ୍ଦେଶକ ଆଇ.ଏସ୍.ନେଗୀ ପ୍ରମୁଖ ଉପସ୍ଥିତ ରହି ଏହି ରିପୋର୍ଟ ଉନ୍ମୋଚନ କରିଥିଲେ। କ୍ୟୁଏଏସ୍‌ର ପ୍ରଥମ ସଂସ୍କରଣ ମୁତାବକ ସଙ୍ଗଠିତ କ୍ଷେତ୍ରରେ ୩.୦୮ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ୨୦୧୩-୧୪ରେ ହୋଇଥିବା ୬ଷ୍ଠ ଅର୍ଥନୈତିକ ଜନଗଣନା ମୁତାବକ ଏହା ୨.୩୭ କୋଟି ରହିଥିଲା। ଏହା ତୁଳନାରେ ନିଯୁକ୍ତି କ୍ଷେତ୍ରରେ ୨୯% ଅଭିବୃଦ୍ଧି ଦେଖାଯାଇଛି।

ନିଯୁକ୍ତିରେ ମାନୁଫାକ୍ଚରିଂ ବା ବିନିର୍ମାଣ କ୍ଷେତ୍ର ପ୍ରାୟ ୪୧% ଯୋଗଦାନ ରଖିଛି। ସେହିଭଳି ଶିକ୍ଷା ୨୨%, ସ୍ୱାସ୍ଥ୍ୟ ୮%, ବାଣିଜ୍ୟ ଏବଂ ଆଇଟି ବିପିଓ ଭଳି କ୍ଷେତ୍ରଗୁଡିକ ୭% ଲେଖାଏ ନିଯୁକ୍ତି ଦେଇଛନ୍ତି। ଶ୍ରମିକଙ୍କ ନିଯୁକ୍ତି ସଂକ୍ରାନ୍ତ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"କୃଷି ଆଇନ ବିରୋଧରେ ଭାରତ ବନ୍ଦ ଯୋଗୁ ଜନସାଧାରଣ ସମ୍ମୁଖୀନ ହୋଇଥିବା ଅସୁବିଧାକୁ ଚାଷୀଙ୍କ ପାଇଁ ଭୁଲିଯାଆନ୍ତୁ।

– ରାକେଶ ଟିକାଏତ୍, ବିକେୟୁ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ବନ୍ଦ ପ୍ରଭାବରୁ ଆଲୋଚନା...

ପୂର୍ବରୁ ସରକାର ଓ କୃଷକ ନେତାମାନଙ୍କମଧ୍ୟରେ ଏକାଧିକ ଥର ଆଲୋଚନା ହୋଇଛି। ଯାହା କିଛି ଅସମାହିତ ରହିଛି ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ। ଚାଷୀ ଆନ୍ଦୋଳନକୁ ରାଜନୀତି ସହ ଯୋଡ଼ା ନ ଯାଉ ବୋଲି ତୋମାର କହିଛନ୍ତି। ସୋମବାର ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବନ୍ଦ ପାଳନ ଯୋଗୁ ବିଭିନ୍ନ ରୁଟ୍‌ରେ ଟ୍ରେନ୍ ବାତିଲ ହେବା ସହ କେତେକ ରୁଟ୍‌ରେ ଚଳାଚଳ ବିଳମ୍ବିତ ହୋଇଥିଲା। ଆନ୍ଦୋଳନକାରୀମାନେ ବିଭିନ୍ନ ପ୍ରମୁଖ ଜାତୀୟ ରାଜପଥ

ଅବରୋଧ କରିବା ସହ ଟ୍ରେନ୍ ଚଳାଚଳ ବନ୍ଦ କରାଇଥିଲେ। ବିଶେଷ କରି ଉତ୍ତର ଭାରତରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଗାଡ଼ି ଓ ଟ୍ରେନ୍ ଚଳାଚଳ ବନ୍ଦ ଯୋଗୁ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳ, ଗୁରୁଗ୍ରାମ, ଗାଜିଆବାଦ ଏବଂ ନୋଇଡାରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେରଳରେ ଶାସକ ଏଲ୍‌ଡିଏଫ୍ ଏବଂ ବିରୋଧୀ ଦଳ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର ସମର୍ଥନ ଯୋଗୁ ବନ୍ଦ ବେଶ୍ ସଫଳ ହୋଇଛି। ଦିଲ୍ଲୀରେ ବନ୍ଦ୍‌ର ବିଶେଷ ପ୍ରଭାବ ଦେଖାଯାଇ ନ ଥିଲେ ମଧ୍ୟ ସହର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଗାଜିଆବାଦ ସମେତ ବିଭିନ୍ନ ସ୍ଥାନରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପଞ୍ଜାବର ପଟିଆଲା ଏବଂ ହରିୟାଣାରେ ସୋନିପତ୍‌ଠାରେ ଚାଷୀମାନେ ରେଳ ଧାରଣାରେ ବସିରହି ଟ୍ରେନ ଚଳାଚଳ ବନ୍ଦ କରିଥିଲେ। ପଞ୍ଜାବ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ହରିୟାଣାର ବିଭିନ୍ନ ସ୍ଥାନରେ ରାଜପଥ ଅବରୋଧ କରାଯାଇଥିଲା। ଏହି ଆନ୍ଦୋଳନର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା। କଂଗ୍ରେସ ସମେତ ୭ଟି ରାଜନୈତିକ ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ପିକେଟିଂ କରି କେନ୍ଦ୍ର ଓ ରାଜ୍ୟ ବିରୋଧୀ ସ୍ଲୋଗାନ ଦେଇଥିଲେ। ରାଜ୍ୟର ପ୍ରମୁଖ ସହର ଗୁଡ଼ିକରେ ବନ୍ଦର ପ୍ରଭାବ ନଜରକୁ ଆସିଥିଲା। ଭୁବନେଶ୍ୱର ଏବଂ ବଲାଙ୍ଗୀରର କିଛି ସ୍ଥାନରେ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଥିବାବେଳେ ସାମାନ୍ୟ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା।

## ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ...

ଅଭିଯୋଗ ଶୁଣିବା ପାଇଁ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସରକାର ଚାଷୀଙ୍କ ଅଭିଯୋଗର ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଦେଶର ଶତ୍ରୁ ଭାବେ ଦର୍ଶାଇବାକୁ ଉଦ୍ୟମ ଚଳାଇଛନ୍ତି। ସେଥିପାଇଁ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିବା କଂଗ୍ରେସ କହିଛି। କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଂଗଠନଗୁଡ଼ିକ ବର୍ଷେ ହେଲା ଅହିଂସା ସତ୍ୟାଗ୍ରହ ଚଳାଇଛନ୍ତି। ସରକାର ଏହାକୁ ପସନ୍ଦ କରୁ ନ ଥିବାରୁ ସେମାନେ ଭାରତ ବନ୍ଦ ଡାକରା ଦେଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଚାଷୀଙ୍କ ପଛରେ ଆମେ ଏକାଠି ଛିଡ଼ା ନ ହେଲେ ଦେଶର ଭବିଷ୍ୟତ ଅନ୍ଧକାରକୁ ଚାଲିଯିବ ବୋଲି କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା କହିଛନ୍ତି। ଦେଶର ୬୦ ପ୍ରତିଶତ ଲୋକ ଚାଷୀ। ପ୍ରଧାନମନ୍ତ୍ରୀ ଅହଂକାରୀ ନ ହୋଇ ସେମାନଙ୍କ କଥା ଶୁଣନ୍ତୁ ବୋଲି ଖେରା ଆହ୍ୱାନ ଦେଇଛନ୍ତି।

## ଉଲଗ୍ନ କରି...

ସୁବିଧା ଅସୁବିଧା ବିଷୟରେ ପଚାରିବା ପରେ ପରିଚୟ ରଖିବା ସହ ଆମ ବିଷୟରେ ମଧ୍ୟ ପଚାରି ବୁଝିଥିଲେ। ଏହାପରେ କମ୍ପାନୀ ହେବାପରେ କ'ଣ ସବୁ ସୁବିଧା ମିଳିଛି ବୋଲି ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ କିଛି ମିଳିନାହିଁ କି ଆଗକୁ ମଧ୍ୟ ମିଳିବନି। କମ୍ପାନୀ ଆପଣଙ୍କ ଜମି ନେଇଛି କି, ଯାହାସବୁ ସୁବିଧା ମିଳିବା କଥା ମିଳିଛି ନା ନାହିଁ ପଚାରିବାରୁ ସେ କହିଛନ୍ତି, କମ୍ପାନୀ ହେବାପରେ କିଛି ପାଇନାହୁଁ। କେବଳ ୪୪ ସେଣ୍ଟ ଜମିର ଟଙ୍କା ମିଳିଛି। ପ୍ରତାରଣା କରିବାଟା ସମସ୍ତେ କରିବେ। କମ୍ପାନୀ ଯଦି କହିବା ଅନୁଯାୟୀ ଚାକିରି ଦେଇଥାଆନ୍ତା ତେବେ ତାଙ୍କ ସ୍ତ୍ରୀଙ୍କ ନାଁରେ ଥିବା ଏକ ଜମିକୁ ନେଇ ମାମଲା ଚାଲି ନ ଥାଆନ୍ତା।

ସେ ଆହୁରି କହିଛନ୍ତି, ମୋର ଦୋକାନ ଥିବା ପଟ୍ଟାଜମି ନେବାକୁ ମଧ୍ୟ କମ୍ପାନୀ ଚେଷ୍ଟା କରୁଛି। ଡାକ୍ତରଖାନା ପାଚେରି ସମ୍ମୁଖରେ ଥିବା ତାଙ୍କ ଜମିକୁ ଦେଖାଇ ସେ କହିଛନ୍ତି, ଡ୍ରେନ୍‌ଠାରୁ ହାତେ ଦି ହାତେ ରାସ୍ତା ଆଡ଼କୁ ତାଙ୍କର ପଟ୍ଟାଜମି ଅଛି। କିନ୍ତୁ ଏସବୁ ଉତ୍କଳ କମ୍ପାନୀ ଭାଙ୍ଗିବାକୁ ଚେଷ୍ଟା କରୁଥିଲା। ତହସିଲଦାର ଆସିଲେ ବାଉଣ୍ଡାରି ଆଡ଼କୁ ଚେନ ପକେଇ ଦେଉଛନ୍ତି ଆଉ ଯେମିତି ଭୁଡାଉଛନ୍ତି ତାହା ଜଣାପଡୁଛି। ସେପ୍ଟେମ୍ବର ୩ ତାରିଖରେ ତହସିଲଦାର ହାଇକୋର୍ଟଙ୍କ ନୋଟିସ ପାଇ ଜମି ମାପିବାକୁ ଆସିଥିଲେ। ଜମି ଯେମିତି ଅଛି ସେମିତି ମାପିଲେ ସିନା ହେବ। ସେମିତି ନ ମାପି କମ୍ପାନୀ ପାଖକୁ ଯାଇ ମୁଣାରେ ଟଙ୍କା ଭର୍ତ୍ତିକରି ଆସି ମାପିଲେ ଯାହା ସାଧାରଣ ଲୋକଙ୍କ ଅବସ୍ଥା ହେବ ତାହା ମୋର ହେଉଛି। ଏହା ହେଉଛି କମ୍ପାନୀ ଏବଂ ଆମ ପ୍ରଶାସକଙ୍କ କଥା। ପ୍ରଶାସକମାନେ ସବୁକିଛି ଜାଣୁଛନ୍ତି। ତହସିଲଦାର ଜାଣୁନାହାନ୍ତି

କି ଜମି କୋଉଠି ଅଛି। ୧୬ ବର୍ଷ ହେଲା ଆମ ଜମିରେ ଆମେ କିଛି କରିପାରୁ ନାହିଁ। ୫ରୁ ୭ ବର୍ଷ ହେଲା ଥାନା, ଜିଲାପାଳ ଅଫିସ, ତହସିଲ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ସମୟ ପଳାଇଲା। ଏହା ଭିତରେ ୩ ଥର ବାଉଣ୍ଡାରି ସେମାନେ କଲାବେଳେ ଭାଙ୍ଗିଛୁ। ଏହାପରେ କମ୍ପାନୀ ରାତାରାତି ବାଉଣ୍ଡାରି କରିଛି। ଆଉ ଯେତେବେଳେ ଭାଙ୍ଗିବାକୁ ଗଲୁ ଉଲଗ୍ନ କରି ରାସ୍ତାରେ ଚଲେଇକି ନେଲେ। ଥାନାରେ ରିପୋର୍ଟ ଦେବାପରେ ଯିଏ ଇଞ୍ଜିନିୟର ଥିଲେ ଆଟ୍ରୋସିଟି ମାମଲା ଲାଗିବା ଭୟରେ ପଳାଇଗଲେ ବୋଲି ଫେଲିକ୍ସ ଦୁଃଖର ସହ ନିଜ କଥା ବର୍ଣ୍ଣନା କରୁଥାଆନ୍ତି। ନିଜ କଥା ସାରିବା ପରେ ସେ ଆମକୁ ଡିମିଣ୍ଡି, ବାଗିରଝୋଲା, କୁଚେଇପଦର ଏବଂ ଡି କରଲ ଗାଁକୁ ଗଲେ କମ୍ପାନୀ ଓ ଅଫିସରଙ୍କ ଜୁଲମର ବହୁ ଚିତ୍ର ଦେଖିବାକୁ ମିଳିବ ବୋଲି କହି ରାସ୍ତା ଦେଖାଇଥିଲେ। ଆଉ ଏହାପରେ ଆମେ ଡିମିଣ୍ଡି ଏବଂ ସେଠାରୁ ବାଗିରଝୋଲା, କୁଚିପଦର, ଡି କରଲ ଗାଁକୁ ଯାଇ ଯାହା ଦେଖିଲୁ ତାହା ବର୍ଣ୍ଣନାକଲେ ଆଖିକୁ ଲୁହ ଆସିଯାଉଛି। ବାହାରୁ କିଏ ଯାଇ ପହଞ୍ଚିଲେ ଲୋକମାନେ ନିଜ ନାଁ ଲେଖିବାକୁ କହି ଖଣ୍ଡେ ଘର, ରାଶନକାର୍ଡ ଏବଂ ଭତ୍ତା ବ୍ୟବସ୍ଥା କରାଇଦେବାକୁ ଆକୁଳ ବିନତି କରୁଛନ୍ତି। କିଏ ଆସିଛି, କାହିଁକି ଆସିଛି ସେମାନେ କିଛି ବୁଝନ୍ତିନାହିଁ। ଏହି ଗାଁରୁ ମଧ୍ୟ ଜମି ନେଇଯାଇ ଉତ୍କଳ କମ୍ପାନୀ ୧୬ ବର୍ଷ ହେଲା କାହାକୁ ଟଙ୍କା ଦେଇନାହିଁ ତ ଆଉ କେହି ଜାଣିବା ପୂର୍ବରୁ ସେମାନଙ୍କ ଜମି ନିଜ ନାଁରେ ରେକର୍ଡ କରାଇ ନେଇଛି।

## ଡିଜେଲ ୨୬ ପଇସା...

ସହରରେ ଡିଜେଲ ଲିଟର ପିଛା ୯୭.୭୩ ଟଙ୍କା ଓ ପେଟ୍ରୋଲ ୧୦୨.୩୯ ଟଙ୍କା କାରବାର କରାଯାଉଛି। ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୨୫ ପଇସା ବଢିଥିବା ବେଳେ ପେଟ୍ରୋଲ ମୂଲ୍ୟ ସ୍ଥିର ରହିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୯.୩୨ ଟଙ୍କା ଏବଂ ପେଟ୍ରୋଲ ୧୦୧.୧୯ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୪ରୁ ୨୬ ପଇସା ବଢି ଯଥାକ୍ରମ ୯୩.୯୩ ଟଙ୍କା, ୯୨.୪୨ ଟଙ୍କା ଏବଂ ୯୬.୯୪ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୮.୯୬ ଟଙ୍କା, ୧୦୧.୬୨ ଟଙ୍କା ଏବଂ ୧୦୭.୨୬ ଟଙ୍କାରେ ରହିଛି। ଗତ କିଛି ଦିନ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉଚ୍ଚା ରହିବା ସାଙ୍ଗକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ଯୋଗୁ ଖାଉଟି ଉଚ୍ଚା ଦରରେ ତେଲ କ୍ରୟ କରୁଛନ୍ତି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଇଛନ୍ତି। କୋଭିଡ ମହାମାରୀ ସମୟରେ ଡିଜେଲ ଦର ବୃଦ୍ଧି ପାଇବା ଯୋଗୁ ପରିବହନ ବ୍ୟବସ୍ଥା ଓ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଫଳରେ ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଶେଷ ଥର ପାଇଁ ସେପ୍ଟେମ୍ବର ୫ରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ଘଟିଥିଲା। ୧୯ ଦିନର ବିରତି ପରେ ଚଳିତ ମାସ ୩ୟ ଥର ଲାଗି ଡିଜେଲ ଦରରେ ପରିବର୍ତ୍ତନ ଘଟିଛି।

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ...

୮୬.୩୩% ସହ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ୭୯.୫% ସହ ଦ୍ୱିତୀୟରେ ଥିବାବେଳେ ତୃତୀୟରେ ଥିବା କଟକର ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର କଟ୍ ଅଫ୍ ମାର୍କ ୭୫.୫% ରହିଛି। ସେହିଭଳି ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ସ୍କୁଲ ୭୦% ଓ ସଂସ୍କୃତରେ ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ଉଚ୍ଚ ମାଧ୍ୟମିକ ସ୍କୁଲ ୪୩.୧୭% ସହ ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ www.sam-sodisha.gov.in ପୋର୍ଟାଲରେ ଉପଲବ୍ଧ ହୋଇଛି। ଏହି ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୨୯ରୁ ଅକ୍ଟୋବର ୧ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ଏହି ପର୍ଯ୍ୟାୟ ନାମଲେଖା ପରେ ବଳକା ସିଟ୍ ପାଇଁ ଅକ୍ଟୋବର ୪ରେ ତାଲିକା, ୫ ସୁଦ୍ଧା ପଞ୍ଜୀକରଣ ଏବଂ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହାପରେ ଅକ୍ଟୋବର ୭ରେ ବଳକା ସିଟ୍ ପାଇଁ ନାମଲେଖା ହେବ। ତେବେ ଏଥର ୪ଲକ୍ଷ ୯୮ ହଜାର ୨୫୪ ଯୁକ୍ତ୨ ସିଟ୍ ପାଇଁ ୪ଲକ୍ଷ ୩୫ହଜାର ୬୧୨ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

## ସଙ୍ଗଠିତ କ୍ଷେତ୍ରରେ...

କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏହା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ କହିଛନ୍ତି। ରିପୋର୍ଟ ମୁତାବକ, ଲକ୍‌ଡାଉନରେ ୨୭% ସଂସ୍ଥା ପ୍ରଭାବିତ ହୋଇଛନ୍ତି। ସେହିଭଳି ଏହି ସମ୍ପୂର୍ଣ୍ଣ ଲକ୍‌ଡାଉନ ବେଳେ ମଧ୍ୟ ୮୧% କର୍ମଚାରୀ ସେମାନଙ୍କ ପୂର୍ଣ୍ଣ ଦରମା ପାଇଥିବା ଜଣାପଡ଼ିଛି। ଦେଶର ଆଇଟି ଏବଂ ବିପିଓ କ୍ଷେତ୍ରରେ ନିଯୁକ୍ତି ଅଭିବୃଦ୍ଧି ୧୫୨% ରହିଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ୭୭%, ଶିକ୍ଷାରେ ୩୯%, ବିନିର୍ମାଣରେ ୨୨%, ପରିବହନରେ ୬୮%, ନିର୍ମାଣ କ୍ଷେତ୍ରରେ ୪୨% ନିଯୁକ୍ତି ଅଭିବୃଦ୍ଧି ହୋଇଛି। ବାଣିଜ୍ୟ କ୍ଷେତ୍ରରେ ନିଯୁକ୍ତି ଅଭିବୃଦ୍ଧି ୨୫% ହ୍ରାସ ଘଟିଥିବା ବେଳେ ହୋଟେଲ ଏବଂ ରେଷ୍ଟୁରାଣ୍ଟ କ୍ଷେତ୍ରରେ ଏହା ୧୩% କମିଛି। ଆର୍ଥିକ ସେବା ନିଯୁକ୍ତି ଅଭିବୃଦ୍ଧି ୪୮% ରହିଛି।

ଦେଶର ୯୦% ସଂସ୍ଥାରେ ଶ୍ରମିକଙ୍କ ସଂଖ୍ୟା ୧୦୦ରୁ କମ୍ ହେବ। ଏହା ଅର୍ଥନୈତିକ ଜନଗଣନାରେ ୯୫% ରହିଥିଲା। ୩୫% ଆଇଟି ଏବଂ ବିପିଓ ସଂସ୍ଥା ଅନ୍ତତଃପକ୍ଷେ ୧୦୦ ଶ୍ରମିକଙ୍କୁ ନେଇ କାର୍ଯ୍ୟରତ। ଏହିବର୍ଗରେ ୧୩.୮% କମ୍ପାନୀ ୫୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରର ୧୮% ସଂସ୍ଥାରେ ୧୦୦ କିମ୍ବା ତଦୂର୍ଦ୍ଧ୍ୱ ନିଯୁକ୍ତି ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ଶ୍ରମ ଶକ୍ତି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ୨୯%କୁ ଖସିଛି। ଏହା ଅର୍ଥନୈତିକ ଜନଗଣନାରେ ୩୧% ରହିଥିଲା। ନିର୍ଦ୍ଧାରିତ ୯ କ୍ଷେତ୍ରରେ ରହିଥିବା ଶ୍ରମଶକ୍ତି ମଧ୍ୟରୁ ୮୮% ନିୟମିତ ନିଯୁକ୍ତି। ଏହି କ୍ଷେତ୍ରଗୁଡ଼ିକରେ ୨% କାଜୁଆଲ ବା ସାମୟିକ ଶ୍ରମିକ ରହିଛନ୍ତି। ନିର୍ମାଣ କ୍ଷେତ୍ରରେ ୧୮% କର୍ମଚାରୀ ଠିକାଭିତ୍ତିକ ହୋଇଥିବା ବେଳେ ୧୩% କାଜୁଆଲ ବୋଲି ଜଣାପଡ଼ିଛି। ୧୦ ଜଣ ଯାଏ ଲୋକଙ୍କୁ ନିଯୁକ୍ତି ଦେଇଥିବା ୯% ସଂସ୍ଥା କୌଣସି ପଞ୍ଜୀକରଣ କରିନାହାନ୍ତି। ସବୁ ସଂସ୍ଥାକୁ ବିଚାରକୁ ନେଲେ ୨୬% କମ୍ପାନୀ ଆଇନ ପରିସରଭୁକ୍ତ ହୋଇଛନ୍ତି। ଆଇଟି ଏବଂ ବିପିଓ ବର୍ଗରେ ୭୧% ସଂସ୍ଥା ପଞ୍ଜୀକୃତ। ନିର୍ମାଣ କ୍ଷେତ୍ରରେ ଏହା ୫୮%, ବିନିର୍ମାଣରେ ୪୬%, ପରିବହନରେ ୪୨%, ବାଣିଜ୍ୟରେ ୩୫% ଏବଂ ଆର୍ଥିକ ସେବା କ୍ଷେତ୍ରରେ ୨୮% ସଂସ୍ଥା ଏଭଳି ଆଇନ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ପ୍ରାୟ ୧୮% କମ୍ପାନୀ ନିଯୁକ୍ତିଭିତ୍ତିକ ଦକ୍ଷତା ତାଲିମ ପ୍ରଦାନ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରତେ ନ ଯିବୁ ମାଳୀକି,**
**କରଜ ନ ଦେବୁ ଶାଳୀକି,**
**ବିଲକୁ ନ ଦେବୁ ତଳିକି,**
**ଘର କଥା ନେଇ ଦାଣ୍ଡରେ କହିଲେ**
**ଭଗାରୀ ମାରନ୍ତି ତାଳିକି।**

ମାଳୀକୁ ବିଶ୍ୱାସ କରିବା ଠିକ୍ ନୁହେଁ। ଅର୍ଥ ନେଣଦେଣ ସଂପର୍କରେ ଭଙ୍ଗା ପକେଇଥାଏ। ତେଣୁ ଶାଳୀ ପରି ସମ୍ପର୍କୀୟାଙ୍କୁ ଧାର କରଜ ଦେବା ଉଚିତ ହୋଇ ନ ଥାଏ। ବିଲକୁ ତଳି ପକେଇବା ପାଇଁ ଦେବା ଅନୁଚିତ। ସେହିପରି ଘର କଥା ଦାଣ୍ଡରେ ଗପିବା ଠିକ୍ ନୁହେଁ। କାରଣ ଭଗାରି ଶୁଣିଲେ ତାଳି ମାରି ମଜା ଉଠେଇବାରେ ଆଦୌ ହେଳା କରୁନଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପୂବେଇ ବାଆ,**
**ଧାନ ର ମାଆ।।**

ସାଧାରଣତଃ ପୂର୍ବ ଦିଗରୁ ପବନ ବହିଲେ ଧାନଗଛ ଭଲ ବଢ଼ିବା ସହ ଅଧିକ ଧାନ ହୋଇଥାଏ। ପ୍ରକୃତି ସହ ଏ ସମ୍ପର୍କ ଏଂ ଅବସ୍ଥା ଚାଷୀ ପାଇଁ ଖୁସି ଆଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ଦୁରୂହ ହୋଇପଡ଼ିବ। ଆଜି ଯାହାକୁ ଯାହା କହିବେ ସେ ନିଶ୍ଚିତ କରିବ। ପରିସ୍ଥିତି ପ୍ରତି ଦୃଷ୍ଟି ନ ରଖିଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ, ମାତ୍ର ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ଅପୂରଣୀୟ ଆଶା ଓ ଅଭିଳାଷ ପୂରଣ କରିବେ। ସଭାସମିତିରେ କିମ୍ବା ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦୁର୍ବଳ ରବିଙ୍କ କୁପ୍ରଭାବରୁ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ କାମ କରିବା ଭଲ ହେବ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ବଢ଼ାଇଦେଇପାରେ। ଅଫିସିଆଲି କୌଣସି ନିଷ୍ପତ୍ତି ପାଇଁ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି।

**କର୍କଟ** ଆଜି ଯାହା କରିବେ କରନ୍ତୁ ସଫଳତା ନିଶ୍ଚିତ ପାଇବେ। ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବାରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମରେ ଆଗୁଆ ରହିବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ଶୁକ୍ରଙ୍କ ପ୍ରଭାବରୁ କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଏବଂ ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ବିଛା** ଶାରୀରିକ ସୁସ୍ଥତା ମାନସିକ ସୁସ୍ଥତାକୁ ବୃଦ୍ଧି କରିବ। ଆଜିର କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଯିବା, ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଅନୁକୂଳ ନ ହେଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ।

**କୁମ୍ଭ** ଅଭାବ ସୁଧାରିବାକୁ ଯାଇ ଧାର ଉଧାର କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ସମସ୍ୟା ଆସିଲେ ମଧ୍ୟ ପରକ୍ଷଣରେ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଧୁରିଯିବ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

## ଏସ୍‌ସିବିରୁ ସୁସ୍ଥ ହୋଇ ଫେରିଲେ କ୍ୟାମେରାମ୍ୟାନ୍ ପ୍ରଭାତ

**କଟକ ଅଫିସ, ୨୭।୯:** କଟକ ମୁଣ୍ଡଳି ବ୍ୟାରେଜ ନିକଟରେ ବୋଟ୍ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଓଟିଭି କ୍ୟାମେରାମ୍ୟାନ୍ ପ୍ରଭାତ ସିହ୍ନା ସୋମବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଘର ପୁରୀ ଜିଲା ନିମାପଡ଼ା ବ୍ଲକ ଚାରିଛକ ଅଞ୍ଚଳରେ। ଡିସ୍‌ଚାର୍ଜ ହେବା ପରେ ସେ କହିଛନ୍ତି, ସମସ୍ତଙ୍କର ଆଶୀର୍ବାଦ ଯୋଗୁ ଆଜି ମୁଁ ନୂଆ ଜୀବନ ପାଇଛି। ମନରେ ଦୁଃଖ ରହିଗଲା ଅରିନ୍ଦମ ଭାଇ ମୋତେ ଛାଡ଼ି ଚାଲିଗଲେ। ଦୁର୍ଘଟଣା ପରେ ମୁଁ ବୋଟ୍ ତଳେ ବହୁ ସମୟ ରହି ଯାଇଥିଲି। ବହୁ ସଂଘର୍ଷ କରି ବାହାରକୁ ଆସିଲି।


# classifieds Everyday
0674-2580101, 2549302

automobile

**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call- 8093080009/10. D-21768

real estate

**SALE**

**"2 Nos of Plots are for Sale. 2700sqft. at Godia Pokhri and 4600 sqft. near Jatni Gate 500mtr from NH. Contact 7077735599".** D-21736

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: **9861814701**, Dist.- **Khordha.** D-21646

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

ଭୁବନେଶ୍ୱର **Khordha NH side** ପିତାପଲ୍ଲୀ ଏବଂ **Sum Hospital 4 k.m. Ri Training Centre** ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। **Owner: 9090963952.** D-71703

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008. D-21774

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ** ମିଳୁଛି। **9437033320.** D-71705

2BHK North facing flat 1100sqft. at BMC Bhawani, Sahid Nagar, Bhubaneswar for immediate sale. Brokers Excuse. Contact: 9337192262, 9937889778. D-71166

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ **1,2,3BHK, Simplex, Duplex** ଅଛି। **8327785834, 9658122456.** D-71701

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71702

**Gharabari plot for sale between Twincity just 11k.m. from Vanivihar Square, 5.k.m. from Hanspal Chhak, immediate registration and possession with boundarywall. Contact: 7789912004.** D-71171

construction

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710

healthcare

Ashirvaad Salon and SPA get good massage for your health tha best therapy. 7077181074. D-70487

Take wellness relax massage trained ladies/ gents therapist 800/-, 7008773793. D-71417

Newly open full body massage ladies and gents. 8327740003. D-70486

**Refreshing your mind, your body with tha best therapy at Lotus Spa. 8018891951.** D-70488

Newly Open Saikrupa Panchakarma Spa positively health benefits with Expert. 8984068077. D-21717

Swarna SPA newly open positively health benefits with expert therapist. 9556978408. D-71172

Monalisa massage Club: All types Body massage with hiprofile smart lady rooms service available. 9708545108. D-21775

**AFFIDAVIT**

Affidavit before Executive Magistrate Hindol, I Puspalata Jenamani, W/o. Late Bansidhar Jenamani, At/PO-Balimi, Dhenkanal changed my Son's name from Sipun Jenamani to Tapas Jenamani for LIC Policy-583821916 and all purposes. D-70354

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**


Sanghamitra Patra (Mama)
42Mouza, Cuttack
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ:-** ତୋର ଭାଇ, ବାପା, ବୋଉ, ନନା ପାପା, ବଡ଼ମାମା, ପାପା, ମାମା, ଛୁଆପାପା, ଅଜା ଓ ଆଈ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୨୭,୭୪,୮୧୭ | ୪୭,୬୪,୫୩୯ | ୨୦,୯୪,୧୧,୨୦୨ |
| ଭାରତ | ୩,୩୬,୯୪,୯୪୦ | ୪,୪୭,୩୬୨ | ୩,୨୯,୪୮,୯୨୮ |
| ଓଡ଼ିଶା | ୧୦,୨୪,୭୬୪ | ୮୧୮୦(+୫୩) | ୧୦,୧୧,୪୮୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମୁହେଁ ମୁହେଁ କହି ହଇରାଣ ହୋଇଛି


ସମରେଶ ରାଉତରାୟ

**କେବେ ସେ ନାୟକ ସାଜି ଦର୍ଶକଙ୍କ ମନ ଜିତିଛନ୍ତି ତ କେବେ ଖଳନାୟକ ସାଜି ନିଜର ଭିନ୍ନ ରୂପ ଦେଖାଇଛନ୍ତି। ଯେକୌଣସି ଚରିତ୍ରକୁ ନିଖୁଣ ଭାବେ ନିଭାଇ ପାରୁଥିବା ଅଭିନେତା ଜଣକ ହେଲେ ସମରେଶ ରାଉତରାୟ। ହିନ୍ଦୀ ଚଳଚ୍ଚିତ୍ର 'ଭଗତ ସିଂ'ରେ ଅଭିନେତା ସନି ଦେଓଲଙ୍କ ସହ ମଧ ସେ ସ୍କ୍ରିନ୍ ଶେୟାର କରିଛନ୍ତି। ପ୍ରଯୋଜନା କ୍ଷେତ୍ରରେ ମଧ ସେ ସଫଳତା ସାଉଁଟିପାରିଛନ୍ତି। ଯାଜପୁର ଜିଲା ବାଲିଚନ୍ଦ୍ରପୁର ଶିପୁରାରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତା ବର୍ତ୍ତମାନ ଭୁବନେଶ୍ୱର ରସୁଲଗଡ଼ରେ ରହୁଛନ୍ତି। କିଛି ଜଣା ଅଜଣା କଥାକୁ ନେଇ ସମରେଶଙ୍କ ସହ 'ଧରିତ୍ରୀ'ର ବନ୍ଦନା ସେଠୀଙ୍କ ଆଳାପ।**

**ଧରିତ୍ରୀ ଆଳାପ**

**ପ୍ରଶ୍ନ- ସଙ୍ଗୀତ ମହାବିଦ୍ୟାଳୟରୁ ଏନ୍‌ଏସ୍‌ଡିର ଯାତ୍ରା କିପରି ଥିଲା?**

ଉତ୍ତର- ଯାତ୍ରା ଖୁବ୍ ଭଲ ଥିଲା। ସଙ୍ଗୀତ ମହାବିଦ୍ୟାଳୟରେ ମୁଁ ଡ୍ରାମା ଛାତ୍ର ଭାବେ ଶିକ୍ଷା ଆରମ୍ଭ କରିଥିଲି। ଏହାପରେ ନିର୍ଦ୍ଦେଶନା ବିଭାଗରେ ପିଜି କଲି। ସେଠାରେ ବିଜୟ ମହାନ୍ତି ଓ ଅଜିତ୍ ଦାସଙ୍କୁ ଦେଖି ଏନ୍‌ଏସ୍‌ଡି ଯିବାର ସ୍ୱପ୍ନ ଦେଖିଥିଲି। ଏନ୍‌ଏସ୍‌ଡିରେ ନିର୍ଦ୍ଦେଶନା ବିଭାଗରେ ଆବେଦନ କରିଥିଲେ ବି ମତେ ଅଭିନୟରେ ପଢ଼ିବାର ସୁଯୋଗ ମିଳିଲା। ସଙ୍ଗୀତ ମହାବିଦ୍ୟାଳୟ ଓ ଏନ୍‌ଏସ୍‌ଡିର ସେହି ୮/୧୦ବର୍ଷରେ ମତେ ଜୀବନରେ ବହୁତ କିଛି ଶିଖିବାକୁ ମିଳିଥିଲା। ଆଜି ମୁଁ ଯେଉଁଠାରେ ପହଞ୍ଚିଛି ସବୁ ସେଥିରୁ ଶିଖିଛି।

**ପ୍ରଶ୍ନ- ହିନ୍ଦୀ ଫିଲ୍ମ କରିବା ପରେ ବି ମାୟାନଗରୀ ମୁମ୍ବାଇ ଛାଡ଼ି ଓଡ଼ିଶା କାହିଁକି ଆସିଲେ?**

ଉତ୍ତର- ମୁଁ ସେଠି କିଛି ଭଲ କାମ କରିବା ପାଇଁ ଚେଷ୍ଟା କରିଥିଲି। ମାତ୍ର ସେପରି ବିଶେଷ କିଛି ଘଟି ନ ଥିଲା। ଏହି ସମୟରେ ଓଡ଼ିଆ ଚଳଚ୍ଚିତ୍ର 'ମୋ ସୁନାପୁଅ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ମିଳିଲା। ତେଣୁ ମୋ ନିଜ ମାଟି, ନିଜ ଲୋକଙ୍କ ପାଖରେ କାମ କରିବାକୁ ଭଲ ଲାଗିବ ବୋଲି ଆସିଥିଲି। ଫିଲ୍ମ କରିବା ପରେ ଆଉ ଏଠାରୁ ଛାଡ଼ିକି ଯାଇନି।

**ପ୍ରଶ୍ନ- ଓଡ଼ିଶାରୁ ଯାଇଥିଲେ ବୋଲି ସେପରି କିଛି ଘଟିଲା ନାହିଁ ନା ଅନ୍ୟ କିଛି କାରଣ ରହିଛି?**

ଉତ୍ତର- ସେପରି କିଛି ନାହିଁ। ସତ କହିବାକୁ ଗଲେ ୨୦୦୦ ବେଳକୁ ମୁମ୍ବାଇରେ ବହୁତ କମ୍ କାମ ହେଉଥିଲା। ଫିଲ୍ମ କମ୍ ଆସୁଥିଲା ଓ ଟେଲିଭିଜନ ଇଣ୍ଡଷ୍ଟ୍ରି ବହୁତ ବଡ଼ ହୋଇ ନ ଥିଲା। ଆମେ ଯେତେ ପରିମାଣର ଲୋକ ଥିଲୁ, ତା ତୁଳନାରେ କାମ ବହୁତ କମ୍ ହେଉଥିଲା। ତେଣୁ ନିଜ ମାଟିରେ କିଛି କରିବି ବୋଲି ଚାଲି ଆସିଥିଲି। ଏବେକାର ସମୟ ଅଲଗା। ଏବେ ଫିଲ୍ମ ଅଧିକା ହେଉଛି, ଟେଲିଭିଜନ ଓ ୱେବ୍ ଚ୍ୟାନେଲ୍ ବହୁତ ଅଧିକ ହୋଇଗଲାଣି।

**ପ୍ରଶ୍ନ- ନାୟକରୁ ଖଳନାୟକ କିପରି ହେଲେ?**

ଉତ୍ତର- ଜଣେ କଳାକାର ନାୟକ, ଖଳନାୟକ, ହାସ୍ୟାଭିନେତା କିଛି ବି ଚରିତ୍ର କରିପାରିବ। ଏବେ ମୁଁ ଏକ ଧାରାବାହିକରେ ବାପାର ଚରିତ୍ର କରିସାରିଛି। ଅଭିନେତାର କାମ ହେଲା ଅଭିନୟ କରିବା। ସେ ଯେକୌଣସି ଚରିତ୍ର ହୋଇଥାଉ ନା କାହିଁକି। ଜଣେ ଡ୍ରାଇଭରକୁ ମର୍ସିଡିଜ୍ ଦେଲେ ସେ ଚଲେଇବ ସ୍ୱିଫ୍ଟ ଦେଲେ ବି ଚଲେଇ ପାରିବ। ଯାତ୍ରା କୋଉଠିକୁ କରୁଛି ତାହା ହିଁ ବଡ଼ କଥା।

**ପ୍ରଶ୍ନ- ଅଭିନୟ ଓ ଅଭିନେତା ସମ୍ପର୍କରେ କ'ଣ କହିବେ?**

ଉତ୍ତର- ଅଭିନୟ ଏକ ଶବ୍ଦ ଯାହା ବ୍ୟବହାର କରାଯାଏ। ମାତ୍ର ଯେଉଁମାନେ ପରଫେକ୍ଟ ଅଭିନେତା ସେମାନେ କେବେ ଅଭିନୟ କରନ୍ତି ନାହିଁ। ସେମାନେ ଚରିତ୍ର ଭିତରେ ପୂରା ମଜ୍ଜିଯାଆନ୍ତି। ଭଲ ଅଭିନେତା ସିଏ, ଯିଏ ଅଭିନୟ କରୁଛି ବୋଲି ଅନ୍ୟମାନେ ଜାଣିପାରିବେ ନାହିଁ। ତାଙ୍କ ଅଭିନୟ ଭିତରେ ସେତିକି ବାସ୍ତବତା ରହିବା ଦରକାର।

**ପ୍ରଶ୍ନ- ଏବେ ଓଡ଼ିଶାର ଫିଲ୍ମ ଇଣ୍ଡଷ୍ଟ୍ରିର ସ୍ଥିତି କିପରି ରହିଛି?**

ଉତ୍ତର- କରୋନା ପରେ ଏବେ ଧୀରେ ଧୀରେ କାମ ଚାଲିଛି। ଟେଲିଭିଜନ ଇଣ୍ଡଷ୍ଟ୍ରି ମଧ ଆକ୍ଟିଭ ହୋଇଛି। ଏହା ଏକ ପ୍ରାଇଭେଟ୍ ସେକ୍ଟର ବିଜ୍‌ନେସ୍ ହୋଇଥିବାରୁ ଏଥିରେ କିଛି ପରିବର୍ତ୍ତନ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ଚାହିଁଲେ ହେବ। ଆଗ ଅପେକ୍ଷା ଓଡ଼ିଆ ଚଳଚ୍ଚିତ୍ରରୁ ଦର୍ଶକମାନେ ମୁହଁ ଫେରାଉଛନ୍ତି। ଫିଲ୍ମ ଦେଖିବାର ଧାରା ପରିବର୍ତ୍ତନ ହୋଇଗଲାଣି। ଆଗରୁ ହଲ୍‌କୁ ଯାଇ ଫିଲ୍ମ ଦେଖୁଥିଲେ ଏବେ ମୋବାଇଲ୍‌ରେ ଦେଖୁଛନ୍ତି। ଜେନେରେଶନ ବଦଳି ଗଲାଣି।

**ପ୍ରଶ୍ନ- କ'ଣ କଲେ ପୁଣି ଥରେ ଦର୍ଶକମାନେ ଓଡ଼ିଆ ଚଳଚ୍ଚିତ୍ର ଆଡକୁ ଆକୃଷ୍ଟ ହେବେ?**

ଉତ୍ତର- କିଛି ବି କରି ହେବନି। ଓଡ଼ିଆ, ହିନ୍ଦୀ, ତେଲୁଗୁ ସବୁ ଇଣ୍ଡଷ୍ଟ୍ରି ସମାନ। ଫରକ କେବଳ ଏତିକି, ସେମାନଙ୍କ ପାଖରେ ପଇସା ଅଛି ଆଉ ଆମ ପାଖରେ ନାହିଁ। ସେମାନଙ୍କର ମାର୍କେଟ ବହୁତ ବଡ଼ ତେଣୁ ଦର୍ଶକ ବି ବହୁତ। ସେମାନେ ଇଣ୍ଟରନ୍ୟାଶନାଲ୍ ମାର୍କେଟରେ କାମ କରୁଛନ୍ତି। ଆମେ କମ୍ ପଇସାରେ କାମ କରୁଛୁ। ଇଚ୍ଛାପୁର, ଖଡଗପୁର ଟପିଗଲେ କେହି ଓଡ଼ିଆ ବୁଝି ପାରିବେ ନାହିଁ। ଆମ ମାର୍କେଟ ହିଁ ଛୋଟ। ତେଣୁ ଛୋଟ ମାର୍କେଟ ଓ କମ୍ ପଇସାରେ ଆମ ଇଣ୍ଡଷ୍ଟ୍ରି ଚାଲିଛି।

**ପ୍ରଶ୍ନ- ଆଗକୁ କ'ଣ କରିବାକୁ ଇଚ୍ଛା ରହିଛି?**

ଉତ୍ତର- ଶୋଇକି ସ୍ୱପ୍ନ ଦେଖିବା ଅପେକ୍ଷା କର୍ମ ଉପରେ ଧ୍ୟାନ ଦେବା ଉଚିତ୍। ଇଚ୍ଛା ବହୁତ କିଛି ରହିଛି, କିନ୍ତୁ ସବୁ ଇଚ୍ଛା ପୂରଣ ହୁଏନାହିଁ। ଅଭିନେତା ହେବା ପାଇଁ ମୋର କେବେ ଇଚ୍ଛା ନ ଥିଲା। ବାସ୍ ହଉ ହଉ ହେଇଯାଇଛି। ଏବେ ପ୍ରଯୋଜନା କରୁଛି। ଆଗକୁ ନିଜର କିଛି ଫିଲ୍ମ କରିବା ପାଇଁ ଯୋଜନା ରହିଛି। ନିଜର ୟୁଟ୍ୟୁବ୍ ଚ୍ୟାନେଲ ଚାଲୁଛି, ମ୍ୟୁଜିକ୍ ପୋର୍ଟାଲ କରୁଛି। ଆଗକୁ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇପାରେ।

**ପ୍ରଶ୍ନ- ଫିଟ୍ ରହିବାକୁ କ'ଣ କରନ୍ତି?**

ଉତ୍ତର- ଠିକ୍ ସମୟରେ ଶୁଏ, ଠିକ୍‌ରେ ଉଠେ, ଆଉ ଠିକ୍‌ଠାକ୍ ଖାଏ। ମୁଁ ଡାଏଟିଂ କରେନି। ଆବଶ୍ୟକତା ପଡ଼େନି।

**ପ୍ରଶ୍ନ- କ'ଣ ଖରାପ ଅଭ୍ୟାସ ରହିଛି?**

ଉତ୍ତର- ମୁହେଁ ମୁହେଁ ସବୁକଥା କହିଦିଏ ଏବଂ ରାଗିଯାଇ ଗାଳି କରେ। ଏଥିପାଇଁ ବହୁତ ହଇରାଣ ବି ହୋଇଛି।




# ବଜ୍ରପାତରେ ଗଲା ୩ ଜୀବନ

**ସମ୍ବଲପୁର,୨୭।୯(ବ୍ୟୁରୋ):** ସମ୍ବଲପୁର ଜିଲା ଝୁଝୁମୁରା ଥାନା କୁସାମୁରା ବଡମାଲ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ୩ଜଣଙ୍କ ଅକାଳ ମୃତ୍ୟୁ ଘଟିଛି। ସେମାନେ ହେଲେ ଚାଷୀ ଦମ୍ପତି ଅନ୍ତର୍ଯାମୀ ମାଝି (୪୫) ଓ ପଦ୍ମିନୀ (୩୭) ଏବଂ ଶ୍ରମିକ ବୁଧୁଆ ବାଗେ (୨୫)। ଏମାନେ ବିଲରେ କାମ କରୁଥିବାବେଳେ ଅପରାହ୍ନ ୩ଟା ସମୟରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ସମସ୍ତେ ନିକଟରେ ଥିବା ଏକ ମହୁଲ ଗଛ ତଳକୁ ଯାଇ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ଉପରୋକ୍ତ ୩ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଝୁଝୁମୁରା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।




WANTED
ଧରିତ୍ରୀ DHARITRI Oriya daily
is looking for
ACCOUNTS EXECUTIVES

- Candidates should have at least 3 years+ experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

# ଅସିତ ତ୍ରିପାଠୀ ଭୁବନେଶ୍ୱର କ୍ଲବ ସଭାପତି

## ବିଶାଳ ଦେବ ସମ୍ପାଦକ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ବହୁ ଚର୍ଚ୍ଚିତ ଭୁବନେଶ୍ୱର କ୍ଲବ ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଭୁବନେଶ୍ୱର କ୍ଲବ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଅନ୍ୟତମ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କୁ ୨୭୮ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଏହି ନିର୍ବାଚନରେ ଅସିତଙ୍କୁ ମୋଟ ୭୭୬ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜୟଙ୍କୁ ୪୯୮ଖଣ୍ଡ ମିଳିଥିଲା।


ଅସିତ ତ୍ରିପାଠୀ

ସେହିପରି କ୍ଲବର ସମ୍ପାଦକ ଭାବେ ବିଶାଳ କୁମାର ଦେବ ବିଜୟୀ ହୋଇଥିବା ବେଳେ ଉପ ସଭାପତି ଭାବେ ମହେନ୍ଦ୍ର ଗୁପ୍ତା, ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ମିଶ୍ର ବିଜୟୀ ହୋଇଛନ୍ତି। ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ଭାବେ ଦେବବ୍ରତ ବିଶ୍ୱାଳ, ପାର୍ଥଜିତ ପଟ୍ଟନାୟକ, ପ୍ରଗତି କୁମାର ମହାନ୍ତି, ଶରତ ଚନ୍ଦ୍ର ଭଦ୍ର, ଟୁଟୁଲ କିଶୋର ଦାସ ଏବଂ ପିଭି ମୋହନ ନିର୍ବାଚିତ ହୋଇଛନ୍ତି।

ଭୁବନେଶ୍ୱର କ୍ଲବ ସଭାପତି ନିର୍ବାଚିତ ହେବା ପରେ ଅସିତ କହିଛନ୍ତି, ଏହା ୭୦ ବର୍ଷରୁ ଅଧିକ ସମୟର କ୍ଲବ। ଯେଉଁ ଉଦ୍ଦେଶ୍ୟରେ ଏହି କ୍ଲବ ଗଠନ କରାଯାଇଥିଲା, ତା'ର ଉଦ୍ଦେଶ୍ୟ ପୂରଣ ହୋଇପାରି ନାହିଁ। କ୍ଲବ କହିଲେ କେବଳ ଏକ ବାର୍ କି ରେଷ୍ଟୁରାଣ୍ଟ ନୁହେଁ। ତାଙ୍କ ନବ ନିର୍ବାଚିତ ଟିମ୍ କ୍ଲବକୁ ଏକ ନୂଆ ଦିଗରେ ଆଗେଇ ନେବ।

ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବର ୩୧ରେ ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଇଥିଲେ ଅସିତ ତ୍ରିପାଠୀ। ଏହା ପରେ ସରକାର ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ଆଞ୍ଚଳିକ ବିକାଶ, ପର୍ଯ୍ୟଟନ, କୃଷି, ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ସେ ଭୁବନେଶ୍ୱର ଗଲ୍‌ଫ କ୍ଲବ୍ ସଭାପତି ରହିଛିନ୍ତି। ଭୁବନେଶ୍ୱର କ୍ଲବରେ ରାଜନେତା, ଆଇଏଏସ୍ ଓ ଶିଳ୍ପପତିମାନେ ସଦସ୍ୟ ଅଛନ୍ତି। ୨୦୧୩ରେ ଶେଷଥର ଲାଗି କ୍ଲବର ନିର୍ବାଚନ ହୋଇଥିଲା। ପୂର୍ବତନ ସଭାପତି ପ୍ରିୟବ୍ରତ ପଟ୍ଟନାୟକଙ୍କ ମୃତ୍ୟୁ ପରେ ସଭାପତି ପଦବୀ ଖାଲି ରହିଥିଲା।

## କଟକ କ୍ଲବ: ସଂଯୁକ୍ତା ସଭାପତି, ସାତ୍ୟକୀ ସମ୍ପାଦକ


ସଂଯୁକ୍ତା ମହାପାତ୍ର

**କଟକ ଅଫିସ,୨୭।୯:** କଟକ କ୍ଲବର ବିଭିନ୍ନ ପଦବୀ ପାଇଁ ରବିବାର କ୍ଲବ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଡ. ସଂଯୁକ୍ତା ମହାପାତ୍ର, ଉପ ସଭାପତି ଡ. ଜନ୍ମେଜୟ ମହାପାତ୍ର, ସମ୍ପାଦକ ସାତ୍ୟକୀ ଘୋଷ, ଯୁଗ୍ମ ସମ୍ପାଦକ ସତ୍ୟମୋହନ ରଥ ଓ କୋଷାଧ୍ୟକ୍ଷ ଭାବେ କମଳ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ଭାବ ଅବ୍‌ଦୁଲ ରଉଫ ସଲାତ, ଆଲୋକ ପଟ୍ଟସିଆ, ଗିରୀସ କୁମାର ମୋଦି, ଗୋପାଳ ଅଗ୍ରୱାଲ, ରଘୁନାଥ ଭୁତ୍, ରାଜନାଥ ରାୟ, ସମ୍ବିତ ଦାଶ, ଶ୍ୟାମ ଅଗ୍ରୱାଲ ଓ ବିଜୟ ସ୍ୱାଇଁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଡ. ସନ୍ତୋଷ କୁମାର ମୋଡା, ବିନୋଦ ଦାଶ, ଜ୍ଞାନେନ୍ଦ୍ର କୁମାର ଶର୍ମା ଓ ଅଶୋକ କୁମାର ଚିଲିଚିଲା ରହିଥିବାବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ନିଶିକାନ୍ତ କର, ଡ. ପ୍ରଫୁଲ୍ଲ କୁମାର ସାହୁ, ନିର୍ବାଚନ ଅଧିକାରୀ ଶ୍ୟାମଲ କୁମାର ଶାହା ନିର୍ବାଚନ ପରିଚାଳନା କରିଥିଲେ। ଡ. ମହାପାତ୍ର ପୂର୍ବରୁ ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଥିଲେ।

# ରାଜ୍ୟରେ ତୃତୀୟ ଲହର ପ୍ରଭାବ ପଡ଼ି ନ ପାରେ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ):** ଓଡ଼ିଶାରେ କରୋନା ତୃତୀୟ ଲହରର ବିଶେଷ କିଛି ପ୍ରଭାବ ପଡ଼ି ନ ପାରେ। ବର୍ତ୍ତମାନ ରାଜ୍ୟରେ ଯେଉଁ ସଂକ୍ରମଣ ବଢ଼ିଛି, ତାହା ସେତେ ଅଧିକ ନୁହେଁ। ସେହି ଟ୍ରେଣ୍ଡକୁ ଦେଖିଲେ ଆମେ ଭଲ ସ୍ଥିତିରେ ରହିବା ପରି ଲାଗୁଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୋମବାର କହିଛନ୍ତି। ସେ କହିଛନ୍ତି, ସେରୋ ସର୍ଭେ ରିପୋର୍ଟ ମଧ ବହୁତ ଭଲ ଆସିଛି। ସମସ୍ତ ବର୍ଗର ଲୋକଙ୍କ ଶରୀରରେ ଭଲ ଆଣ୍ଟିବଡି ବିକଶିତ ହୋଇଛି। ସ୍ୱାସ୍ଥ୍ୟକର୍ମୀଙ୍କର ୯୩ ପ୍ରତିଶତ ଓ ସାଧାରଣ ଲୋକଙ୍କର ୭୩ ପ୍ରତିଶତ ଆଣ୍ଟିବଡ଼ି ବିକଶିତ ହୋଇଛି। ଟିକା ନେଇଥିବା ଲୋକଙ୍କର ବି ଭଲ ଆଣ୍ଟିବଡି ରହିଛି। କୋଭିଶିଲ୍ଡ ଓ କୋଭାକ୍ସିନ ଭିତରେ କିଛି ତଫାତ୍ ନ ଥିବା ଜଣାପଡିଛି। ଏହାବାଦ୍ ଗ୍ରାମାଞ୍ଚଳ ଲୋକଙ୍କଠାରେ ବି ଭଲ ଆଣ୍ଟିବଡି ବିକଶିତ ହୋଇଛି। ରାଜ୍ୟରେ ଏବେ କରୋନା ନିୟନ୍ତ୍ରଣରେ ଅଛି। ଭୁବନେଶ୍ୱର, କଟକରେ କିଛି ଅଧିକ ରହୁଛି। ଆଗକୁ ପାର୍ବଣ ଅଛି। ଭଲ ରିପୋର୍ଟ ଆସିଥିଲେ ବି ଅତ୍ୟଧିକ ଖୁସି ହୋଇ ସାମାଜିକ କଟକଣାକୁ ଉଲ୍ଲଂଘନ କରିବା ନାହିଁ। ଆସନ୍ତା ନଭେମ୍ବର ପର୍ଯ୍ୟନ୍ତ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ସେହିପରି ଦ୍ୱିତୀୟ ଲହର ଭଳି କରୋନାର ତୃତୀୟ ଲହର ଏତେ ସାଂଘାତିକ ହେବନି ବୋଲି ବରିଷ୍ଠ ଭାଇରୋଲୋଜିଷ୍ଟ ଡା. ଗଗନଦୀପ କଙ୍ଗ କହିଛନ୍ତି। ଏପରିକି କରୋନା ଭୂତାଣୁର ନୂଆ ଭାରିଆଣ୍ଟ ମଧ ଆସି ନ ପାରେ ବୋଲି ସେ କହିଛନ୍ତି। ସେପଟେ ରାଜ୍ୟରେ ଅଣସଂକ୍ରାମକ ରୋଗ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ଆମେ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ କଲୁ, ଯାହାଦ୍ୱାରା କିଛି ରୋଗୀ ଚିହ୍ନଟ ହେଲେ। କିନ୍ତୁ ଅଣସଂକ୍ରାମକ ରୋଗ ବଢ଼ିଗଲା ବୋଲି କହିପାରିବାନି।

## ଆଉ ୪୪୪ ପଜିଟିଭ ଚିହ୍ନଟ, ୫ ମୃତ

ରାଜ୍ୟରେ କରୋନା ସଂକ୍ରମଣ କମିବା ସହ ନିୟନ୍ତ୍ରଣରେ ରହିଛି। ଗତ ୨୪ ଘଣ୍ଟାରେ ମୋଟ ୬୨,୭୧୫ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨୩ ଜିଲାରୁ ୪୪୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ୫୯ଜଣ ରହିଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୭୦ ଓ କଟକରୁ ୭୩ଜଣ ରହିଥିବାବେଳେ ବାକିସବୁ ଜିଲାରୁ ଏହି ସଂଖ୍ୟା ୫୦ ତଳେ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୨୪,୭୬୪ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୫ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ୩ଜଣ ଥିବାବେଳେ ନବରଙ୍ଗପୁରରେ ୨ଜଣ ଅଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୧୮୦କୁ ବୃଦ୍ଧି ପାଇଛି। ଅପରପକ୍ଷେ ସୋମବାର ରାଜ୍ୟରେ ଆଉ ୬୫୩ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୧୦,୧୧,୪୮୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୫,୦୪୯ଜଣ ସକ୍ରିୟ ରୋଗୀ ରହିଛନ୍ତି।



> ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। –ଶ୍ରୀଅରବିନ୍ଦ

# ଡିଜିଟାଲ ସ୍ୱାସ୍ଥ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ଡିଜିଟାଲ ହେଲ୍ଥ ମିଶନ (ପିଏମ୍-ଡିଏଚ୍ଏମ୍)ର ଶୁଭାରମ୍ଭ କରିଛନ୍ତି। ଏଥିରେ ପ୍ରତି ନାଗରିକ ଏକ ସ୍ୱାସ୍ଥ୍ୟ ପରିଚୟପତ୍ର ହାସଲ କରିବେ, ଯେଉଁଥିରେ ତାଙ୍କ ହେଲ୍ଥ ଆକାଉଣ୍ଟ ରହିବ। ସେହି ଆକାଉଣ୍ଟରେ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବିବରଣୀ ମିଶନ ସହ ଯୋଡ଼ି ହୋଇଯିବ ଏବଂ ସବୁକିଛି ମୋବାଇଲ ମାଧ୍ୟମରେ ଦେଖି ହେବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି, ଭାରତରେ ୧୩୦ କୋଟି ଲୋକଙ୍କର ଆଧାର କାର୍ଡ ଅଛି। ସେହିପରି ୧୧୮ କୋଟି ମୋବାଇଲ ଗ୍ରାହକ ଥିବାବେଳେ ୮୦ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଓ ୪୩ କୋଟି ଲୋକଙ୍କ ଜନଧନ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ଭଳି ସଂଯୋଗକାରୀ ଭିତ୍ତିଭୂମି ପୃଥିବୀର ଅନ୍ୟ କେଉଁଠାରେ ନାହିଁ ବୋଲି ସେ କହିଛନ୍ତି। ଏସବୁ ତଥ୍ୟ ଦେଉଥିବା ପ୍ରଧାନମନ୍ତ୍ରୀ ନିଶ୍ଚିତ ମନେପକାଇଥିବେ କୋଭିଡ୍-୧୯ ଯେତେବେଳେ ଶୀର୍ଷରେ ପହଞ୍ଚି ଅସଂଖ୍ୟ ଲୋକଙ୍କ ଜୀବନ ନେଉଥିଲା, ସେତେବେଳେ ଭାରତବାସୀ କେଉଁ ପ୍ରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଭାବଜନିତ ଦୟନୀୟ ସ୍ଥିତିରେ ଥିଲେ। ନିକଟ ଅତୀତକୁ ଯଦି ମନେପକାଯାଏ ତେବେ ଭାରତ ଯେତେବେଳେ କୋଭିଡ୍ ଦ୍ୱିତୀୟ ପର୍ଯ୍ୟାୟରେ ଆକ୍ରାନ୍ତ ହେଲା ସେତେବେଳେ କୌଣସି ଭର୍ଚ୍ଚୁଆଲ ବା ଡିଜିଟାଲ ପ୍ରମାଣପତ୍ର ମୃତ୍ୟୁମୁଖରୁ ଆକ୍ରାନ୍ତଙ୍କୁ ବଞ୍ଚାଇ ପାରିଲା ନାହିଁ। ପ୍ରଥମ କୋଭିଡ୍ ଢେଉରେ ସମସ୍ତେ ମୃତ୍ୟୁସଂଖ୍ୟାକୁ ଦୂରରୁ ଦେଖୁଥିଲେ। ଦ୍ୱିତୀୟ ଲହର କେବଳ ଏହି ମୃତ୍ୟୁ ଯେତେବେଳେ ଅତି ନିକଟତର ହୋଇ ପରିବାରକୁ ଛୁଇଁଲା ସେତେବେଳେ ପ୍ରତ୍ୟେକ ଭାରତୀୟ ଦେଶର ଅଦୃଶ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିଷୟରେ ବୁଝିପାରିଲେ। ପ୍ରଧାନମନ୍ତ୍ରୀ ଯେତେ ଦାବି କଲେ ମଧ୍ୟ ଭାରତର କୌଣସି କୋଭିଡ୍ ଆକ୍ରାନ୍ତ କହିପାରିବେ ନାହିଁ ଯେ, 'ଆରୋଗ୍ୟ ସେତୁ' ଆପ୍ ଯୋଗୁ ତାଙ୍କ ଜୀବନ ବଞ୍ଚିଯାଇଛି। ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରାଗଲାଣି, କିନ୍ତୁ ଏହିସବୁ ଅସରନ୍ତି ଡିଜିଟାଲ କାର୍ଯ୍ୟକ୍ରମ ସାଧାରଣ ନାଗରିକ ଜୀବନରେ କେଉଁ ପ୍ରକାର ପରିବର୍ତ୍ତନ ଆଣିପାରୁଛି, ତାହାର ସ୍ପଷ୍ଟ ପ୍ରମାଣ ମିଳୁନାହିଁ। ବସ୍ତୁତଃ ମଣିଷର ଶାରୀରିକ ଉପସ୍ଥିତି ଆଗ, ଭର୍ଚ୍ଚୁଆଲ ସଂଯୋଗ ପରେ।

ବର୍ତ୍ତମାନର କେନ୍ଦ୍ର ସରକାର ସର୍ବଦା କହି ଚାଲୁଛନ୍ତି, ୭/୮ ବର୍ଷ ତଳେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଘଟି ନ ଥିଲା। ଏବେ ସେଥିରେ ଅନେକ ପରିବର୍ତ୍ତନ ଦେଖାଦେଇଛି। ହେଲେ ସେହି ପରିବର୍ତ୍ତନକୁ ଦେଖିଲେ କେବଳ ଯୋଜନା, କାର୍ଯ୍ୟକ୍ରମ ଓ ମିଶନ ଭଳି କର୍ଣ୍ଣପ୍ରିୟ ଶବ୍ଦାବଳୀରେ ଅଧିକ ଅର୍ଥ ଓ ସମୟ ବିନିଯୋଗ କରାଯାଉଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ଡିଜିଟାଲ ହେଲ୍ଥ ମିଶନ ଭଳି ଯେତେ ସ୍ୱାସ୍ଥ୍ୟ ଯୋଜନାକୁ ନାମକରଣ କରାଗଲେ ମଧ୍ୟ ତାହାଦ୍ୱାରା ଲୋକଙ୍କ ପାଖରେ ସେବା ସହଜରେ ପହଞ୍ଚିପାରୁ ନାହିଁ। କୌତୂହଳର ବିଷୟ ଯେ, ଏ ଦେଶରେ ଯେତେ ଯୋଜନା ଯେଉଁ ପରିପ୍ରେକ୍ଷୀରେ ଘୋଷଣା ହୋଇଥାଏ ନା କାହିଁକି ସେଥିପ୍ରତି ଶିକ୍ଷିତ ଓ ସଚେତନ ନାଗରିକଙ୍କ ଦୃଷ୍ଟି ବାହାରକୁ ଚାଲିଯାଉଥିବା ବେଳେ ସାଧାରଣ ଓ ଅପାଠୁଆଙ୍କ କଥା ନ କହିବା ଭଲ। ଏପରି କି ଯେଉଁ ନୀତି ନିର୍ଦ୍ଧାରକମାନେ ଏତେ ଯୋଜନା ତିଆରି କରୁଛନ୍ତି, କିଛି ଦିନ ଗଲା ପରେ ସେମାନେ ମଧ୍ୟ ତାହାକୁ ପାସୋରି ଦେଉଛନ୍ତି। ପାଶ୍ଚାତ୍ୟ ଦେଶର ଉଦାହରଣ ଦେଖିଲେ ବ୍ରିଟେନରେ ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍ଏଚ୍ଏସ୍) ରହିଛି। ତାହାରି ମାଧ୍ୟମରେ ସବୁ ବର୍ଗର ନାଗରିକ ପ୍ରତ୍ୟେକ ରୋଗ ପାଇଁ ସେବା ପାଇପାରୁଛନ୍ତି। ଭାରତରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ମାଧ୍ୟମରେ ସରକାର ଅର୍ଥ ସଂଗ୍ରହ କରି ଲୋକଙ୍କ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିବାରେ ଏକକ ଟିକସ ପଦ୍ଧତି ଯଦି ଆପଣାଇପାରୁଛନ୍ତି, ତାହା ହେଲେ ସ୍ୱାସ୍ଥ୍ୟ ସେବା ଲାଗି ଅନୁରୂପ ଏକକ ମିଶନ ଗଢ଼ିବାରେ ଅସୁବିଧା କେଉଁଠି ରହିଛି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ। ଯଦି ବାସ୍ତବରେ କେନ୍ଦ୍ର ସରକାର ଦେଶର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ମାନଚିତ୍ରକୁ ନୂତନ ଭାବେ ଆଙ୍କିବାକୁ ଚାହୁଁଥାଆନ୍ତି, ତେବେ ସାଧାରଣ ରୋଗଟିଏ ଅପୁଷ୍ଟ ହେଲେ ମାତ୍ର ଗୋଟିଏ ଯୋଜନା ଅନୁଯାୟୀ ଥିବା ବ୍ୟବସ୍ଥା ଦେଇ ରୋଗୀ ତାହାର ସୁଫଳ ପାଇପାରନ୍ତା। ହେଲେ ଯେଉଁ ବ୍ୟବସ୍ଥା ଏଠାରେ ବିକଶିତ କରାଯାଉଛି, ତାହାଦ୍ୱାରା ରୋଗୀ କେଉଁ ଯୋଜନା ଅଧୀନରେ ଆସୁଛି ସେ ସଂକ୍ରାନ୍ତ କାଗଜପତ୍ର ଯୋଗାଡ଼ କରୁକରୁ ହୁଏତ ତା'ର ପ୍ରାଣବାୟୁ ଉଡ଼ିଯାଉଥିବ।

ଆମେ ଏହି ସ୍ତମ୍ଭରେ ବାରମ୍ବାର କହିଆସିଛୁ ଯେ, ଜଣେ ନାଗରିକକୁ ଚିହ୍ନଟ କରିବା ଲାଗି ଗୋଟିଏ କାର୍ଡ ଯଥେଷ୍ଟ। ତାହାକୁ ଭିତ୍ତିକରି ବ୍ୟବସ୍ଥା ବିକଶିତ ହୋଇପାରିଲେ ତାହାର ସୁବିଧା ସେ ପାଇପାରିବେ। ଭୋଟର ପରିଚୟପତ୍ର ଥିବା ବେଳେ ଆଧାର କାର୍ଡ ଭଳି ଅବାଞ୍ଛିତ କାର୍ଯ୍ୟକ୍ରମ କରାଯାଇ ତାହାକୁ ମୋବାଇଲଠାରୁ ଆରମ୍ଭ କରି ପାନ୍କାର୍ଡ ଓ ଅନ୍ୟାନ୍ୟ କାର୍ଡ ସହିତ ଯେଉଁଭଳି ସଂଯୋଗ କରାଯାଉଛି, ତାହାଦ୍ୱାରା ନାଗରିକର ବ୍ୟକ୍ତିଗତ ତଥ୍ୟ ବଜାରରେ ନିଲାମ ହେବା ଛଡ଼ା କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରତି ଥର ପ୍ରସଙ୍ଗରେ ସରକାର ଡିଜିଟାଲ ବିଷୟରେ ଆଲୋକପାତ କରୁଛନ୍ତି, ସେହି ବ୍ୟବସ୍ଥାର ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ଦେଶରେ ପ୍ରତ୍ୟହ ଅନେକ ହଜାର ଲୋକ ସାଇବର ଠକାମିର ଶିକାର ହେଉଛନ୍ତି। ଚୀନ ଭଳି ରାଷ୍ଟ୍ର ତା' ଡିଜିଟାଲ କ୍ଷେତ୍ରକୁ ଅତ୍ୟନ୍ତ ସୁରକ୍ଷିତ କରି ରଖିଥିବାରୁ ସେଠାରେ ତଥ୍ୟ ଚୋରି ଆଶଙ୍କା କମ୍। ଭାରତରେ କେବେ ବ୍ୟକ୍ତିଙ୍କ ମୋବାଇଲ ନମ୍ବର ସାଇବର ଠକଙ୍କ ହାତରେ ପକାଇଦେଇ ତାହାକୁ କ୍ଲୋନ୍ କରି ବ୍ୟାଙ୍କରେ ଥିବା ଅର୍ଥ ଉଠାଇ ନେଉଛନ୍ତି। କାରଣ ମୋବାଇଲ ନମ୍ବର ଏବେ ସବୁ କ୍ଷେତ୍ର ସହ ଯୋଡ଼ି ଦିଆଯାଉଛି। ଏଭଳି ଅସଂଖ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଏଠାରେ ପାନ୍କାର୍ଡ ସହ ଆଧାର ସଂଯୋଗ ପ୍ରକ୍ରିୟାକୁ ଦେଖାଯାଇପାରେ। ପ୍ରତ୍ୟେକ ଦୁଇ ତିନି ମାସରେ ସରକାର ବିଜ୍ଞପ୍ତି ଦ୍ୱାରା ଜଣାଇ ଦିଆଯାଉଛି ଯେ, ପାନ୍ ସହ ଆଧାର ସଂଯୋଗ ନ କଲେ ଅନେକ ଅସୁବିଧା ହେବ। ତା' ପରେ ନାଗରିକଙ୍କ ଅର୍ଥ ଜମା ରଖିଥିବା ବ୍ୟାଙ୍କ ତରଫରୁ ବାରମ୍ବାର ଧମକ ବାର୍ତ୍ତା ପଠାଯାଉଛି, ଯେଉଁଥିରେ କୁହାଯାଉଛି ଯେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ସଂଯୋଗ କରା ନ ଗଲେ ଅର୍ଥ ଉଠାଇବା ବେଳେ ଅଧିକ ଟିକସ ଦେବାକୁ ପଡ଼ିବ। କରଦାତାଙ୍କ ଅର୍ଥରେ ପରିଚାଳିତ ସରକାରର ନାଗରିକଙ୍କୁ ଧମକାଇବା ଏବେ ହୋଇଯାଇଛି ମୁଖ୍ୟ କାର୍ଯ୍ୟ।

ଗୋଟିଏ ପଟେ ସରକାର ଡିଜିଟାଲ କ୍ଷେତ୍ରକୁ ବ୍ୟବସ୍ଥିତ କରିପାରି ନ ଥିବା ବେଳେ ଅନ୍ୟପଟେ ପ୍ରତି ପଦକ୍ଷେପରେ ଡିଜିଟାଲକରଣକୁ ଅନୁସରଣ କରିବା ଦ୍ୱାରା ତାହାର ପ୍ରକୃତ ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟକର। ସ୍ୱାସ୍ଥ୍ୟ ଭଳି ଅତ୍ୟନ୍ତ ମୌଳିକ ଭିତ୍ତିଭୂମି ଯଥା ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀଙ୍କଠାରୁ ଆରମ୍ଭକରି ହସ୍ପିଟାଲ, ରୋଗ ନିରୂପଣ ଯନ୍ତ୍ରାଂଶ, ପର୍ଯ୍ୟାପ୍ତ ଔଷଧ ଆଦି ଲୋକଙ୍କୁ ମିଳିପାରିଲେ ଏତେ ମିଶନ ଗଢ଼ିବାର ଆବଶ୍ୟକତା ପଡ଼ନ୍ତା ନାହିଁ। ସ୍ୱାସ୍ଥ୍ୟଜନିତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସରକାରଙ୍କ ଲକ୍ଷ୍ୟ ପ୍ରଚାରସର୍ବସ୍ୱ ନ ହୋଇ ରୋଗୀ କଲ୍ୟାଣ ହେବା ଆବଶ୍ୟକ।

# ଅକାଳ ମୃତ୍ୟୁ



ଇଂ. ମୁରଲୀଧର ହୋତା

ଯେଉଁ ପ୍ରବନ୍ଧରେ ଆଲୋଚକର ବହୁପାଠିତା, ପାଣ୍ଡିତ୍ୟ ଓ ଅନୁଶୀଳନ ଦକ୍ଷତା ପରିଦୃଷ୍ଟ ହୁଏ ଏବଂ ଯାହା ପାଠକର ପ୍ରାଣରେ କିଞ୍ଚିଟା ଆଲୋଡ଼ନ ସୃଷ୍ଟି କରିବାରେ ସମର୍ଥ ହୁଏ ତାହା ବସ୍ତୁନିଷ୍ଠ ପ୍ରବନ୍ଧ ଭାବେ ଗଣାଯାଏ। ବ୍ୟକ୍ତିନିଷ୍ଠ ପ୍ରବନ୍ଧଗୁଡ଼ିକ ସାଧାରଣତଃ ଭାବାବେଗ ସମନ୍ୱିତ ଏବଂ ଏହା ହୃଦୟସ୍ପର୍ଶୀ। ଏଥିରେ ପାଣ୍ଡିତ୍ୟ ଅପେକ୍ଷା ଉଚ୍ଚକୋଟୀର ଭାବନା ଅଧିକ ପ୍ରାଧାନ୍ୟ ଲାଭ କରିଥାଏ। ଅତଏବ ସଂକ୍ଷେପରେ କହିବାକୁ ଗଲେ ଯେକୌଣସି ପ୍ରବନ୍ଧ ହେଉନା କାହିଁକି ତାହା ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ସୁଚିନ୍ତିତ ଆଲୋଚନା। ସେହିଭଳି ଏହି ଆଲୋଚନାକୁ ଆଗେଇ ନେବାପାଇଁ ପ୍ରଥମେ ଦୁଇଟି ଘଟଣାର ଅବତାରଣା କରୁଛି।

ଗୋଟିଏ ପଢ଼ିଥିବା ଖବରରୁ କଥାଟା ଆରମ୍ଭ କରୁଛି। ଆମେରିକାର ଗୋଟିଏ ଡାକ୍ତରଖାନାରୁ ଜଣେ କରୋନା ରୋଗୀ ରୋଗମୁକ୍ତ ହୋଇ ବିଦାୟ ନେଇଯିବାକୁ ବାହାରିଥାନ୍ତି। ତାଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ଗୋଟାଏ ମୋଟାଅଙ୍କର ବିଲ୍ ଧରାଇ ଦିଆଗଲା। ଭଦ୍ରଲୋକ ଭୋ ଭୋ ହୋଇ କାନ୍ଦିଉଠିଲେ। ତାଙ୍କ କାନ୍ଦିବା ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷ ଭାବିଲେ ବୋଧହୁଏ ମୋଟାଅଙ୍କର ବିଲ୍‌ଟି ପୈଠ କରିବାକୁ ତାଙ୍କ ପାଖରେ ଅର୍ଥର ଅଭାବ। ତେଣୁ ଦୟାଳୁ କର୍ତ୍ତୃପକ୍ଷ କହିଲେ, ଆପଣ ଗୋଟିଏ ଦିନର ଦେୟ ବାବଦକୁ ୫ହଜାର ଡଲାର ଦିଅନ୍ତୁ, ଆଉ କାନ୍ଦନ୍ତୁ ନାହିଁ। ଭଦ୍ରଲୋକ ଉତ୍ତର ଦେଲେ ମୁଁ ଦେଇପାରିବି ନାହିଁ ବୋଲି କାନ୍ଦୁନାହିଁ। ମୁଁ ଭାବୁଛି ଗୋଟିଏ ଦିନ ସ୍ୱଚ୍ଛନ୍ଦ ଭାବରେ ପ୍ରଶ୍ୱାସ ନେବାକୁ ଯଦି ଅମ୍ଳଜାନର ମୂଲ୍ୟ ବାବଦକୁ ୫ହଜାର ଡଲାର ଦେବାକୁ ପଡୁଛି ତେବେ ଜୀବନସାରା ମୁଁ ଗ୍ରହଣ କରିଥିବା ଅମ୍ଳଜାନର ମୂଲ୍ୟ କେତେ? କେବେହେଲେ ଦିନେ ମୁଁ ସେକଥା ଭାବିନାହିଁ। ପ୍ରକୃତିର ଏହି ବଦାନ୍ୟତାକୁ ହୃଦୟରେ ସ୍ୱୀକାର କରି ଦିନେହେଲେ ପ୍ରକୃତି ନିକଟରେ ମୋର କୃତଜ୍ଞତା ଜ୍ଞାପନ କରିନାହିଁ ଅଥବା ପ୍ରକୃତିର ଏହି ଉତ୍ସକୁ ପ୍ରଦୂଷିତ ନ ହେବା ପାଇଁ ଦିନେହେଲେ କିଛି ଚିନ୍ତନ, କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଏବଂ ସେହି କାର୍ଯ୍ୟାନ୍ୱୟନରେ ଅଂଶଗ୍ରହଣ କରିନାହିଁ ବରଂ ପ୍ରକୃତି ଉପରେ ଆମେ ଦିନକୁ ଦିନ ଅଧିକ ଅତ୍ୟାଚାର କରି ଚାଲିଛୁ। ପ୍ରକୃତିର ଏହି ନିଃସର୍ତ୍ତ ଦାନର ଗୁରୁତ୍ୱ କେବେହେଲେ ମୁଁ ମନରେ ବିଚାର ମଧ୍ୟ କରିନାହିଁ।

ଦ୍ୱିତୀୟରେ 'କ୍ଲାଇମେଟ୍ ଇମର୍ଜେନ୍ସୀ–୨୦୧୯' ଶବ୍ଦଟିକୁ 'ୱାର୍ଡ ଅଫ୍ ଦି ଇୟର' ଭାବେ ବିଶ୍ୱବିଖ୍ୟାତ ଅକ୍ସଫୋର୍ଡ ଡିକ୍ସନାରି ମନୋନୀତ କରିଛି। ଏଠାରେ ଦୁଇଟି ଶବ୍ଦକୁ ଏକାଠି କରି ଗୋଟିଏ ଶବ୍ଦ ରୂପେ ବ୍ୟବହାର କରାଯାଇଛି। ଇଂଲିଶ ଭାଷାରେ ଏହା ପ୍ରଚଳନ ଆଗରୁ ରହି ଆସିଛି। ଦୃଷ୍ଟାନ୍ତ ସ୍ୱରୂପ 'ହାର୍ଟ ଆଟାକ୍' ଶବ୍ଦଟିର ଇଂଲିଶ ଭାଷାରେ ବ୍ୟବହାର। 'କ୍ଲାଇମେଟ୍ ଇମର୍ଜେନ୍ସୀ', ଏହି ଶବ୍ଦଟିର ଗୁରୁତ୍ୱ, ଜନପ୍ରିୟତା ଏବଂ ବ୍ୟବହାର ବହୁଳ ଭାବରେ ବୃଦ୍ଧି ପାଇଛି ୨୦୧୮ରୁ। ୨୦୧୮ ପରେ ଏହି ଶବ୍ଦଟିର ବ୍ୟବହାର ପ୍ରାୟ ବୃଦ୍ଧି ପାଇଛି ଶହେଗୁଣ। ମାତ୍ର ଆମ ଦେଶରେ ଏହାର ବ୍ୟବହାର ଏତେ ବ୍ୟାପକ ନୁହେଁ। ଜଳବାୟୁ ପରିବର୍ତ୍ତନ 'କ୍ଲାଇମେଟ୍ ଚେଞ୍ଜ୍'ର ଭୟାବହତା ଧୀରେ ଧୀରେ ସମସ୍ୟା, ସଙ୍କଟ, ନିରାକରଣରେ ଶିଥିଳତା ଇତ୍ୟାଦିର ଲକ୍ଷ୍ମଣରେଖା ଟପି ବର୍ତ୍ତମାନ ଇମର୍ଜେନ୍ସୀ (ଜରୁରିକାଳୀନ ପରିସ୍ଥିତି)ରେ ପହଞ୍ଚିଛି। ଏହା ହିଁ ପ୍ରତିପାଦିତ କରୁଛି 'ୱାର୍ଡ୍ ଅଫ୍ ଦି ଇୟର' ଭାବେ ମନୋନୀତ ଶବ୍ଦର ସଂଜ୍ଞା। ଯେତେବେଳେ ସାରା ବିଶ୍ୱର ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଣିଷ ସମାଜ ପାଇଁ ମହାବିପତ୍ତି ବୋଲି ଘୋଷଣା କରୁଛନ୍ତି, ସେତେବେଳେ ପରିବର୍ତ୍ତନ ଶବ୍ଦ ପରିବର୍ତ୍ତେ 'ଜରୁରୀ ପରିସ୍ଥିତି' (ଇମର୍ଜେନ୍ସୀ) ଶବ୍ଦଟି ପ୍ରସଙ୍ଗର ଗମ୍ଭୀରତା ବା ଭୟାବହତାକୁ ଠିକ୍ ଭାବେ ପ୍ରତିପାଦିତ କରୁଥିବା ମନେହୁଏ।

ପ୍ରଥମ ପ୍ରସଙ୍ଗଟି ସ୍ୱଚ୍ଛ ଅମ୍ଳଜାନର ଆବଶ୍ୟକତା ଏବଂ ଦ୍ୱିତୀୟ ପ୍ରସଙ୍ଗଟି ଏକ ଚମତ୍କାରୀ ଶବ୍ଦ ମାଧ୍ୟମରେ ପରିବେଶ ପ୍ରଦୂଷଣଜନିତ ଗମ୍ଭୀର ପରିସ୍ଥିତିର ସୂଚନା ପ୍ରଦାନ କରୁଛି ଏବଂ ଏହାର ନିରାକରଣ ପାଇଁ ସମାଜର ସାମୂହିକ ଉଦ୍ୟମର ଅପେକ୍ଷା ରଖୁଛି। ମଣିଷ ବଞ୍ଚିବାପାଇଁ ତିନୋଟି ମୁଖ୍ୟ ଉପାଦାନ ବାୟୁ (ଅମ୍ଳଜାନ), ଜଳ ଏବଂ ଖାଦ୍ୟ। ବାୟୁ (ଅମ୍ଳଜାନ) ବିନା ଆମେ ପ୍ରାୟ ୧ ମିନିଟ୍‌ରୁ ଅଧିକ ସମୟ ବଞ୍ଚିପାରିବା ନାହିଁ। ଜଳ ବିନା ୧ସପ୍ତାହରୁ ଅଧିକ ସମୟ ବଞ୍ଚିବା ଅସମ୍ଭବ। ସେହିପରି ଖାଦ୍ୟ ବିନା ୧ ମାସରୁ ଅଧିକ ସମୟ ବଞ୍ଚିବା କଷ୍ଟକର। ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଙ୍ଗଲ (ବୃକ୍ଷ) ହିଁ ଏସବୁ ଉପାଦାନର ଆଧାର। ସୁତରାଂ ଜଙ୍ଗଲ ଅବକ୍ଷୟ ମନୁଷ୍ୟର ବିଲୁପ୍ତି ପଥରେ ପ୍ରଥମ ପଦକ୍ଷେପ। ଉଇକିପିଡିଆର ତଥ୍ୟ ଅନୁସାରେ ଜଣେ ଲୋକ ନିଃଶ୍ୱାସ ପ୍ରଶ୍ୱାସ ଦ୍ୱାରା ଦିନକୁ ପ୍ରାୟ ୧କି.ଗ୍ରା. ଅଙ୍ଗାରକାମ୍ଳ ତ୍ୟାଗ କରିଥାଏ। ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ପ୍ରାୟ ୭୨୬ କୋଟି। ତେଣୁ କେବଳ ମଣିଷର ଶ୍ୱାସକ୍ରିୟା ଯୋଗୁ ବର୍ଷକୁ ପ୍ରାୟ ୨୬୫ କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଉତ୍ସର୍ଜିତ ହେଉଛି। ଏହି ବିଷାକ୍ତ ଗ୍ୟାସକୁ ଶୋଷଣ କରି ବୃକ୍ଷ ଆମକୁ ଅମ୍ଳଜାନ ଯୋଗାଉଛି। ଗୋଟିଏ ଗଛ ବର୍ଷକୁ ହାରାହାରି ୧୧୮ କି.ଗ୍ରା. ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଦୁଇଟି ପୂର୍ଣ୍ଣବୟସ ଗଛ ଗୋଟିଏ ଚାରିଜଣ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ବର୍ଷସାରା ଆବଶ୍ୟକ ଅମ୍ଳଜାନ ଉପଲବ୍ଧ କରାଇପାରିବେ। ତେଣୁ ପରିବେଶ ପ୍ରଦୂଷଣର ନିରାକରଣ କଥା ଚିନ୍ତା କଲାବେଳେ ବାୟୁ ପ୍ରଦୂଷଣର ନିରାକରଣକୁ ଆମେ ପ୍ରାଥମିକତା ଦେବାକୁ ବାଧ୍ୟ। ରାମାୟଣର ଗୋଟିଏ ଶ୍ଳୋକ କହେ– ଶରୀରଂ ହି ବିନାବାୟୁଂ ସମତାଂ ଯାତି ଦାରୁଭିଃ। ବାୟୁଂ ପ୍ରାଣଃ ସୁଖଂ ବାୟୁର୍ବାୟୁଃ ସର୍ବମିଦଂ ଜଗତ। ଅର୍ଥାତ୍ ବାୟୁ ବିନା ଦେହ କାଠ ସଦୃଶ (ଚେତନା ରହିତ) ହୋଇଯାଇଥାଏ। ଏଥିପାଇଁ ବାୟୁ ହିଁ ଶରୀରର ପ୍ରାଣ ଅର୍ଥାତ୍ ଜୀବନ, ସଂକ୍ଷେପରେ ସବୁକିଛି।

ସିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତିନୀତି ଅନୁଷ୍ଠାନର ଗବେଷଣା ତଥ୍ୟ ଅନୁଯାୟୀ ପୃଥିବୀର ୨୦ଟି ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ୧୩ଟି ସହର ଭାରତରେ ଅବସ୍ଥିତ। ଅନ୍ୟପକ୍ଷରେ ଭାରତର ରାଜଧାନୀ ଦିଲ୍ଲୀ ପୃଥିବୀର ସର୍ବାପେକ୍ଷା ଅଧିକ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହା ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ଆମ ଦେଶପାଇଁ ଏକ ଭୟାବହ ଏବଂ ଲଜ୍ଜାଜନକ ପରିସ୍ଥିତି ଆଣିଦେଇଛି। ଏହାର ମୁଖ୍ୟ କାରଣ ହେଉଛି, କ୍ଷୀପ୍ର ଗତିରେ ବୃଦ୍ଧି ପାଉଥିବା ଯାନବାହନଗୁଡ଼ିକରୁ ନିର୍ଗତ ଧୂଆଁ, ବିଭିନ୍ନ ନିର୍ମାଣ ପ୍ରକଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ଧୂଳି, ତାପଜ ବିଦ୍ୟୁତ୍ କେନ୍ଦ୍ର, ଡିଜେଲ୍ ଜେନେରେଟର୍ ଓ ଅନ୍ୟାନ୍ୟ କଳକାରଖାନାରୁ ନିର୍ଗତ ହେଉଥିବା ପ୍ରଦୂଷିତ ପଦାର୍ଥ। ଏହା ସହିତ କାଠ, ଘସି, କୋଇଲା ଚୁଲିରୁ ନିର୍ଗତ ଧୂଆଁ ଏବଂ ଧୂମପାନ ପରିସ୍ଥିତିକୁ ଅଧିକ ଜଟିଳ କରିଥାଏ। ଫଳରେ ଦିନକୁ ଦିନ ବଢ଼ିଚାଲିଛି ହୃଦ୍‌ଘାତ, ଫୁସ୍‌ଫୁସ୍ ରୋଗସମୂହ, ନିମ୍ନ ଶ୍ୱାସତନ୍ତ୍ର ସଂକ୍ରମଣ, ଶ୍ୱାସ, ଚକ୍ଷୁରୋଗ ତଥା ଅନ୍ୟାନ୍ୟ ଶ୍ୱାସକ୍ରିୟାଜନିତ ରୋଗବ୍ୟାଧି। ବିଶେଷକରି ଶିଶୁ, ରୋଗୀ, ବୟସ୍କ ଲୋକ ଓ ଶ୍ରମଜୀବୀ ଏହାଦ୍ୱାରା ଅଧିକ ମାତ୍ରାରେ ପୀଡ଼ିତ ହେଉଛନ୍ତି। ପରିବେଶ ବିଜ୍ଞାନୀମାନଙ୍କ ମତରେ ଏ ଦିଗରେ ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କଲେ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଆସିବ। ୧–ସାଧାରଣ ଗମନାଗମନ ବ୍ୟବସ୍ଥାର ଉନ୍ନତୀକରଣ। ସାଇକେଲ୍ ଚାଳନାକୁ ଉତ୍ସାହିତ, ପ୍ରୋତ୍ସାହିତ କରିବା। ୨– ଗୃହନିର୍ମାଣ, ଡିଜେଲ୍ ଜେନେରେଟର୍ ଓ ଅନ୍ୟାନ୍ୟ ଇଞ୍ଜିନ୍‌ର ବ୍ୟବହାରରେ ସଂଯମତା ଆଚରଣ କରିବା। ୩– ବସ୍ତିଗୁଡ଼ିକ ସଂଖ୍ୟା ବୃଦ୍ଧି ଏବଂ ବସ୍ତିବାସିନ୍ଦାଙ୍କ ଦ୍ୱାରା ଖୋଲାଚୁଲିରେ ଜୈବଇନ୍ଧନର ଦହନ ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ। ଏହା କମ୍ କରାଯିବା ଉଚିତ। ୪– ଯାନବାହନରେ ଡିଜେଲ୍ ପରିବର୍ତ୍ତେ ସିଏନ୍‌ଜିର ବ୍ୟବହାର, ବିଦ୍ୟୁତ୍ ଚାଳିତ ଯାନର ବହୁଳ ବ୍ୟବହାର ଏବଂ ସୌରଶକ୍ତି, ବାୟୁଶକ୍ତି ଭଳି ନିର୍ମଳ ଶକ୍ତିଉତ୍ସର ଅଧିକ ବିନିଯୋଗ ବାୟୁପ୍ରଦୂଷଣକୁ ଅନେକାଂଶରେ ପ୍ରତିହତ କରିପାରନ୍ତା। ୫– ପର୍ବପର୍ବାଣି ଅବସରରେ ଆନନ୍ଦଦାୟକ ବାଜା ଓ ବାଣର ବ୍ୟବହାର ଜନସଚେତନତା ତଥା ଆଇନ ପ୍ରଣୟନ ମାଧ୍ୟମରେ ନିଷିଦ୍ଧ କରାଗଲେ ବାୟୁ ପ୍ରଦୂଷଣକୁ ରୋକିବା ସମ୍ଭବ ହୁଅନ୍ତା। ଶେଷରେ, ପ୍ରଦୂଷଣକାରୀ କାର୍ଯ୍ୟକଳାପ ଉପରେ ଅଧିକ ମାତ୍ରାରେ ଟିକସ ବସାଇ ତାହାକୁ ନିରୁତ୍ସାହିତ କରିବା ଦରକାର।

ବାୟୁ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ଏତିକି କହିଲେ ଯଥେଷ୍ଟ ହେବ ସରକାରୀ ରିପୋର୍ଟ ଅନୁଯାୟୀ ୨୦୧୭ରେ ଆମ ଦେଶରେ ୧୨ଲକ୍ଷ ୧୪ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ପୁନଶ୍ଚ ୨୦୧୯ରେ ମୃତ୍ୟୁସଂଖ୍ୟା ଥିଲା ୧୬ଲକ୍ଷ ୬୭ ହଜାର। ଏମିତି କି ଏହି କାରଣରୁ ୧ଲକ୍ଷ ୧୨ହଜାର ଶିଶୁ ଜନ୍ମହେବାର ମାସକ ମଧ୍ୟରେ ପ୍ରାଣ ହରାଇଛନ୍ତି। ଏହି ମୃତ୍ୟୁସଂଖ୍ୟା ଭୟାବହ କରୋନା ମହାମାରୀଠାରୁ ଯଥେଷ୍ଟ ଅଧିକ।

ଆମେ ସଭ୍ୟତା ଏବଂ ବିକାଶ କ୍ଷେତ୍ରରେ ଅନେକ ଉନ୍ନତି କରିଛୁ। ଏଥିରେ ଦ୍ୱିମତ ନାହିଁ। ମାନବବିହୀନ ବିମାନ, କ୍ରାଓଜେନିକ୍ ଇଞ୍ଜିନ୍‌ର ନିର୍ମାଣ, ଅନ୍ତରୀକ୍ଷରେ ଉପଗ୍ରହ ସ୍ଥାପନ, ଆନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ନିର୍ମାଣ, ପରମାଣୁବୋମାର ପ୍ରସ୍ତୁତି, ଚନ୍ଦ୍ରପୃଷ୍ଠକୁ ମହାକାଶ ଯାନ ପ୍ରେରଣ ଇତ୍ୟାଦି ସବୁଥିରେ ଆମକୁ ସଫଳତା ମିଳିଛି। କିନ୍ତୁ ଗୋଟିଏ ଗୁରୁତର କଥା, ଯେଉଁଥିରେ ଆମେ ବିଫଳ ହୋଇଛୁ ତାହା ହେଲା ଆମର ଉତ୍ତରପୁରୁଷମାନଙ୍କର ଜୀବନରକ୍ଷା କରିବାରେ ଆମେ ଅସମର୍ଥ। ଯେଉଁ ଧରିତ୍ରୀ ମାଆ ପ୍ରତି ମୁହୂର୍ତ୍ତରେ ତା'ର ସକଳ ଐଶ୍ୱର୍ଯ୍ୟ, ଶକ୍ତି, ପ୍ରାଣପ୍ରାଚୁର୍ଯ୍ୟ, ଅସରନ୍ତି ଭଲପାଇବା ଦେଇ ଏ ସୃଷ୍ଟିକୁ ଜୀବନ ଦେଇଛି, ଜୀବନର ବିକାଶକୁ ତ୍ୱରାନ୍ୱିତ କରିଛି, ଲାଳନପାଳନ କରିଛି ଶେଷରେ ତା' କୋଳରେ ଆଶ୍ରୟ ଦେଇଛି, ସେହି ପୃଥିବୀ ମାତାର ସ୍ୱଚ୍ଛ ବାୟୁମଣ୍ଡଳରେ ବିଷ ଭରିଦେଇ ଆମେ ଯେଉଁ ବିକାଶ କରୁଛୁ ତାହା ଆମ ଉତ୍ତରପୁରୁଷଙ୍କର ଜୀବନ ବିନିମୟରେ। ଏହି ଅକାଳ ମୃତ୍ୟୁପାଇଁ ଆମେ ହିଁ ଦାୟୀ। ମଣିଷର ଜୀବନ ବିନିମୟରେ ବିକାଶର ଧାରା କଦାପି ଗ୍ରହଣୀୟ ନୁହେଁ।

ମହାନଦୀବିହାର, କଟକ
ମୋ:୯୮୬୧୧୪୦୧୬୯

# ଆଧୁନିକ ଶିକ୍ଷା ଓ ସାହିତ୍ୟର ଜନକ

## ରାଧାନାଥ ରାୟଙ୍କ ଜୟନ୍ତୀ ଉପଲକ୍ଷେ



ଡ. ନାରାୟଣ ବାରିକ୍

କର୍ମମୟ ଜୀବନରେ ଜୀବିକା ନିର୍ବାହ ପାଇଁ ଶିକ୍ଷକତାକୁ ଆଦରି ନେଇଥିବା କବିବର ରାଧାନାଥ ରାୟ ନିଜର ଜ୍ଞାନ, ଦକ୍ଷତା ଓ କର୍ତ୍ତବ୍ୟ ପରାୟଣତା ଯୋଗୁ ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଓଡ଼ିଶା ଶିକ୍ଷା ବିଭାଗର ପ୍ରଧାନ କର୍ମଚାରୀରୂପେ ନିଜକୁ ଅବସ୍ଥାପିତ କରି ପାରିଥିଲେ। ମାତ୍ର ଏହା ପୂର୍ବରୁ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାବାସୀଙ୍କ କଙ୍କାଳକୁ ଯେମିତି ଭାଙ୍ଗି ପକାଇଥିଲା, ସେହିପରି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ରଚିତ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ପୁସ୍ତକ ଓଡ଼ିଆ ଭାଷାର ମୂଳ ଭିତ୍ତିକୁ ଦୋହଲାଇ ଦେଇଥିଲା। ଏହି ପରିପ୍ରେକ୍ଷୀରେ ସାରସ୍ୱତ ସାଧକ ରାଧାନାଥଙ୍କ ସୃଜନୀଶୀଳ କବି ମାନସ ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ଯେଉଁ ଅମୂଲ୍ୟ କାବ୍ୟରାଶି ଅର୍ପଣ କରି ଉତ୍କଳ ଭାରତୀଙ୍କ ପଦ ବନ୍ଦନା କରିବା ସହ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଗଲା ଓ ଯୁଗସ୍ରଷ୍ଟାର ଆଖ୍ୟାରେ ଆପ୍ୟାୟିତ କଲା; ପରେ ଏହି ଯଶସ୍ୱୀ ସାଧକ କବିବର ଭାବେ ଓଡ଼ିଆ ଜାତିର ଜନ ମାନସରେ ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଗଲେ।

ମାତ୍ର ପରିତାପର ବିଷୟ, ସବୁ ସତ୍ତ୍ୱେ ଶିକ୍ଷକ ଓ ପ୍ରଶାସକ ରାଧାନାଥ ବଡ଼ ସରକାରୀ ହାକିମଭାବେ ବ୍ରିଟିଶ ଶାସକଙ୍କ ସମୟରେ ନିଜକୁ ଶୀର୍ଷସ୍ଥାନରେ ଅବସ୍ଥାପିତ କରି ଓଡ଼ିଶାର ଉଭୟ ଶିକ୍ଷା ଓ ସାହିତ୍ୟ ପାଇଁ ନିଜର ଦୀର୍ଘ କର୍ମମୟ ଜୀବନର ନିର୍ଯାସକୁ ଏ ମାଟି ପାଇଁ ଉତ୍ସର୍ଗ କରିଗଲେ, ତାହା ଗବେଷଣା ଅଭାବରୁ ଅନାଲୋଚିତ ହୋଇ ରହିଗଲା। କବିବର ରାଧାନାଥ ନିଜ ପ୍ରତିଭାର ପ୍ରତିଟି ସ୍ଫୁରଣକୁ ବେଶ୍ ସହଜରେ ଗ୍ରହଣ କରି ନେଇ ଅବଶେଷରେ ସ୍କୁଲ୍ ଇନ୍ସପେକ୍ଟର ଭାବେ ଶିକ୍ଷା ବିଭାଗର ସର୍ବୋଚ୍ଚ ଆସନ ଅଳଙ୍କୃତ କରିବା, ଏ ଜାତି ପକ୍ଷରେ କମ୍ ଗୌରବର ବିଷୟ ନୁହେଁ।

ରାଧାନାଥ ରାୟ ବାଲେଶ୍ୱର ଜିଲା ହେଡ୍‌କ୍ୱାର୍ଟର୍ସଠାରୁ ୪୦ କିଲୋମିଟର ଦୂର ଦକ୍ଷିଣକୁ ସୋରଠାରୁ ୭ କିଲୋମିଟର କେଦାରପୁର ଗ୍ରାମରେ ୧୮୪୮ ସେପ୍ଟେମ୍ବର ୨୮ରେ ଏକ ସଂସ୍କୃତିସମ୍ପନ୍ନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଗାଁ ଘରୋଇ ପାଠଶାଳାରୁ ପାଠପଢ଼ା ଆରମ୍ଭ କରି ୩ ବର୍ଷରେ ଅକ୍ଷର ଶିକ୍ଷା, ଗଣିତ ଓ ଛନ୍ଦଗାନ ଶେଷ କରି ରାଧାନାଥ ୨ ବର୍ଷ ସୋର ଭର୍ଣ୍ଣାକୁଲାର ସ୍କୁଲରେ ଶିକ୍ଷାଲାଭ କରିଥିଲେ। ତା' ପରେ ବାଲେଶ୍ୱର ଜିଲା ସ୍କୁଲରେ ୧୮୫୮ ଫେବୃୟାରୀରେ ନାମ ଲେଖାଇ ୧୮୬୩ରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଣ୍ଟ୍ରାନ୍ସ ପରେ ରାଧାନାଥ ୧୪ ଟଙ୍କା ସରକାରୀ ବୃତ୍ତି ପାଇ ୧୮୬୪ରେ କଲିକତା ଯାଇ ପ୍ରେସିଡେନ୍ସି କଲେଜରେ ଏଫ୍.ଏ. ଶ୍ରେଣୀରେ ନାମ ଲେଖାଇଲେ। ମାତ୍ର ସ୍ୱାସ୍ଥ୍ୟଭଙ୍ଗ ହେତୁ ମାସକ ପରେ ଓଡ଼ିଶା ଫେରି ଆସି ପାରିବାରିକ ଅସ୍ୱଚ୍ଛଳତା ପାଇଁ ଚାକିରି ଅନୁସନ୍ଧାନରେ ଲାଗି ପଡ଼ିଲେ।

ଜ୍ଞାନ ପିପାସୁ ରାଧାନାଥ ଶିକ୍ଷାର୍ଜନ ଉଚ୍ଚାଭିଳାଷ ତ୍ୟାଗକରି ନ ଥିଲେ। ତେଣୁ ପୁରୀରେ ଶିକ୍ଷକତା କରୁଥିବା ସମୟରେ ଘରୋଇ ଛାତ୍ର ଭାବେ ଏଫ୍.ଏ. ପାସ୍ କରିଥିଲେ। କଲିକତାରୁ ଫେରି ରାଧାନାଥ ୩୦ ଟଙ୍କା ବେତନରେ ବାଲେଶ୍ୱର ଜିଲା ସ୍କୁଲରେ ତୃତୀୟ ଶିକ୍ଷକଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ତା' ପରେ ପ୍ରମୋଶନ ପାଇ ଦ୍ୱିତୀୟ ଶିକ୍ଷକ ଭାବେ ପୁରୀ ଜିଲା ସ୍କୁଲରେ ଯୋଗ ଦେଇଥିଲେ। ପରେ ବାଙ୍କୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛଅ ମାସ ଛାତ୍ର ବତ୍ସଳ ଓ ପ୍ରତିଭାବନ୍ତ ଶିକ୍ଷକଭାବେ ନିଜର ଶିକ୍ଷକତା ଜୀବନ ସମାହିତ କରିଥିଲେ। ଶିକ୍ଷକ ରାଧାନାଥଙ୍କ ପରବର୍ତ୍ତୀ ଜୀବନ ଶିକ୍ଷକ–ପ୍ରଶାସକ ଭାବେ ଅତିବାହିତ ହୋଇଥିଲା। ଏହି ଯଶସ୍ୱୀ ପୁରୁଷଙ୍କ ୧୯୦୮ ଏପ୍ରିଲ ୧୭ରେ ଦେହାନ୍ତ ହୋଇଥିଲା।

କମିଶନର ଜନ୍‌ବିମ୍‌ସଙ୍କ ଅନୁମୋଦନରେ ରାଧାନାଥ ରାୟ ୧୮୭୭ରେ ଜଏଣ୍ଟ ଇନ୍ସପେକ୍ଟରଭାବେ ଯୋଗଦାନ କରି ଓଡ଼ିଶା ଶିକ୍ଷା ବିଭାଗରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବାକୁ ସମର୍ଥ ହୋଇଥିଲେ। ଏହି ସମୟରେ ୧୮୬୫–୬୬ରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ, ତା'ସହ ଓଡ଼ିଶାର ଚିର ସହଚର ବନ୍ୟା, ବାତ୍ୟା, ମହାମାରୀ ଓଡ଼ିଶାବାସୀଙ୍କ ଅଣ୍ଟା ଭାଙ୍ଗି ଦେଇଥିଲା। ସମ୍ମୁଖରେ ପାହାଡ଼ ପରି ପ୍ରତୀତ ହେଉଥିବା ଭାଷା ଆନ୍ଦୋଳନ ରାଧାନାଥଙ୍କ ମନ ଓ ପ୍ରାଣକୁ ଦୋହଲାଇ ଦେଇଥିଲା।

ସରକାର ଯେତେବେଳେ ବଙ୍ଗଳା ପାଠ୍ୟପୁସ୍ତକ ବଦଳରେ ଓଡ଼ିଶାରେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନ ନିୟମ ଲାଗୁକଲେ, ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକର ଘୋର ଅଭାବ ପରିଦୃଷ୍ଟ ହେଲା। ଏହାର ସୁଯୋଗ ନେଇ ବଙ୍ଗାଳୀ କର୍ମଚାରୀମାନେ ପୁଣି ଓଡ଼ିଶାରେ ବଙ୍ଗଳା ପୁସ୍ତକ ପ୍ରଚଳନ ପାଇଁ ପ୍ରସ୍ତାବ ଦେଲେ। ଏହାର ତୀବ୍ର ବିରୋଧ କରି ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଏବଂ ବିଚିତ୍ରାନନ୍ଦ ଦାସ ପ୍ରମୁଖ ଏହି ପ୍ରସ୍ତାବକୁ ବାତିଲ କରି ଦେଇଥିଲେ। ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି ରାଧାନାଥ ନିଜେ ଫକୀର ମୋହନ ସେନାପତି ଓ ମଧୁସୂଦନ ରାଓଙ୍କ ସହ ମିଶି ଆବଶ୍ୟକୀୟ ଓଡ଼ିଆ ପାଠ୍ୟପୁସ୍ତକ ପ୍ରତିଟି ଶ୍ରେଣୀ ଉପଯୋଗୀ ରଚନା କରି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଉପୁଜିଥିବା ସମସ୍ୟାକୁ ଟାଳି ଦେଇଥିଲେ।

ଜଏଣ୍ଟ ଇନ୍ସପେକ୍ଟର ରାଧାନାଥ ଥିଲେ କର୍ମବୀର ଓ ପ୍ରଶସ୍ତ ହୃଦୟର ଅଧିକାରୀ। ପରିଦର୍ଶନ ପାଇଁ ଓଡ଼ିଶାର ମୋଗଲ ବନ୍ଦୀ ଓ ଗଡ଼ଜାତ ଅଞ୍ଚଳକୁ ଯାନ ବାହନ, ରାସ୍ତାଘାଟର ଅସୁବିଧା ସତ୍ତ୍ୱେ ବଳଦ ଗାଡ଼ି, ସବାରି, ହାତୀ, ଘୋଡ଼ା ପୃଷ୍ଠରେ ଏପରି କି ପାଦରେ ଚାଲିଚାଲି ଦୁର୍ଗମ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ଗସ୍ତ କରୁଥିଲେ। କଟକରୁ ବାହାରି ବଡ଼ମ୍ବା, ନରସିଂହପୁର, ଆଠମଲ୍ଲିକ, ତାଳଚେର, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ୨–୩ ମାସ ପରେ କଟକ ମୁଖ୍ୟ ଅଫିସକୁ ଫେରୁଥିଲେ। ନମ୍ରତା ଓ ବିନୟର ଅବତାର ତଥା ବିଜ୍ଞତାର ଗରିମାରେ ଗରିୟାନ ରାଧାନାଥ କାହାର ଦୋଷ ଦେଖିଲେ କଦାପି ନୀରବ ରହୁ ନ ଥିଲେ। ଶିକ୍ଷକ ଓ ଛାତ୍ରମାନଙ୍କର ଦୋଷ ଦୃଷ୍ଟିକୁ ଆସିଲେ ତା' ଉପରେ ସେ କଡ଼ାକଡ଼ିଭାବେ ତାଙ୍କର ପରିଦର୍ଶନ ମନ୍ତବ୍ୟ ଖାତାରେ ଟିପ୍ପଣୀମାନ ଦେଉଥିଲେ।

ରାଧାନାଥ ଏକାଧାରାରେ ଥିଲେ ଆଧୁନିକ ଶିକ୍ଷା ଓ ଆଧୁନିକ ଓଡ଼ିଆ ସାହିତ୍ୟର ଜନକ। ତାଙ୍କର ନୈସର୍ଗିକ କାବ୍ୟଗୁଡ଼ିକ ମଧ୍ୟରେ କେଦାର ଗୌରୀ, ଚନ୍ଦ୍ରଭାଗା, ନନ୍ଦକେଶ୍ୱରୀ, ଉଷା, ପାର୍ବତୀ, ଚିଲିକା, ମହାଯାତ୍ରା, ଯଯାତିକେଶରୀ ଓ ଦରବାର ଇତ୍ୟାଦି ତାଙ୍କ ରଚନାଶୈଳୀର ଭାବାବେଗ ଏବଂ ହୃଦୟସ୍ପର୍ଶୀ ଶବ୍ଦାଳଙ୍କାରର ପ୍ରୟୋଗ ବିଧିରେ ଓଡ଼ିଆ ସାହିତ୍ୟକୁ କରିଛି ଋଦ୍ଧିମନ୍ତ ଏବଂ ପ୍ରାଣବନ୍ତ। ପ୍ରଥିତଯଶା ସାହିତ୍ୟିକ ରାଧାନାଥ ଓଡ଼ିଶାର ଶିକ୍ଷା ବିଭାଗରେ ଦୀର୍ଘଦିନ ନିଜର କର୍ମମୟ ଜୀବନକୁ ଅତିବାହିତ କରି ଉଭୟ ଶିକ୍ଷା ଓ ସାହିତ୍ୟରେ ନିଜର ଉଲ୍ଲେଖନୀୟ କୃତିକୁ ଯୁଗ ବକ୍ଷରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି।

୮–ରୟାଲଗାର୍ଡ଼େନ, ଆଇଗିଣିଆ,
ଭୁବନେଶ୍ୱର, ମୋ: ୯୮୫୩୧୭୨୦୩୮

## ଏଇ ଭାରତରେ

ବୈଧବ୍ୟ ଯନ୍ତ୍ରଣାରୁ ମୁକୁଳି ୧୬,୦୦୦ ମହିଳାଙ୍କୁ ସଶକ୍ତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ନିର୍ମାଲ ଚାନ୍ଦେଲ। ହିମାଚଳପ୍ରଦେଶର ମଣ୍ଡି ନିବାସୀ ନିର୍ମାଲଙ୍କ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ହେବା ପରେ ସେ ସେଠାକାର କୁତ୍ସିତ ପ୍ରଥାର ଶିକାର ହୋଇଥିଲେ। ସେତେବେଳକୁ ତାଙ୍କର ବୟସ ଥିଲା ୩୦। ତାଙ୍କୁ ଏକ ଅନ୍ଧାରିଆ ଘରେ ବିନା ପଙ୍ଖାରେ ରହିବାକୁ ପଡ଼ିଲା। ରଙ୍ଗିନ ଲୁଗା ପିନ୍ଧିବାକୁ କିମ୍ବା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଏକାଠି ଖାଇବାକୁ ଦିଆଯାଉ ନ ଥିଲା। କୌଣସି ପାରିବାରିକ ଉତ୍ସବରେ ଉପସ୍ଥିତ ରହିବାର ସୁଯୋଗ ବି ତାଙ୍କ ଭାଗ୍ୟରେ ନ ଥିଲା। ଏସବୁ ଯନ୍ତ୍ରଣାଦାୟକ ସମୟକୁ ସାମ୍ନା କରିବା ପରେ ସ୍ୱାବଲମ୍ବୀ ହେବା ଲାଗି ଏକ ଏନ୍‌ଜିଓରେ ସ୍ୱଳ୍ପ ଦରମାରେ କାମ କଲେ। ପରେ ବିଧବାମାନଙ୍କୁ ସାହାଯ୍ୟ କରିବାକୁ ୨୦୦୫ରେ ଏନ୍‌ଜିଓ ଛାଡ଼ି 'ଏକଲା ନାରୀ ଶକ୍ତି ସଂଗଠନ' ଗଠନ କରିଥିଲେ। ଏହା ମାଧ୍ୟମରେ ୧୬,୦୦୦ ବିଧବା, ଅବିବାହିତ ତଥା ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କ ଜୀବନ ଜୀବିକା ଗଢ଼ିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ସେ ଏକ ହ୍ୱାଟ୍ସଆପ୍ ଗ୍ରୁପ କରି ବିଭିନ୍ନ ନିଯୁକ୍ତି ସୁଯୋଗ ସମ୍ପର୍କରେ ବିଧବାମାନଙ୍କୁ ଅବଗତ କରୁଛନ୍ତି। ତାଙ୍କ ସହଯୋଗରେ ଏଯାବତ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଚାକିରି ପାଇବାକୁ ସକ୍ଷମ ହୋଇଛନ୍ତି। ରାଜ୍ୟରେ ବିଧବାମାନଙ୍କୁ ସ୍ୱାସ୍ଥ୍ୟ ବୀମା, ରାଶନ କାର୍ଡ ଓ ସୁରକ୍ଷା ନିଶ୍ଚିତ କରାଯାଇପାରିଛି ବୋଲି କହନ୍ତି ୫୬ ବର୍ଷୀୟା ନିର୍ମାଲ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୬

- ଶ୍ରୀଲଙ୍କାର ଉତ୍ତରାଞ୍ଚଳ ସହର କିଲିନୋଚି ଦଖଲ ପାଇଁ ଏଲ୍‌ଟିଟିଇ ଏବଂ ଶ୍ରୀଲଙ୍କା ସୈନ୍ୟମାନଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷରେ ୪୫୦ ଗେରିଲା ନିହତ।
- ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ନଜିବୁଲ୍ଲାଙ୍କୁ ତାଲିବାନ ବିଦ୍ରୋହୀମାନେ ହତ୍ୟା କରିଛନ୍ତି।
- ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା କର୍ଣ୍ଣାଟକ ବିଧାନସଭା ଆସନରୁ ଇସ୍ତଫା ଦେଇଛନ୍ତି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 6 | | | | 4 | | 3 |
| 8 | | | | | | 1 | | |
| 7 | 3 | | | 9 | 8 | | | |
| | | | | | | | 2 | 9 |
| | | | 5 | 2 | | | | |
| | | | 9 | | 1 | | | 5 |
| | | 3 | | | 2 | | 4 | |
| | | | 1 | | | | | |
| 4 | 2 | | | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 3 | 4 | 7 | 5 | 1 | 2 | 9 |
| 2 | 1 | 4 | 3 | 9 | 6 | 5 | 8 | 7 |
| 5 | 7 | 9 | 1 | 2 | 8 | 3 | 6 | 4 |
| 9 | 5 | 6 | 7 | 8 | 2 | 4 | 1 | 3 |
| 8 | 3 | 7 | 6 | 1 | 4 | 2 | 9 | 5 |
| 4 | 2 | 1 | 5 | 3 | 9 | 8 | 7 | 6 |
| 3 | 9 | 5 | 8 | 6 | 1 | 7 | 4 | 2 |
| 1 | 4 | 2 | 9 | 5 | 7 | 6 | 3 | 8 |
| 7 | 6 | 8 | 2 | 4 | 3 | 9 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସର ଜବାବ ଦେବୁ

ମହାଶୟ,

ଆଳି–କନିକାର ଜୀବନରେଖା କୁହାଯାଉଥିବା ଖରସ୍ରୋତା ନଦୀଜଳକୁ ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ଶହେ ୧୪୪ ଧାରା ଲାଗୁ ପୂର୍ବକ ପୋଲିସ ଛାଉଣି କରି ଭଦ୍ରକ ଜିଲାକୁ ନେବା କାର୍ଯ୍ୟ ଆରମ୍ଭ ହୋଇଛି। ଭଦ୍ରକ ଜିଲାବାସୀଙ୍କ ସ୍ୱାର୍ଥ ଆଗରେ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱାର୍ଥ ନ୍ୟୁନ ବା ଗୌଣ ହୋଇଗଲା। ବହୁମତ ବ୍ୟବଧାନରେ ନିର୍ବାଚିତ କରାଇବାର ଫଳ ସାଂସଦଙ୍କ କାର୍ଯ୍ୟକଳାପରୁ ପାଇସାରିଥିବା ସ୍ଥଳେ ଏବେ ବିଧାୟକଙ୍କର କାରନାମା ଦେଖିବାକୁ ମିଳୁଛି। ଭଦ୍ରକ ଜିଲାର ଚାରଟି ବ୍ଲକ୍‌ବାସୀଙ୍କୁ ପାନୀୟଜଳ ଯୋଗାଇବା ନାଁରେ ଶିଳ୍ପସଂସ୍ଥାକୁ ଜଳ ଯୋଗାଣର ଭିତିରି ବନ୍ଦୋବସ୍ତ ହୋଇଛି। ଏ ଅନ୍ୟାୟକୁ ଆଳି–କନିକାବାସୀ ତିଳେ ହେଲେ ସହ୍ୟ କରିବେ ନାହିଁ। ଶହେ ବର୍ଷ ପୂର୍ବେ ଘଟିଥିବା ପ୍ରଜା ଆନ୍ଦୋଳନର ପୁନରାବୃତ୍ତି ହେବ। ପୋଲିସର ଜବାବ ଖୁବ୍‌ଶୀଘ୍ର ପଞ୍ଚାୟତ ନିର୍ବାଚନରେ ପୋଲିଂ ବାକ୍ସରେ ଦିଆଯିବ।

–ଶ୍ରୀମୟୀ ରାଉତ, ରାଜକନିକା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ଡିଆଁରିଲେ ଲାଜ ଗୋ ଗୋପ ତରୁଣୀ।
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ DHARITRI
ମଙ୍ଗଳବାର, ୨୮ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ୮ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୭।୯: ଅନୁଗୋଳ ଜିଲାରୁ ସୋମବାର ୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୩୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୨ ଜଣ ଥିବାବେଳେ ବଅଁରପାଳ ବ୍ଲକରୁ ୨ ଜଣ, ଛେଣ୍ଡିପଦା ବ୍ଲକରୁ ୨, ଅନୁଗୋଳ ବ୍ଲକରୁ ଜଣେ ଓ ତାଳଚେର ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିଭଳି ଦିନକରେ ଜିଲାରୁ ୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ସାପ କାମୁଡ଼ାରେ ଯୁବକ ମୃତ

ଅନୁଗୋଳ ଅଫିସ, ୨୭।୯: ଅନୁଗୋଳ ଜିଲା ଜରପଡ଼ା ଥାନା କଞ୍ଚରା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଛତୁ ତୋଳିବାକୁ ଯାଇଥିବା ଉକ୍ତ ଗ୍ରାମର ସତ୍ୟାନନ୍ଦ ସାହୁଙ୍କ ପୁଅ ଯାଦବ ସାହୁ(୪୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିବା ମେଡିକାଲ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ବଇଣ୍ଡା,୨୭।୯(ଡି.ଏନ.ଏ.)- ଠାକୁରଗଡ ଥାନା ପାଇକସାହିର ପ୍ରଧାନସାହି ନିକଟରେ ସୋମବାର ସକାଳେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଠାକୁରଗଡ ଥାନା ଭଗାମୁଣ୍ଡା ଗ୍ରାମର ବୃନ୍ଦାବନ ସାହୁ(୬୨)। ଗୁରୁତରମାନେ ହେଲେ ଭଗାମୁଣ୍ଡା ଗ୍ରାମର ସୁଜିତ ସାହୁ (୨୯), ରାଜେଶ ସାହୁ (୭), ଜଗଦଲପୁର ଅଞ୍ଚଳର ରାଜେନ୍ଦ୍ର ସାହୁ (୨୭) ଏବଂ ସରୋଜ ସାହୁ (୨୫)। ଘଟଣାରୁ ଜଣାପଡିଛି, ସୁଜିତ, ବୃନ୍ଦାବନ, ରାଜେଶ ତାଙ୍କ ବାଇକ ଯୋଗେ ଭଗାମୁଣ୍ଡା ଗ୍ରାମରୁ ଖଡରାମୁଣ୍ଡା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ରାଜେନ୍ଦ୍ର ଓ ସରୋଜଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବୃନ୍ଦାବନଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଠାକୁରଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଟି ଯାକ ଗାଡିକୁ ଜବତ କରିବା ସହ ନଂ. ୨୪୧/୨୧ ରେ ଏକ ମାମଲା ରୁଜୁ କରିଛି।

### ବଜ୍ରପାତରେ ଚାଷୀ ମୃତ

ଗଁଦିଆ,୨୭।୯- ଗଁଦିଆ ବ୍ଲକ ଖଙ୍କିରା ପଞ୍ଚାୟତ ଘୋରାଘୋରି ଗ୍ରାମର ମକର ପ୍ରଧାନଙ୍କ ପୁଅ ଆରତ ପ୍ରଧାନ(୫୬)ଙ୍କ ବଜ୍ରପାତରେ ସୋମବାର ମୃତ୍ୟୁ ହୋଇଛି। ଆରତ ବିଲରେ ଚାଷ କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରନ୍ତ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ଶେଷ ହେଉନି ସଞ୍ଜୀବନୀ ସଂଗ୍ରାମ

ଅନୁଗୋଳ ଅଫିସ, ୨୭।୯



ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଟିକା ନେବାକୁ ଲମ୍ବା ଲାଇନ୍।

- ୮ ମାସରେ ପ୍ରଥମ ଡୋଜ୍ ନେଇଛନ୍ତି ମାତ୍ର ୬୧.୩ %
- ଚାହିଦା ଅନୁଯାୟୀ ଅନୁଗୋଳ ଜିଲାକୁ ଆସୁନି ଟିକା
- ଘଣ୍ଟା ଘଣ୍ଟା ଅପେକ୍ଷା ସତ୍ତ୍ୱେ ନିରାଶରେ ଫେରୁଛନ୍ତି ଲୋକେ

ଟିକା ନେଲେ ଦେହରେ ସୃଷ୍ଟି ହେଉଛି ଆଣ୍ଟିବଡି। ମହାମାରୀ କୋଭିଡ୍‌ରୁ ଅନେକାଂଶରେ ମିଳୁଛି ସୁରକ୍ଷା। ସରକାର ଓ ବିଶେଷଜ୍ଞମାନଙ୍କ ଏପରି ମତକୁ ଆଧାରକରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବଢୁଛି ଭିଡ଼। କେଉଁଠି ରାତିରୁ ଲୋକଙ୍କ ଲାଇନ ଲାଗୁଛି ତ ଆଉ କେଉଁଠି ଆଧାର କାର୍ଡକୁ ଧାଡ଼ିରେ ରଖି ସଞ୍ଜୀବନୀ ପାଇଁ ଲୋକେ ଚଳାଇଛନ୍ତି ସଂଘର୍ଷ। ହେଲେ ଚାହିଦା ଅନୁଯାୟୀ ଅନୁଗୋଳ ଜିଲାକୁ ଟିକା ଆସୁ ନ ଥିବାରୁ ୮ ମାସ ହେଲା ଶେଷ ହେଉନି ଜିଲାବାସୀଙ୍କ ସଂଗ୍ରାମ।

ଅନୁଗୋଳ ଜିଲାରେ ଗତ ଜାନୁୟାରୀ ୧୬ ତାରିଖରୁ ଆରମ୍ଭ ହୋଇଥିଲା କୋଭିଡ୍ ଟିକାକରଣ। ପ୍ରଥମେ କରୋନା ଯୋଦ୍ଧା ଓ ପରେ ବରିଷ୍ଠ ନାଗରିକ, ୪୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏପରି କି ଟିକାକରଣ କେନ୍ଦ୍ର ପ୍ରତି ଆକର୍ଷିତ କରିବାକୁ ଅନୁଗୋଳ ଷ୍ଟାଡିୟମରେ ମେଗା ଭାକ୍ସିନେଶନ୍ ସେଣ୍ଟର ଖୋଲାଯାଇଥିଲା। ସେଲ୍‌ଫି ପଏଣ୍ଟ ମଧ୍ୟ କରାଯାଇଥିଲା। ତେବେ ଟିକାର ସଫଳତା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ପରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଲୋକଙ୍କ ସୁଅ ଛୁଟିବାରେ ଲାଗିଥିଲା। ଏପରି କି ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ରାତିରୁ ଲାଇନ ଲାଗିଥିଲା। ଆଧାରକାର୍ଡ, ଚପଲ, ବ୍ୟାଗ ଆଦିକୁ ଧାଡ଼ିରେ ରଖାଯାଇଥିଲା। କେଇମାସ ହେଲା ଅନୁଗୋଳ ଜିଲାର ବିଭିନ୍ନ ଚିକିତ୍ସାଳୟରେ ଏପରି ଦୃଶ୍ୟ ନିତିଦିନିଆ ହୋଇଯାଇଥିଲେ ମଧ୍ୟ ଟିକାକରଣ ଦ୍ରୁତଗତିରେ ଆଗେଇପାରୁ ନାହିଁ। କାରଣ ଲୋକଙ୍କ ଚାହିଦା ଅନୁଯାୟୀ ଜିଲାକୁ ଟିକା ଯୋଗାଣ ହୋଇପାରୁ ନାହିଁ। ଏହି କାରଣରୁ ଗତ ୨୪ ତାରିଖ ସୁଦ୍ଧା ଜିଲାର ମାତ୍ର ୬୧.୩ ଅର୍ଥାତ୍ ୫ ଲକ୍ଷ ୮୮ ହଜାର ୩୦୦ ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇପାରିଛି। ସେହିପରି ଏମାନଙ୍କ ମଧ୍ୟରୁ ୩୨.୩ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୮୯ ହଜାର ୯୨୫ ଜଣ ଦ୍ୱିତୀୟ ଡୋଜ୍ ନେଇପାରିଛନ୍ତି।

### ଅନୁଗୋଳ ଜିଲାର କେଉଁ ଚିକିତ୍ସାଳୟରେ କେତେ ଟିକା ପ୍ରଦାନ କରାଯାଇଛି

| ଟିକାକରଣ ସ୍ଥାନ | ପ୍ରଥମ ଡୋଜ୍ | ଦ୍ୱିତୀୟ ଡୋଜ୍ | ମୋଟ୍ ଟିକାକରଣ |
|---|---|---|---|
| ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ | ୧,୦୦,୨୦୨ | ୩୫,୪୨୦ | ୧,୩୫,୬୨୨ |
| ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୪୯,୮୦୨ | ୧୫,୯୩୫ | ୬୫,୭୩୭ |
| ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୬୫,୯୮୯ | ୨୧, ୫୨୭ | ୮୭,୫୧୬ |
| କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୭୦, ୪୮୦ | ୧୮,୭୫୩ | ୮୯,୨୩୩ |
| କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୪୨,୬୦୭ | ୧୩,୪୨୬ | ୫୬,୦୩୩ |
| ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୫୨,୬୩୭ | ୧୬,୧୫୯ | ୬୮,୭୯୬ |
| କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୬୦,୭୩୩ | ୧୯,୬୩୩ | ୮୦,୩୬୬ |
| ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୩୫, ୯୮୭ | ୧୩,୪୮୨ | ୪୯,୪୬୯ |
| ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ୫୮,୩୮୩ | ୨୦,୨୨୦ | ୭୮,୬୦୩ |
| ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର | ୨୯,୪୨୦ | ୮,୬୦୪ | ୩୮,୦୨୪ |
| ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର | ୧୩,୦୪୧ | ୩,୪୭୦ | ୧୬,୫୧୧ |
| ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର | ୯,୦୧୯ | ୩,୨୯୬ | ୧୨,୩୧୫ |
| ଜିଲାରେ ହୋଇଥିବା ମୋଟ ଟିକାକରଣ | ୫,୮୮,୩୦୦ | ୧,୮୯,୯୨୫ | ୭,୭୮,୨୨୫ |

#### ସ୍ଲଟ୍ ବୁକିଂ କଷ୍ଟକର ହୋଇପଡୁଛି



ପ୍ରଥମ ଡୋଜ୍ ପାଇଁ ସ୍ଲଟ ବୁକିଂ ନିମନ୍ତେ ଦୀର୍ଘଦିନ ଲାଗିଗଲା। କାରଣ ଅଳ୍ପ ଟିକା ଆସୁଥିବାରୁ ସ୍ଲଟ୍ ଖୋଲୁ ଖୋଲୁ ପଞ୍ଜୀକରଣ ଶେଷ ହୋଇଯାଉଥିଲା। ତେଣୁ କିଛିଦିନ ତଳେ ପ୍ରଥମ ଡୋଜ୍ ନେଇପାରିଛି। ଏପରି ସମସ୍ୟା ଯୋଗୁ ଟିକାକରଣ ଶିଥିଳ ପଡ଼ିଯାଉଛି। ଅଧିକ ଟିକା କିପରି ଆସିବ ସେହି ବ୍ୟବସ୍ଥା କରାଯାଉ।

-ଦୁର୍ଯ୍ୟୋଧନ ପାଲ, ଅନୁଗୋଳବାସୀ

#### ପର୍ଯ୍ୟାପ୍ତ ପରିମାଣର ଟିକା ମିଳୁନାହିଁ



ଜିଲାକୁ ପର୍ଯ୍ୟାପ୍ତ ପରିମାଣର ଟିକା ଆସୁ ନ ଥିବାରୁ ଟିକାକରଣରେ ଶିଥିଳତା ଦେଖାଦେଉଛି। ରାଜ୍ୟ ସରକାର ଯେତିକି ପ୍ରଦାନ କରୁଛନ୍ତି, ସେହି ଅନୁପାତରେ ଲୋକଙ୍କୁ ଟିକା ଦିଆଯାଉଛି। ପ୍ରଶାସନ ଅଧିକ ମାଗିଲେ ମଧ୍ୟ ମିଳିବ ନାହିଁ କାରଣ ସରକାରଙ୍କ ପକ୍ଷରୁ ପ୍ରତି ଜିଲାକୁ ଟିକା ବାଣ୍ଟିକରି ଦିଆଯାଉଛି।

-ଡାକ୍ତର ଧନଞ୍ଜୟ ବେହେରା, ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ)

#### ପୁଅ ଦୁଇ ରାତି ଅନିଦ୍ରା ହୋଇଥିଲା



ଜିଲାରେ ଟିକାଦାନ ବ୍ୟବସ୍ଥାରେ ପୂର୍ବାପେକ୍ଷା ସୁଧାର ଆସିଛି। ହେଲେ ଆବଶ୍ୟକତା ଅନୁଯାୟୀ ଟିକା ଆସୁନାହିଁ। ସେଥିପାଇଁ ସାଧାରଣ ଲୋକଙ୍କୁ ଦିନ ଦିନ ଧରି ଧାଡ଼ିରେ ଠିଆ ହେବାକୁ ପଡୁଛି। ମୋତେ ଟିକା ଦେବାକୁ ପୁଅମାନେ ଦୁଇ ରାତି ଅନିଦ୍ରା ହୋଇ ଲାଇନ୍ ଦେଇଥିଲେ। ଏହାପରେ ଟିକା ନେଇପାରିଥିଲି।

-ଗୀତା ବିଶ୍ୱାଳ, ଅନୁଗୋଳବାସୀ

#### ଟିକା ଯାଉଛି କୁଆଡ଼େ



ସରକାରଙ୍କ ଟିକା ବଣ୍ଟନ ନୀତି ବୁଝାପଡୁନି। ସେଥିପାଇଁ ଅନୁଗୋଳ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କମ୍ ଟିକା ପହଞ୍ଚୁଛି। ଏହା ଚାହିଦା ତୁଳନାରେ ଏତେ ସ୍ୱଳ୍ପ ଯେ ରାତିରୁ ଧାଡ଼ି ନ ବାନ୍ଧିଲେ ମିଳିବାର ସୁଯୋଗ ନାହିଁ। କେନ୍ଦ୍ରରୁ ଅଧିକ ଆସୁଥିବା କୁହାଯାଉଥିବା ବେଳେ ରାଜ୍ୟରେ କୁଆଡ଼େ ଯାଉଛି ତାହା ଜଣା ପଡୁନି।

-ସୁଦୀପ ଗଡ଼ନାୟକ, ଅନୁଗୋଳ

ତେଣୁ ଗତ ୮ ମାସ ମଧ୍ୟରେ ଜିଲାରେ ୭ ଲକ୍ଷ ୭୮ ହଜାର ୨୨୫ ଡୋଜ୍ ଟିକାକରଣ ହୋଇପାରିଛି। ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଉଥିଲେ ମଧ୍ୟ ଟିକା ଅଭାବ ବଡ଼ ସମସ୍ୟା ପାଲଟିଛି। ତେଣୁ ସବୁଦିନ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ହୋଇପାରୁ ନାହିଁ। କିନ୍ତୁ ଏ ନେଇ ଜନସାଧାରଣ ଅବଗତ ହୋଇପାରୁ ନାହାନ୍ତି। ଜିଲାର ବହୁ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚିନାହିଁ। ଅନେକ ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ମଧ୍ୟ ନାହିଁ। ସେଥିପାଇଁ ସେମାନେ ସ୍ଲଟ୍ ବୁକିଂ କରି ନ ପାରିବା ସହ କେଉଁଦିନ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ହେଉଛି କି ନାହିଁ ସେ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଫଳରେ ଟିକା ନେବାକୁ ରାତିରୁ ଲାଇନ୍ ଦେଇ ଅପେକ୍ଷା କରୁଥିବା ଲୋକେ ଶେଷରେ ନିରାଶରେ ଫେରିଯିବାକୁ ବାଧ୍ୟ ହେଉଛନ୍ତି।

## ରୋଗୀ ଦେଖାକୁ ନେଇ ବିବାଦ

### ପୂର୍ବତନ ନଗରପାଳ, ଡାକ୍ତରଙ୍କ ବିରୋଧରେ ମାମଲା

ଢେଙ୍କାନାଳ ଅଫିସ,୨୭।୯

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଦେଖାକୁ ନେଇ ସୋମବାର ମଧ୍ୟାହ୍ନରେ ବିବାଦ ସୃଷ୍ଟି ହୋଇଛି। ରୋଗୀ ଦେଖୁଥିବା ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ପୂର୍ବତନ ନଗରପାଳ ମୋନିକା ଶର୍ମାଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦିଆଯାଇଛି। ସେହିପରି ଅଭିଯୋଗକାରୀ ଡାକ୍ତର ରାଜକିଶୋର ସେଠୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ପୂର୍ବତନ ନଗରପାଳ ମୋନିକା ଶର୍ମା ପାଲଟା ଏତଲା ଦେଇଛନ୍ତି। ଡାକ୍ତରଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ନଂ. ୩୯୦।୨୧ ଓ ମୋନିକାଙ୍କ ଅଭିଯୋଗ କ୍ରମେ ନଂ. ୩୯୧।୨୧ରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ପୂର୍ବତନ ନଗରପାଳ ମୋନିକା ଶର୍ମାଙ୍କ ପୁଅକୁ ଜ୍ୱର ହୋଇଥିଲା। ସେ ଚିକିତ୍ସା ପାଇଁ ପୁଅକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଡାକ୍ତର ଚିକିତ୍ସା କରିବା ସମୟରେ କୌଣସି କାରଣରୁ ମୋନିକା ଓ ଡାକ୍ତରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ମୋନିକା ସମ୍ପୃକ୍ତ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକଚମକ ଦେଇଥିଲେ ବୋଲି ଡାକ୍ତରଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି। ସେହିପରି ପୁଅକୁ ଡାକ୍ତରଙ୍କୁ ଦେଖାଉଥିବା ବେଳେ ଡାକ୍ତର ରାଜକିଶୋର ଏଠାରେ ନୁହେଁ କ୍ଲିନିକରେ ଦେଖିବି ବୋଲି ମୋନିକାଙ୍କୁ କହିଥିଲେ। ଏଥିସହ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ମୋନିକା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ପରଜଙ୍ଗ,୨୭।୯(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହଚରଣ ସାହୁ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ଯୋଗ ଦେଇଥିଲେ। ନୂତନ ଶ୍ରେଣୀଗୃହ ହେବା ଦ୍ୱାରା ପାଠପଢାରେ ସମସ୍ୟା ଦେଖାଦେବ ନାହିଁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସମ୍ପାଦକ ଭୂପେଶଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ ନିରାକାର ପ୍ରଧାନ, ବାରିହାପୁର ସରପଞ୍ଚ ଦୁଷ୍ମନ୍ତ କୁମାର ନାଏକଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ।

## ସ୍ୱାଗତ, ବିଦାୟକାଳୀନ ସଭା

ସାତମାଇଲି,୨୭।୯(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା କଲେଜ ପରିସରରେ ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଏବଂ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟାପକ ଅଜୟ କୁମାର ସୁବୁଦ୍ଧିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧ୍ୟାପକ ମହେଶ୍ୱର ପଟ୍ଟନାୟକ, ପ୍ରଧ୍ୟାପିକା ବୀଣାପାଣି ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଯାଇଥିଲା। ଏହାପରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

## ୩ ଚୋରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଛେଣ୍ଡିପଦା,୨୭।୯(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଫୁଲଝରିବାସୀ ରବିବାର ୩ ଜଣ ଚୋରି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ତଦନ୍ତ ପରେ ପୋଲିସ ସୋମବାର ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ କୋଲିୟରୀ ଥାନା ଭାଲୁଗାଡିଆ ଅଞ୍ଚଳର ସୁମନ୍ତ ନାଏକ(୨୦), ମନୋଜ ନାଏକ(୨୧) ଓ ସମୀର ନାଏକ(୧୯)। ପୋଲିସ କହିଛି, ଫୁଲଝରି ଛକଠାରେ ଥିବା ଯୁଗଳ ସାହୁ ଓ ଲୋଚନ ସାହୁଙ୍କ ଦୋକାନରୁ ୩ଅଭିଯୁକ୍ତ ଚୋରି କରୁଥିଲାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଥାନାକୁ ଆଣି ନଂ. ୪୫୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା,



ପୋଲିସ ୩ ଅଭିଯୁକ୍ତଙ୍କୁ ହାଜର କରାଇଛି।

ସମ୍ପୃକ୍ତ ୩ଜଣ ଗତ ୨୩ ତାରିଖରେ କୋଲିୟରୀ ଥାନା ସାଉଥବଲଣ୍ଡା ଅଞ୍ଚଳରୁ ଏକ ବାଇକ୍ ଚୋରି କରିଥିଲେ। ଏ ନେଇ ନଂ. ୪୨୧/୨୧ରେ ଏକ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ସୁମନ୍ତ ନାଏକ ତାଳଚେର ଅଞ୍ଚଳରୁ ଆହୁରି ୨ଟି ବାଇକ୍ ଚୋରି କରିଥିବା ଜଣାପଡିଛି। ଏ ନେଇ ସୁମନ୍ତଙ୍କ ନାଁରେ ଜାନୁୟାରୀ ୨୦ରେ କୋଲିୟରୀ ଥାନାରେ ନଂ. ୩୦/୨୧ ଓ ୩୩/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ସେମାନଙ୍କ ନିକଟରୁ ୨୦୦୦ ହଜାର ଟଙ୍କା, ଖଣ୍ଡା ଓ ରେଞ୍ଚି ଜବତ କରାଯାଇଥିବା ଏଏସଆଇ ଦିଲୀପ ଗଡନାୟକ ସୂଚନା ଦେଇଛନ୍ତି।

## 'ନିର୍ଯାତନା ରୋକିବାକୁ ଯତ୍ନବାନ ହୁଅ'

ବଇଣ୍ଡା,୨୭।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ଲୁହାମୁଣ୍ଡା ହାଇସ୍କୁଲ ଓ ନୁନୁକାପଶି ପଞ୍ଚାୟତ ପରିସରରେ ଚାଇଲ୍ଡଲାଇନ ଅନୁଗୋଳ ଓ ଜିଲା ଶିଶୁସୁରକ୍ଷା ୟୁନିଟ୍ ପକ୍ଷରୁ ପଞ୍ଚାୟତସ୍ତରୀୟ ଶିଶୁସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଜଳଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଚାଇଲ୍ଡଲାଇନ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ବର୍ତ୍ତମାନ ଶିଶୁମାନଙ୍କ ଉପରେ ଘଟୁଥିବା ନିର୍ଯାତନା କିପରି ରୋକାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତ ଶିଶୁ ସୁରକ୍ଷା କମିଟିର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ରାମ ଦେଓ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟସା, ସ୍ୱାସ୍ଥ୍ୟକର୍ମୀ ସସ୍ମିତା ପାତ୍ର, ଅଙ୍ଗନୱାଡି କର୍ମୀ ସସ୍ମିତା ଦେହୁରୀ, ଗିରିଶ ଚନ୍ଦ୍ର ବେହେରା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଲୁହାମୁଣ୍ଡା ହାଇସ୍କୁଲ ପରିସରରେ ସରପଞ୍ଚ ତିଲୋତ୍ତମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିଶୁମାନେ କିଭଳି ଭଲରେ ରହିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନ କମିଟି ଗଠନ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା, ଅରବିନ୍ଦ ଦେହୁରୀ, ଗୀତାଞ୍ଜଳି ସାହୁଙ୍କୁ ଚୟନ କରାଯାଇଥିଲା। ଅଭିଷେକ ମହାପାତ୍ର ପରିଚାଳନା କରିଥିଲେ।




ଲୁହାମୁଣ୍ଡାଠାରେ ଅନୁଷ୍ଠିତ ବୈଠକରେ ଶିଶୁ ସୁରକ୍ଷା କମିଟି ଅଧିକାରୀଙ୍କ ସହ କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

## ଶକ୍ତି ଦେଖାଇଲା କୃଷକ ମୋର୍ଚ୍ଚା, କଂଗ୍ରେସ

ଅନୁଗୋଳ ଅଫିସ, ୨୭।୯

ଭାରତ ସରକାର କରିଥିବା ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଅନୁଗୋଳରେ ପଡ଼ିଛି। ତେବେ ଏହାକୁ ଭାରତୀୟ ଜାତୀୟ କଂଗ୍ରେସ ସମେତ ଦେଶର ୧୯ ଗୋଟି ରାଜନୈତିକ ଦଳ ସମର୍ଥନ କରିଥିବା ଦେଖାଯାଇଥିଲା। ଏହି ବନ୍ଦକୁ ସମର୍ଥନ କରି କଂଗ୍ରେସ ଦଳର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଥିଲେ। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ଓବିସି ସେଲ୍ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ, ନୀଳକଣ୍ଠ ନାଏକ, ସଞ୍ଜୀବ ମାଣ୍ଡୋଠିଆ, ଲୁଲୁ ଥାପା, ଲୁଲୁ ପାଣିଗ୍ରାହୀ, ବଳବିର ସିଂହ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଆଇଏନ୍‌ଟିୟୁସି ଜିଲା ସମ୍ପାଦକ ବିଦ୍ୟାଧର ସାମଲ, ଏଚ୍‌ଏମ୍‌ଏସ୍ ଶ୍ରମିକ ନେତା ପବିତ୍ର କୁମାର ବିଶ୍ୱାଳ, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, କାର୍ଯ୍ୟକାରୀ ସଭାପତି ବସନ୍ତ ପଟ୍ଟନାୟକ, ଏଆଇସିସିଟିୟୁ ଶ୍ରମିକ ନେତା ତପନ ମହାନ୍ତି, ଏଆଇକେକେଏମ୍‌ଏସ୍ ଜିଲା ନେତା ସଞ୍ଜୟ ସାହୁ, ଏଆଇଏମ୍‌ଏସ୍‌ଏସ୍ ସଭାନେତ୍ରୀ ମନ୍ଦୋଦରୀ ରାଉଳ, ଏଆଇଡିୱାଇଓ ଜିଲା ସଭାପତି ବିଷ୍ଣୁ ସାହୁ, ଏଆଇଡିଏସ୍‌ଓ ଜିଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ସାମିଲ ଥିଲେ। ସେହିପରି ଆଠମଲ୍ଲିକରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ଗାଡ଼ିମୋଟର, ଦୋକାନ ବଜାର ବନ୍ଦ କରିଥିଲେ। ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, ବାମଦଳ ନେତା ତପନ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଓକିଲ ଜିତେନ୍ଦ୍ର ମୁଖୀ, ଦେବବ୍ରତ ପ୍ରଧାନ, ରାଜୁ ଖାଁ, କରୁଣା ନାଏକ ପ୍ରମୁଖ ଯୋଗ ଦେଇଥିଲେ। କିଶୋରନଗର ଏସ୍‌ୟୁସିଆଇ ପକ୍ଷରୁ କମିଟି ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ଛେଣ୍ଡିପଦା ଏସୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ନବକିଶୋର ପ୍ରଧାନଙ୍କ ନେତୃତ୍ୱରେ ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ଜଳଧର ଦେହୁରୀ, ପ୍ରତିମା ବେହେରା, ପ୍ରମୋଦ ବେହେରା, ଚୈତନ୍ୟ ସାହୁ, ପ୍ରତାପ ସାହୁ ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ସେହିପରି ନାଲ୍‌କୋ ସ୍ମେଲଟର ମେନ୍ ଗେଟ ସମ୍ମୁଖରେ ନାଲ୍‌କୋ କୋଅର୍ଡିନେଶନ କମିଟି ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇଟିସିୟୁ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କଣିହାଁ ଏନ୍‌ଟିପିସି ବାଇପାସ୍ ଛକଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଶ୍ରମିକ ସଙ୍ଗଠନ, ଯୁବ ସଙ୍ଗଠନ, ଛାତ୍ର ସଙ୍ଗଠନ, ଚାଷୀ ସଙ୍ଗଠନ ନେତା ଓ କର୍ମୀମାନେ ବନ୍ଦ ପାଳନ କରିଥିଲେ।




ଅନୁଗୋଳ ସହରରେ ବନ୍ଦ ପାଳନ କରିବାକୁ କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା।

ସୌନ୍ଦର୍ଯ୍ୟ



**ବର୍ଷାଦିନେ ମାଟି କାଦୁଅ, ଅପରିଷ୍କାର ପାଣିରେ ପାଦ ଭିଜିବା ଯୋଗୁ ଜୀବାଣୁ ସଂକ୍ରମଣର ଆଶଙ୍କା ବେଶି। ତା' ଛଡ଼ା ଓଦା ଚପଲ, ଜୋତା ଆଦି ଅଧିକ ସମୟ ରହିବା କାରଣରୁ ପାଦ ଗନ୍ଧ ହେବା ସହ ପାଣିଖାଇବା, ଫଙ୍ଗାଲ ଇନ୍‌ଫେକ୍ସନ ବି କେତେକଙ୍କଠାରେ ଦେଖା ଦେଇଥାଏ। ତେଣୁ ଏଦିନେ ପାଦର ଯତ୍ନ ନେବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ପେଡିକିଓର କରାଇବା ବେଶ୍ ଲାଭଦାୟକ...**

# ଘରେ ବର୍ଷାଦିନିଆ ପେଡିକିଓର୍

- ପ୍ରଥମେ ପାଦର ନେଲ୍‌ପଲିସ୍‌କୁ ଏସିଟୋନ୍ ମୁକ୍ତ ନେଲ୍‌ପଲିସ୍ ରିମୁଭର୍‌ରେ ଭଲଭାବରେ ପୋଛନ୍ତୁ। ନଖ ଭିଜିଗଲେ ନରମ ହୋଇ ଭାଙ୍ଗିଯାଏ ତେଣୁ ପାଣିରେ ଓଦା କରିବା ପୂର୍ବରୁ ନେଲ୍‌କଟରରେ କାଟି ଫାଇଲର୍ ସାହାଯ୍ୟରେ ଫାଇଲ୍ କରି ଶେପ୍ ଦିଅନ୍ତୁ।
- ନଖ କୋଣରୁ ଏବଂ ତଳୁ ମଇଳା ବାହାର କରିବା ପାଇଁ ପେଡିକିଓର୍ ଟୁଲ୍ସ ବ୍ୟବହାର କରନ୍ତୁ।
- ବର୍ତ୍ତମାନ ଏକ ଟବ୍‌ରେ ଉଷୁମ ପାଣି ରଖନ୍ତୁ ଏବଂ ସେଥିରେ ଏକ ଟି ସ୍ପୁନ୍ ଲେଖାଏଁ ଶ୍ୟାମ୍ପୁ, ଲେମ୍ବୁ ରସ ପକାଇ ଗୋଳାନ୍ତୁ। ଏହି ପାଣିରେ ପାଦକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ପାଦ ନରମ ହୋଇଗଲେ ଏକ ପ୍ୟୁମିକ୍ ଷ୍ଟୋନ ସାହାଯ୍ୟରେ ଗୋଇଠି ଓ ଆଙ୍ଗୁଠି ଆଦିକୁ ଧୀରେ ଧୀରେ ଘଷନ୍ତୁ।
- ପାଦରୁ ଡେଡ୍ ସେଲ୍ସ ବାହାର କରିବା ନରମ ଏବଂ ମୁଲାୟମ କରିବା ଲାଗି ସ୍କ୍ରବିଂ କରିବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ୨ ଚାମଚ ଲେଖାଏଁ କଫି ପାଉଡ଼ର, ଅଟା ଏବଂ ଲୁଣ ନିଅନ୍ତୁ। ସେଥିରେ ନଡିଆ ତେଲ ମିଶାଇ ସ୍କ୍ରବ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ନିଜ ପାଦ, ଗୋଇଠି ଏବଂ ଆଙ୍ଗୁଠିରେ ଧୀରେ ଧୀରେ ମସାଜ କରନ୍ତୁ। ଏହା ଦ୍ୱାରା ଆପଣଙ୍କ ପାଦ ନରମ ଲାଗିବା ସହ ଆପଣ ରିଲାକ୍ସ ଅନୁଭବ କରିବେ। କିଛି ସମୟ ପରେ ପାଦକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ।
- ସପ୍ତାହକୁ ଦୁଇରୁ ତିନି ଥର ଏହି ଭଳି କରନ୍ତୁ। ଏହା ପରେ ନର୍ମାଲ୍ ପାଣିରେ ପାଦକୁ ଧୋଇ ଏକ ସଫା ଟାୱେଲରେ ଭଲ ଭାବେ ପୋଛି ମଶ୍ଚରାଇଜର ଲୋଶନ ଲଗାଇ ଦିଅନ୍ତୁ।
- ବର୍ଷାଦିନେ ନଖକୁ ଅପରିଷ୍କାର ପାଣି କାଦୁଅରୁ ସୁରକ୍ଷା ଦେଖାଯିବା ସହ ସୁନ୍ଦର ଦେଖାଯିବା ପାଇଁ ଟ୍ରାନ୍ସପରେଣ୍ଟ କିମ୍ବା ନିଜ ମନପସନ୍ଦର ଯେକୌଣସି ରଙ୍ଗର ନେଲପେଣ୍ଟ ବ୍ୟବହାର କରନ୍ତୁ।



# ବର୍ଷାଦିନେ ପିଲାଙ୍କ ତ୍ୱଚାର ଯତ୍ନ



**ବର୍ଷାଦିନେ ବର୍ଷାରେ ଭିଜିବାକୁ କାହାକୁ ବା ଭଲ ଲାଗେନି! ହେଲେ ଛୋଟ ପିଲାମାନେ ଏହାର ଅଧିକ ମଜା ନିଅନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏଥିପାଇଁ ସେମାନଙ୍କ ଚର୍ମ ବେଶି ପ୍ରଭାବିତ ହୁଏ। ତେଣୁ ଏଦିନେ ପିଲାଙ୍କ ତ୍ୱଚାର ଯତ୍ନ କିପରି ନେବେ, ଜାଣି ରଖନ୍ତୁ ଟିପ୍ସ...**

- ବର୍ଷାଦିନେ ପିଲାମାନଙ୍କୁ ଫଙ୍ଗାଲ୍ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ବର୍ଷାପାଣି ସଂସ୍ପର୍ଶରେ ଅସିଲେ ଏଭଳି ସମସ୍ୟା ନ ଉପୁଜିବା ଲାଗି ଆଣ୍ଟିସେପ୍ଟିକ୍ କ୍ରିମ୍ କିମ୍ବା ଲୋଶନ୍ ଲଗାଇବାକୁ ଭୁଲନ୍ତୁ ନାହିଁ।
- ଯଦି ପିଲାମାନଙ୍କ ଦେହ କୌଣସି କାରଣରୁ କୁଣ୍ଡେଇ ହୁଏ, ଫଳି ଯାଏ ବା ଲାଲ୍ ଦାଗ ପଡ଼ିଯାଏ, ତେବେ ତୁରନ୍ତ ଡ଼ାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କିମ୍ବା ଆପଣ ଘରୋଇ ଉପଚାର ଭାବେ ଲିମ୍ବ ପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାଇପାରିବେ।
- ଅଧିକାଂଶଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ବର୍ଷାଦିନେ ପିଲାମାନେ ଗାଧୋଇବା ଠିକ୍ ନୁହେଁ। ହେଲେ ଏପରି ଆଦୌ ନ କରି ପିଲାଙ୍କୁ ସଫା, ନିରୋଗ ଓ ଜୀବାଣୁମୁକ୍ତ ରଖିବା ଲାଗି ନିୟମିତ ନଖ ଉଷୁମ ପାଣିରେ ଗାଧୋଇ ଦିଅନ୍ତୁ।
- ଏଦିନେ ରାତିରେ ଶୋଇବା ପୂର୍ବରୁ ପିଲାଙ୍କ ପାଦରେ ନଖ ଉଷୁମ ସୋରିଶ ତେଲ ଘଷିବା ଦ୍ୱାରା ଆରାମ ଲାଗିବା ସହ ଫଙ୍ଗାଲ ଇନ୍‌ଫେକ୍ସନ ଏବଂ ଥଣ୍ଡା, କାଶ, ଜ୍ୱର ଆଦି ସମସ୍ୟାକୁ ଏଡାଇ ପାରିବେ।

# ଆପ ସାଥୀ ଜିପିଏସ୍

**ଦିନ ଥିଲା ଅଧିକାଂଶ ମହିଳାଙ୍କୁ କୌଣସି କାର୍ଯ୍ୟରେ ବାହାରକୁ ଯିବା ପାଇଁ ପରିବାର ସଦସ୍ୟଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ଅତ୍ୟାବଶ୍ୟକ ସ୍ଥଳେ ଏକାକୀ କୌଣସି ଅଜଣା ଜାଗାକୁ ଯିବାକୁ ଥିଲେ କେବେ ବାଟବଣା ହୋଇଯିବାକୁ ନେଇ ତ ଆଉ କେବେ ଅଚିହ୍ନା ଗାଡିବାଲା ଅନ୍ୟତ୍ର ନେଇ ଯିବାକୁ ନେଇ ଭୟ ରହୁଥିଲା। ହେଲେ ଏହାର ସରଳ ସମାଧାନ ଉପାୟ ପାଲଟିଛି ଜିପିଏସ୍ ବା ଗୁଗୁଲ୍ ମ୍ୟାପ୍। ନିଜ ମୋବାଇଲ୍ ଫୋନ୍‌ରେ ଏହାକୁ ବ୍ୟବହାର କରି ସେମାନେ ପ୍ରତ୍ୟେକ ସ୍ଥାନରେ ସହଜରେ ପହଞ୍ଚି ପାରୁଛନ୍ତି...**



ଜିପିଏସ୍ ବା ଗୁଗଲ୍ ମ୍ୟାପ୍ ବର୍ତ୍ତମାନ ସମସ୍ତଙ୍କ ଲାଗି ବିଶେଷ କରି ବାହାରକୁ ଯିବା ଲାଗି ଅନ୍ୟ ଉପରେ ନିର୍ଭର କରୁଥିବା ମହିଳାଙ୍କ ଖୁବ୍ ସୁବିଧା ଯୋଗାଉଛି। ଏହାଦ୍ୱାରା କୌଣସି ସ୍ଥାନ ଖୋଜିବା ଲାଗି ଅନ୍ୟର ସାହାଯ୍ୟ ନେବା କିମ୍ବା ଦୀର୍ଘ ସମୟ ଧରି ଏଣେତେଣେ ବୁଲିବା ଭଳି ସମସ୍ୟା ରହୁନାହିଁ। ଅଯଥା ସମୟ ନଷ୍ଟ ସହ ଅନାବଶ୍ୟକ ଇନ୍ଧନ ଖର୍ଚ୍ଚକୁ ମଧ୍ୟ ରୋକାଯାଇପାରୁଛି। ଗୁଗଲ୍ ମ୍ୟାପ୍‌ରେ ସମସ୍ତ ଯାନବାହନ ଚଳାଚଳ ଲାଗି ମଲ୍ଟିପ୍‌ଲ ଟ୍ରାନ୍ସପୋର୍ଟେଶନ୍ ମୋଡ୍ ରହିଛି ; ଯେଉଁଥିରେ ପାଦଚଲା ରାସ୍ତାଠାରୁ ଟୁ ହ୍ୱିଲର, କାର, ଅନ୍ୟ ପବ୍ଲିକ୍ ଯାନବାହନ ଚାଳକମାନଙ୍କ ସୁବିଧା ମୁତାବକ ମଧ୍ୟ ଫିଚର୍ସ ଉପଲବ୍ଧ। ଏଥିରେ ଥିବା ଭଏସ୍ ନାଭିଗେଶନ୍ ସିଷ୍ଟମ ଦ୍ୱାରା ଶୁଣିଶୁଣି ମଧ୍ୟ ଆପଣ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ପ୍ଲସ୍ କୋଡ୍ସ ଦ୍ୱାରା ବିଭିନ୍ନ ଛୋଟଛୋଟ ସ୍ଥାନର ଅବସ୍ଥିତି ମଧ୍ୟ ସହଜରେ ଠାବ କରିପାରିବେ। ଏଥିରେ ଗୁଗଲ୍ ଦ୍ୱାରା ପ୍ରତ୍ୟେକ ସ୍ଥାନ ଲାଗି ୪ ଅଙ୍କ ବିଶିଷ୍ଟ ଭିନ୍ନଭିନ୍ନ ସ୍ପେଶାଲ କୋଡ୍ ରହିଛି, ଯାହାକୁ ସହରର ନାମ ସହ ଯୋଡ଼ା ଯାଇଛି। ତେବେ ବର୍ତ୍ତମାନ ଏହାର ଲାଟେଷ୍ଟ ଫିଚର ଲାଇଭ୍ ଲୋକେଶନ୍ ଦ୍ୱାରା ବ୍ୟବହାରକାରୀ କୌଣସି ସ୍ଥାନର ଅବସ୍ଥିତି ଜାଣିବା ଲାଗି ନିଜେ ଏହି କୋଡ୍ ବ୍ୟବହାର କରିବା ସହ ଶେୟାର ବି କରିପାରିବେ।

**ଲାଇଭ୍ ଲୋକେଶନ୍ କମାଇଛି ଖୋଜିବାର ସମୟ:** କୌଣସି ନୂଆ ସ୍ଥାନରେ କାହାକୁ ଭେଟିବାର ଥିଲେ ଅନେକ ସମୟରେ ଖୋଜିବାରେ ହିଁ ସବୁଠୁ ଅଧିକ ସମୟ ନଷ୍ଟ ହୋଇଥାଏ। ହେଲେ ଏବେ ଜିପିଏସ୍‌ରେ ଲାଇଭ ଲୋକେଶନ୍ ସେୟାର୍ କରିବାର ସୁବିଧା ଉପଲବ୍ଧ, ଯାହାଦ୍ୱାରା ଏଣେତେଣେ ନ ଖୋଜି ସିଧାସଳଖ ମ୍ୟାପ୍ ଦେଖି ଜଣଙ୍କ ପାଖରେ ପହଞ୍ଚିବା ଖୁବ୍ ସହଜ ହୋଇପାରିଛି।

**ଯାତ୍ରାକୁ ସହଜ କରୁଛି ଭଏସ୍ ନାଭିଗେଶନ୍ ସେବା:** ବର୍ତ୍ତମାନ ଅଧିକାଂଶ ମହିଳା ଦୁଇ ଚକିଆରୁ ୪ ଚକିଆ ପର୍ଯ୍ୟନ୍ତ ଯେକୌଣସି ସ୍ଥାନକୁ ଗାଡି ଭଡାକରି ଯିବା ଅପେକ୍ଷା ନିଜେ ଡ୍ରାଇଭ୍ କରି ଯିବାର ଚାର୍ମ ଅଲଗା। ହେଲେ ଯେହେତୁ ପ୍ରତ୍ୟେକ ସ୍ଥାନର ରାସ୍ତା ବିଷୟରେ ଜଣାନାହିଁ, ତେଣୁ ଗୁଗଲ୍ ମ୍ୟାପ୍‌ର ସାହାଯ୍ୟ ନେଇଥାଏ। ବିଶେଷକରି ଏଥିରେ ଥିବା ଭଏସ୍ ନାଭିଗେଶନ୍ ସେବା ସବୁଠୁ ବେଷ୍ଟ। ଏହାଦ୍ୱାରା ଅନ୍ୟମନସ୍କ ହୋଇ ଅଲଗା ରାସ୍ତାରେ ପଶିଯିବାର ଟେନ୍‌ଶନ୍ ନାହିଁ। ଭଏସ୍ କମାଣ୍ଡ ଶୁଣି ଠିକ୍ ସମୟରେ ଟର୍ନିଂ ନେଇ ପହଞ୍ଚି ହେଉଛି।

**କମିଛି ଏକା ଯିବାର ଭୟ:** କୌଣସି ସ୍ଥାନକୁ ମୁଖ୍ୟତଃ ନୂଆ ସ୍ଥାନକୁ ଏକାକୀ ଭଡ଼ା ଗାଡି ବା କ୍ୟାବ୍‌ରେ ଯିବା ସମୟରେ ଡ୍ରାଇଭର ଠିକ୍ ରାସ୍ତାରେ ନେଉଛି କି ନାହିଁର ଭୟ ଅନେକ ମହିଳାଙ୍କ ମନରେ ରହିଥାଏ। ହେଲେ ବର୍ତ୍ତମାନ ଏହି ଭୟକୁ କମାଇ ଦେଇଛି ଗୁଗଲ୍ ମ୍ୟାପ୍। ଏହାଦ୍ୱାରା ଗାଡିରେ ବସିବା ପରେ ନିଜେ ରାସ୍ତା ଦେଖି ହେବା ସହ ଅବିଳମ୍ବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହେଉଛି। ସେଥିରେ ଜିପିଏସ୍ ଟ୍ରାକିଂ ସିଷ୍ଟମ୍ ରହିଥିବାରୁ କୌଣସି ଅଘଟଣ କିମ୍ବା ଅସୁବିଧା ହେଲେ ତୁରନ୍ତ ଏହାକୁ ଠାବ କରାଯାଇପାରୁଛି। କେବଳ ଏତିକି ନୁହେଁ ଅନ୍ୟ କେହି ସେଠାକୁ ଆସିବାର ଥିଲେ ଡେଷ୍ଟିନେଶନ କୋଡ୍ ଶେୟାର ମଧ୍ୟ କରି ହେଉଛି।

**ଟୁରିଷ୍ଟ ଗାଇଡ୍ ପାଲଟିଛି:** ପୂର୍ବରୁ ମହିଳାମାନଙ୍କୁ କୌଣସି ଅଜଣା ସ୍ଥାନକୁ ବୁଲି ଗଲେ ବିଶେଷକରି ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ସ୍ଥାନ ବୁଲି ଯିବାର ଥିଲେ ବାଧ୍ୟତାମୂଳକ ଭାବେ ଉକ୍ତ ସ୍ଥାନ ସମ୍ପର୍କରେ ଜାଣିଥିବା କେହି ବ୍ୟକ୍ତି କିମ୍ବା ଟୁରିଷ୍ଟ ଗାଇଡ୍‌ଙ୍କ ସାହାଯ୍ୟ ନେବାକୁ ହୋଇଥାଏ। ହେଲେ ବର୍ତ୍ତମାନ ଏହି ଗାଇଡର ଦାୟିତ୍ୱ ତୁଲାଉଛି ଗୁଗଲ୍ ମ୍ୟାପ। କୌଣସି ନୂଆ ଯାଗାକୁ ଯାଇଥିଲେ ବିଳମ୍ବ ହୋଇଗଲେ ପାଖରେ ଥିବା ହୋଟେଲ୍, ଲଜ୍, ରେଷ୍ଟୋରାଣ୍ଟ ଆଦି ସମ୍ପର୍କରେ ଏଥିରୁ ସହଜରେ ଜାଣି ହେଉଛି।

**ସମୟ ବଞ୍ଚାଇ ହେଉଛି:** ପୂର୍ବରୁ କୌଣସି ଜରୁରିକାଳୀନ ପରିସ୍ଥିତିରେ କମ୍ ସମୟ ମଧ୍ୟରେ କୌଣସି ସ୍ଥାନରେ ପହଞ୍ଚିବା ଲାଗି ବାରମ୍ବାର ଅନ୍ୟମାନଙ୍କୁ ରାସ୍ତା ପଚାରି ବୁଝିବା ଭିତରେ ଅଯଥା ସମୟ ନଷ୍ଟ ହେଉଥିଲା। କେବେକେବେ ଏଥିପାଇଁ ଜରୁରୀ କାମ ବି ହୋଇପାରୁ ନ ଥିଲା। ହେଲେ ଗୁଗଲ୍ ମ୍ୟାପ୍ ବ୍ୟବହାର କରିବା ଦ୍ୱାରା ସହଜରେ ଯଥାସ୍ଥାନରେ ପହଞ୍ଚିଯିବା ସହ ସମୟ ମଧ୍ୟ ବଞ୍ଚାଇ ହେଉଛି।





## ଏମାନେ କ'ଣ କହନ୍ତି

**ପ୍ରଣତି ପ୍ରଧାନ**(କେଉଁଝର)- ଯେତେବେଳେ କୌଣସି ବି ନୂଆ ସ୍ଥାନକୁ ଯାଏ ବିନା ଦ୍ୱିଧାରେ ଗୁଗଲ ମ୍ୟାପ୍ ସାହାଯ୍ୟରେ ପହଞ୍ଚିଯାଏ। କାରଣ ଏଥିରେ ଉକ୍ତ ସ୍ଥାନର ଦିଗ ବିଷୟରେ ଶୁଣିହୁଏ ଆଉ ଜାଣି ବି ହୁଏ। ଲକ୍ଷ୍ୟ ସ୍ଥଳରେ କେମିତି ଗଲେ କେତେ ସମୟ ଲାଗିବ ତାହା ବି ଏଥିରୁ ଜାଣିପାରେ। ଆଉ ସେହି ଅନୁସାରେ ନିର୍ଣ୍ଣୟ କରି ଯିବା ଆସିବାରେ ବେଶି କିଛି ଅସୁବିଧା ହୁଏନି। ଯେଥିପାଇଁ ଜିପିଏସ୍ ବ୍ୟବହାର କରି ଏକାକୀ ବି କୌଣସି ସ୍ଥାନକୁ ସହଜରେ ଯାଇ ହେଉଛି।

**ଦୀପ୍ତି ରାଣୀ ଜେନା**(ବାଲେଶ୍ୱର)- ଗୁଗଲ୍ ମ୍ୟାପରେ ସାଟେଲାଇଟ୍ ଚିତ୍ର, ଷ୍ଟ୍ରିଟ୍ ମାନଚିତ୍ର, ନିଜ କରେଣ୍ଟ ଲୋକେଶନର ଟ୍ରାଫିକ୍ ସ୍ଥିତି ଏବଂ ଜନସାଧାରଣ ପରିବହନର ମାର୍ଗ ଇତ୍ୟାଦି ଦେଖାଇଥାଏ। ଦରକାର ବେଳେ ଆମ ଆଖପାଖରେ ଥିବା ମେଡିକାଲ, ରେଷ୍ଟୁରାଣ୍ଟ ଏବଂ ଗ୍ରୋସରି ଦୋକାନର ରାସ୍ତା ମଧ୍ୟ ଦେଖାଏ। ମୋ ପୁଅ ପାଇଁ କିଛି ଔଷଧ ଦରକାର ଥିଲେ ମ୍ୟାପରେ ମେଡିସିନ ଦୋକାନର ଫୋନ ନମ୍ବର ବି ଥାଏ, ସେହି ନମ୍ବରକୁ କଲ୍ କଲେ ମେଡିସିନ ହୋମ ଡେଲିଭରି ମଧ୍ୟ କରିଦିଅନ୍ତି। ଆଉ ଏହି ସବୁ ସୁବିଧା ପାଇଁ ଏହି ଆପ୍ ବର୍ତ୍ତମାନ ମୋର ଅତି ପ୍ରିୟ ପାଲଟିଛି।

**ସୋନାଲି ସାହୁ** (ସମ୍ବଲପୁର)- ମୁଁ ଯେ କୌଣସି ସ୍ଥାନ ବିଷୟରେ ଜାଣିବାକୁ ଇଚ୍ଛା କଲେ ଗୁଗଲ ମ୍ୟାପ୍‌ରେ ତା' ସମ୍ପର୍କରେ ସମ୍ପୂର୍ଣ୍ଣ ଧାରଣା ପାଇଯାଏ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଦୂରତା, କେଉଁଥିରେ ଗଲେ କେତେ ସମୟରେ ଓ କେଉଁ ଦିଗରେ ଗଲେ ପହଞ୍ଚିପାରିବି ସେସବୁ ଏଥିରୁ ହିଁ ଜାଣିପାରେ। ଏହାର ଅଡିଓ, ଭିଜୁଆଲ ଏବଂ ଭୁଲ୍ ଦିଗର ସତର୍କତା ଗନ୍ତବ୍ୟ ପଥକୁ ସୁଗମ କରିଥାଏ। ସେଥିପାଇଁ ମୁଁ ଚାଲି ଚାଲି ହେଉ କିମ୍ବା କୌଣସି ଯାନବାହନରେ ଯିବା ପାଇଁ ବିନା ଦ୍ୱନ୍ଦରେ ଏହାର ସାହାଯ୍ୟ ନେଇଥାଏ।

**ସ୍ମୃତି ଦାସ ଦେବ**(ଭୁବନେଶ୍ୱର)- ଗୁଗଲ୍ ମ୍ୟାପ୍ କୌଣସି ଜାଗାର ରୁଟ୍ ଦେଖାଇବା ସହ ବହୁତ କିଛି କରିପାରିବ। ଆପ୍ ଆମ ମନ ପସନ୍ଦର ବିଷୟଗୁଡିକ ଉପରେ ସବିଶେଷ ବିବରଣୀ ପ୍ରଦାନ କରିପାରିବ। ଯେପରି କି ରେଷ୍ଟୁରାଣ୍ଟର ବର୍ଣ୍ଣନା, ରିଭିୟୁ, ଫଟୋ ଇତ୍ୟାଦି। ଗୁଗଲ୍ ମ୍ୟାପ୍‌ର ଏକ ବିଶେଷ ଉପଯୋଗୀ ସୂଚନା ହେଉଛି, ଯେତେବେଳେ ମୁଁ ଟ୍ରାଭେଲ କରେ ସେହି ସ୍ଥାନ ଅଧିକ ଭିଡ଼ ହୋଇଛି କି ନାହିଁ ଏଥିରୁ ଜାଣିବା ସହ ଆବଶ୍ୟକ ସ୍ଥଳେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଲାଗି ଅନ୍ୟ ରୁଟ୍ ପରିବର୍ତ୍ତନ କରିପାରେ। ବସ୍, ଟ୍ରେନ କିମ୍ବା ସ୍କୁଟିରେ ଗଲେ କେଉଁଟା ମୋ ପାଇଁ ଭଲ ହେବ ତାହା ମଧ୍ୟ ଏହା ଦର୍ଶାଇଥାଏ।


ସୋନାଲି


ଦୀପ୍ତିରାଣୀ


ପ୍ରଣତି


ସ୍ମୃତି



# ଆର୍ଟିଫିସିଆଲ୍ ଜୁଏଲେରି ପିନ୍ଧୁଥିଲେ

**ସୁନା ରୁପା ବାଦ୍ ବର୍ତ୍ତମାନ ଅନେକ ଆର୍ଟିଫିସିଆଲ୍ ଜୁଏଲେରିକୁ କେବଳ ଝିଅମାନେ ନୁହନ୍ତି ମହିଳାମାନେ ବେଶ୍ ପସନ୍ଦ କରୁଛନ୍ତି। ହେଲେ ଏଗୁଡ଼ିକ ଶୀଘ୍ର ଖରାପନ ହେବା ଲାଗି କିପରି ଯତ୍ନ ନେବେ ଜାଣନ୍ତୁ ଟିପ୍ସ...**

**ଆର୍ଦ୍ର ଜଳବାୟୁଠାରୁ ଦୂରେଇ ରଖନ୍ତୁ:** ଏଭଳି ଅଳଙ୍କାରକୁ ଆର୍ଦ୍ର ଜଳବାୟୁଠାରୁ ଦୂରେଇ ରଖନ୍ତୁ। ଜିପ୍ ଲକ୍ ପ୍ଲାଷ୍ଟିକ୍ ପାଉଚ୍‌ରେ ଏହାକୁ ରଖନ୍ତୁ। ଧ୍ୟାନ ରଖନ୍ତୁ ପାଉଚ୍‌ରେ କୌଣସି ଜାଗା ଯେମିତି ଖୋଲା ନ ରହେ। ଏହି ଜଳବାୟୁରେ ମେଟାଲ୍‌ର ରଙ୍ଗ ଉଡ଼ିଯାଇଥାଏ।

**ନରମ କପଡ଼ାରେ ପୋଛନ୍ତୁ :** ଅଳଙ୍କାରରେ କିଛି ଦାଗ ଲାଗିଗଲେ ଆପଣ ଟୁଥପେଷ୍ଟ ପାଉଡର ବ୍ୟବହାର କର ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷନ୍ତୁ। ପରେ ସଫା ନରମ କପଡ଼ାରେ ପୋଛି ଦିଅନ୍ତୁ।

**ପରଫ୍ୟୁମଠାରୁ ଦୂରେଇ ରଖନ୍ତୁ:** ଆପଣ ଯେତେବେଳେ ଆର୍ଟିଫିସିଆଲ୍ ମେଟାଲିକ୍ ଅର୍ନାମେଣ୍ଟ ପିନ୍ଧୁଛନ୍ତି ଧ୍ୟାନ ରଖନ୍ତୁ ସେଥିରେ ଯେମିତି ପରଫ୍ୟୁମ ବିଲକୁଲ ବି ନ ଲାଗେ। ଏହା ପରଫ୍ୟୁମ ସଂସ୍ପର୍ଶରେ ଆସି ଖରାପ ହୋଇଯାଏ।

**ଅଲଗା ରଖିବାକୁ ଚେଷ୍ଟା କରନ୍ତୁ:** ଆପଣଙ୍କ ପାଖେ ଅଧିକ ଜୁଏଲେରି କଲେକ୍ସନ୍ ଥିଲେ ସେସବୁକୁ ଏକାଠି ନ ରଖି ଅଲଗା ଅଲଗା ରଖନ୍ତୁ। ନଚେତ୍ ପରସ୍ପର ସହ ଘଷି ହୋଇ ରଙ୍ଗ ଛାଡିବା ସହ ସେଥିରେ ବ୍ୟବହାର ହୋଇଥିବା ଷ୍ଟୋନ୍, ବିଡ୍ସ ଆଦି ମଧ୍ୟ ବାହାରିଯିବା କିମ୍ବା ଖରାପ ହୋଇଯିବାର ଆଶଙ୍କା ରହିଛି।

# ଚିଙ୍ଗୁଡ଼ି ମଲାଇ

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** ମିଡିୟମ୍ ସାଇଜ ଚିଙ୍ଗୁଡ଼ି ୫୦୦ ଗ୍ରାମ୍, ତେଜ ପତ୍ର ୨ଟି, ୨ ଖଣ୍ଡ ଡାଳଚିନି, ଲବଙ୍ଗ ୩-୪ଟି, ହଳଦୀ ୨ଟି ସ୍ପୁନ,ଗରମ ମସଲା ୨ଟି ସ୍ପୁନ୍, ୧ଟି ସ୍ପୁନ୍ ଗୁଜୁରାତି ଗୁଣ୍ଡ, ଲୁଣ, ସୋରିଷ ତେଲ ୧ ଟେବୁଲ୍ ସ୍ପୁନ୍, ବଡ଼ କଟା ପିଆଜ ୧ଟି, କଟା ଅଦା ୧ ଟେବୁଲ୍ ସ୍ପୁନ୍, ଜିରା ୨ଟି ସ୍ପୁନ, କଶ୍ମୀରୀ କିମ୍ବା ଅନ୍ୟାନ୍ୟ ଲାଲ୍ ଲଙ୍କା ପାଉଡର ୧ଟି ସ୍ପୁନ, ଚିନି ୧ଟି ସ୍ପୁନ, ନଡିଆ କ୍ଷୀର ୧ କପ୍, ଦହି ୨ ଟେବୁଲ୍ ସ୍ପୁନ୍, ଘିଅ ୧ ଟେବୁଲ୍ ସ୍ପୁନ୍, କଟା ଧନିଆ ପତ୍ର, ରନ୍ଧା ହୋଇଥିବା ବାସୁମତି ଚାଉଳ, ପତଳା କଟା ହୋଇଥିବା ଲେମ୍ବୁ ସ୍ଲାଇସ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିଙ୍ଗୁଡରେ ଆବଶ୍ୟକ ମାତ୍ରାରେ ଲୁଣ ପକାଇ ଗୋଳାନ୍ତୁ। ସେଥିରେ ତେଜପତ୍ର, ଅଳେଇଚ, ଲବଙ୍ଗ, ହଳଦୀ, ଗରମ ମସଲା, ଡାଳଚିନି ପକାଇ ୧ ଘଣ୍ଟା ଓଦା କନାରେ ଘୋଡେଇ ରଖିବା ପରେ ସେଥିରୁ ତେଜପତ୍ର, ଡାଳଚିନି ଏବଂ ଲବଙ୍ଗ କାଢ଼ି ଦିଅନ୍ତୁ। ଏକ ବଡ଼ କଡ଼େଇରେ ତେଲ ଗରମ କରି ପିଆଜ, ଅଦା, ଜିରା, ଲଙ୍କା ପାଉଡର ଓ ଅଳ୍ପ ଚିନି ପକାଇ ଭାଜନ୍ତୁ। ନଡ଼ିଆ କ୍ଷୀର, ଦହିକୁ ଗୋଳାନ୍ତୁ। ଚିଙ୍ଗୁଡି ଓ ଘିଅ ପକାଇ ୭ ରୁ ୮ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇସାରିଛି ଚିଙ୍ଗୁଡି ମଲାଇ। ଏହା ଉପରେ କଟା ଧନିଆପତ୍ର ପକାଇ ପରଷି ଦିଅନ୍ତୁ।

## ସଂକ୍ଷେପରେ

### ଢେଙ୍କାନାଳରେ ୩ ଆକ୍ରାନ୍ତ

ଢେଙ୍କାନାଳ ଅଫିସ,୨୭।୯- ଢେଙ୍କାନାଳ ଜିଲାରେ ସୋମବାର ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨, ସଦର ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସୋମବାର ହୋଇଥିବା ୮୮୬ ଟେଷ୍ଟକୁ ମିଶାଇ ଜିଲାରେ ମୋଟ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୬୦ ହଜାର ୪୭୩ରେ ପହଞ୍ଚିଛି। ଏଥିରୁ ୧୯ ହଜାର ୭୫୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯ ହଜାର ୪୭୦ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ଜିଲାରେ ୪୫ ଜଣ କରୋନା ରୋଗୀ ଚିକିତ୍ସାଧୀନ ରହିଛନ୍ତି। ୨୪୨ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୪ ବେସ୍‌ବଲ୍ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା

ସିମୁଳିଆ, ୨୭।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ୪ଜଣ କୃତୀ ବେସବଲ ଖେଳାଳିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ସେମାନେ ହେଲେ ସ୍ମୃତିଶ୍ରୀ ବାରିକ, ରଶ୍ମିତା ପରିଡ଼ା, ଅଭିଲିପ୍ସା ରାଉତ ଓ ପ୍ରିୟଙ୍କା ବେହେରା। କୋଚ ରୁବି ବେହେରା ଓ ସ୍ଥାନୀୟ ରଘୁନାରାୟଣ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ କଟକ ବାଲିଯାତ୍ରା ଖେଳ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବେସ୍‌ବଲ ପ୍ରତିଯୋଗିତାରେ ସିମୁଳିଆର ଏହି ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ସର୍ବଭାରତୀୟ ସ୍ତରରେ ୧୫ଟି ଟିମ୍ ଏଥିରେ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଟିମ୍ ୪-୨ ରନ୍‌ରେ ଉତ୍ତରପ୍ରଦେଶ, ଦ୍ୱିତୀୟରେ ୫-୨ ରନ୍‌ରେ ଆନ୍ଧ୍ରପ୍ରଦେଶ ଟିମ୍‌କୁ ପରାସ୍ତ କରି ସେମିଫାଇନାଲ ଓ ପରେ ମଧ୍ୟପ୍ରଦେଶ ଟିମକୁ ହରାଇ ଫାଇନାଲ ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ମହାରାଷ୍ଟ୍ରକୁ ୭-୪ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ।

### ୪ବର୍ଷର ଶିଶୁ ନିଖୋଜ

ସାରସକଣା,୨୭।୯(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜଣେ ଶିଶୁ ନିଖୋଜ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଥାନାଠାରୁ ୩୦ କି.ମି. ଦୂର ଓଡ଼ିଶା ସୀମା ଝାଡ଼ଖଣ୍ଡ ସଂଲଗ୍ନ ବାଜାରଗୋଡ଼ା ଗ୍ରାମର ରବୀନ୍ଦ୍ର କୁଅଁରଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସେ ସ୍ଥାନୀୟ ହାଟକୁ ଯାଇଥିବା ବେଳେ ସନ୍ଧ୍ୟାରେ ତାଙ୍କ ୪ ବର୍ଷର ପୁଅ ଆୟୁଷକୁ ଖଟରେ ବସି ମୋବାଇଲରେ ଫିଲ୍ମ ଦେଖିବାକୁ ଦେଇ ମା' ନନ୍ଦିନୀ ଶୌଚ ହେବାକୁ ଘରପାଖ ପଡ଼ିଆକୁ ଯାଇଥିଲେ। ଘରକୁ ଫେରି ଦେଖିବା ବେଳକୁ ଆୟୁଷ ଘରେ ନ ଥିଲା। ଅନେକ ଖୋଜାଖୋଜି ପରେ ମଧ୍ୟ ଆୟୁଷର କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୧୨/୨୧) ରୁଜୁ କରି ତଦନ୍ତ ଚଳାଇ ଥିବା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପ୍ରକାଶ କରିଛନ୍ତି।

### ଖଟିଆରେ ବୁହା ହେଲେ ରୋଗୀ

**ରାସ୍ତା ନ ଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ**

କେନ୍ଦୁଝର/ଚମ୍ପୁଆ, ୨୭।୯(ସ୍ୱ.ପ୍ର.) କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଭୂଇଁପୁର ପଞ୍ଚାୟତ ସିରିକୁଆଁ ଗ୍ରାମକୁ ରାସ୍ତା ନାହିଁ। ଏଥିଯୋଗୁ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଫଳରେ ଜଣେ ରୋଗୀଙ୍କୁ ଖଟିଆରେ ବୋହି ଦେଢ଼ କିଲୋମିଟର ନେବାକୁ ପଡ଼ିଛି। ସୂଚନା ଅନୁଯାୟୀ, ଗ୍ରାମର ପରମେଶ୍ୱର ନାଏକ(୬୮) ୫ଦିନ ଧରି ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ଦୁର୍ବଳ ହୋଇଯିବାରୁ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରିବା କାରଣରୁ ପରିବାର ଲୋକେ ପରମେଶ୍ୱରଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ଏହାପରେ ଆମ୍ବୁଲାନ୍ସରେ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା।



# ରାସ୍ତାରୋକୋ, ନାରାବାଜିରେ ବନ୍ଦ ପାଳନ



ବନ୍ଦ ପାଳନ ବେଳେ ଢେଙ୍କାନାଳ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି।

**ଢେଙ୍କାନାଳ ଅଫିସ,୨୭।୯**

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ସୋମବାର ଢେଙ୍କାନାଳ ଜିଲା କିଷାନ କଂଗ୍ରେସ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସହରରେ ବନ୍ଦ ପାଳନ କରାଯାଇଥିଲା। ଜିଲା ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ଓ ସେମାନଙ୍କ ପରିବାରର ମହିଳାମାନେ ବାଜିଚୌକଠାରେ ବନ୍ଦ ପାଳନ କରିଥିଲେ। ଏହାପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି କଳା କୃଷି ଆଇନ ବାତିଲ ଦାବିରେ ସ୍ଲୋଗାନମାନ ଦିଆଯାଇଥିଲା। ପରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କିଷାନ କଂଗ୍ରେସ ମୁଖ୍ୟ ଉପଦେଷ୍ଟା ରବି ନାରାୟଣ ମହାନ୍ତି, ଫକୀର ଚରଣ ବେହେରା, ପ୍ରମୋଦ କୁମାର ବେହେରା, ନକୁଳ ରାଉତ, ହେମନ୍ତ କୁମାର ବେହେରା ଓ ବିମଳ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଏହି ବନ୍ଦ ପାଳନକୁ ସମର୍ଥନ ଦିଆଯାଇ ରେଳ ଷ୍ଟେଶନଠାରେ ରେଳରୋକୋ କରାଯାଇଥିଲା। କଲେଜ ବାଇପାସ ଛକ ରାସ୍ତା ଅବରୋଧ କରାଯାଇଥିଲା। ଜିଲା କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ଡାକଘର ଓ ସରକାରୀ କାର୍ଯ୍ୟାଳୟ ଆଦିକୁ ଯୁବ ଓ ଛାତ୍ର କଂଗ୍ରେସ ନେତୃବୃନ୍ଦ ବନ୍ଦ କରିଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସୁବାସିନୀ ମହାକୁଡ, ପ୍ରେମଶଙ୍କର ମିଶ୍ର, ନିର୍ମଳ ମିଶ୍ର, ଗୋପାଳ ସାହୁ, ପ୍ରକାଶ କୁଅଁର, ହାଇଦର ମହମ୍ମଦଙ୍କ ସମେତ ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟ ପାଲ, ଛାତ୍ର କଂଗ୍ରେସ ସଭାପତି ଶୁଭମ ଦାଶ, ସୂଚନା ଅଧିକାର ପକ୍ଷରୁ ଆବାହକ ପ୍ରିୟବ୍ରତ ଗଡନାୟକ, ବିକାଶ ନାୟକ, ରାମଚନ୍ଦ୍ର ଦେବତା ପ୍ରମୁଖ ବନ୍ଦ ପାଳନ କରିଥିଲେ। ବସ୍ ଚଳାଚଳ ବନ୍ଦ ରହିଥିଲା। ଅଧିକାଂଶ ସ୍ଥାନରେ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ଔଷଧୀୟ ଚାରା ରୋପଣ


ତପୋବନ ମହିମା ଆଶ୍ରମ ପରିସରରେ ଚାରାରୋପଣ କରାଯାଉଛି।

**ଢେଙ୍କାନାଳ ଅଫିସ,୨୭।୯**

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତ କାଦୁଆଗ୍ରାମସ୍ଥିତ ମହିମା ଆଶ୍ରମ ପରିସରରେ ଜିଲା ସକ୍ରିୟ ନାଗରିକ ପରିଷଦ ଆନୁକୂଲ୍ୟରେ ରବିବାର ମଧ୍ୟାହ୍ନରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ରଘୁନାଥ ବାବା ପୌରୋହିତ୍ୟ କରିଥିବାବେଳେ ରାଜୀବ ଲୋଚନ ସିଂହଦେଓ ମୁଖ୍ୟ ଅତିଥି, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ଓ ଉଦ୍ୟାନ କୃଷିବିତ୍ ଭଗବାନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶ୍ରମ ପରିସରରେ ହରିଡା, ବାହାଡା, ଅଁଳା, ଲେମ୍ବୁ, କଇଁଥ, କରଞ୍ଜ, ଆମ୍ବଡା, ପଣସ, ସ୍ଥଳପଦ୍ମ ଓ ସିଲ୍‌ଭର୍‌ଓକ୍ ଆଦି ଚାରା ରୋପଣ କରାଯାଇଥିଲା। ଏଗୁଡିକର ସୁରକ୍ଷା ସକାଶେ ପ୍ଲାଷ୍ଟିକ୍ ଜାଲିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ପ୍ରଶାନ୍ତ ମହାପାତ୍ର, ନାଗରିକ ପରିଷଦ ସମ୍ପାଦକ ଆଇନଜୀବୀ ମଳୟ ପାଣିଗ୍ରାହୀ ଓ ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ନିରାକାର ବାବା, ଜ୍ଞାନୀ ବାବା, ଦନେଇ ବାବା, ଶଶିଭୂଷଣ ସାମଲ, ବାଟୁଆ ସେଠୀ ଓ ଭକ୍ତ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଯାଞ୍ଚ, ସଚେତନତା ଉପରେ ଗୁରୁତ୍ୱ



କୋଭିଡ୍ ସ୍ଥିତି ଓ ପରିଚାଳନା ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୨୭।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲରେ ସୋମବାର ଜିଲାରେ କୋଭିଡ୍ ସ୍ଥିତି ଓ ପରିଚାଳନାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାର ସମୀକ୍ଷା କରିଥିଲେ। ପର୍ବପର୍ବାଣି ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ୍ ଡିସେମ୍ବର ଶେଷ ଯାଏ କୋଭିଡ୍ ପ୍ରୋଟକଲ ଅନୁପାଳନର ଯାଞ୍ଚ ପ୍ରକ୍ରିୟା କଡାକଡି କରିବା ସହ ପ୍ରତ୍ୟେକ ବ୍ଲକ, ଏନ୍‌ଏସି ଓ ପୌରାଞ୍ଚଳରେ ସପ୍ତାହରେ ଅନ୍ୟୁନ ଦୁଇଥର ଲୋକମାନଙ୍କୁ ସଚେତନତା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି ଆଣ୍ଟିଜେନ ଓ ଆର୍‌ଟିପିସିଆର ଟେଷ୍ଟିଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଓ ଟିକାକରଣ ପାଇଁ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର ଅଧିକ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ଥିତି ସମ୍ପୂର୍ଣ୍ଣ ନ ସୁଧୁରିବା ପର୍ଯ୍ୟନ୍ତ ସମସ୍ତେ ଯେପରି କୋଭିଡ୍ ପ୍ରୋଟକଲ ମାନି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ, ସେଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା। ୫-ଟି ଅନ୍ତର୍ଗତ ମୋ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅକ୍ଟୋବର ୨ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା ବିଦ୍ୟାଳୟ ପରିବେଶକୁ ସବୁଜସୁନ୍ଦର କରିବା, ବର୍ଜ୍ୟବସ୍ତୁର ସଦୁପଯୋଗ କରି କମ୍ପୋଷ୍ଟ ପ୍ରସ୍ତୁତ କରିବା, ପରିବେଶ ଅନୁକୂଳ ବାତାବରଣରେ ବିଦ୍ୟା ଅଧ୍ୟୟନ, କାନ୍ଥ ଗୁଡିକରେ ମହାପୁରୁଷମାନଙ୍କ ଚିତ୍ର ଅଙ୍କନ, ପାରମ୍ପରିକ ଚିତ୍ରକଳା ଆଙ୍କି ଓ ନୀତିବାଣୀ ଲେଖି ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ନିମନ୍ତେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଜ୍ୟୋତିଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନ ସୁଦ୍ଧା ଜିଲାରେ ୭ଲକ୍ଷ ୬୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଟିକା ନେଇଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଜୟକୃଷ୍ଣ ନାୟକ, ଅପାତକାଳୀନ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ


ନୁନୁକାପଶି ଗ୍ରାମରେ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

**ବଇଣ୍ଡା,୨୭।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମରେ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ସୋମବାର ମାଟି ଅନୁକୂଳ କରାଯାଇଛି। କମିଟି ଓ ଗ୍ରାମବାସୀ ଏକଜୁଟ ହୋଇ ପ୍ରଥମେ ପୂଜା କରିଥିଲେ। ଏହାପରେ ନିକଟସ୍ଥ ଏକ ଜାଗାରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ସଂଗ୍ରହ କରାଯାଇଥିଲା। ପୂଜକ ମଦନ ମୋହନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗ୍ରାମ ସଭାପତି ରମେଶ ଘିୱାଲା, କମିଟି ସଭାପତି ବାଳକୃଷ୍ଣ ସ୍ୱାଇଁ, ମୂରଲୀ ପ୍ରଧାନ, ନାରାୟଣ ପ୍ରଧାନ, ଦିତିକୃଷ୍ଣ ପ୍ରଧାନ, ପ୍ରଭାସ କୁମାର ଘିୱାଲା, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନଟରାଜ କୁମାରୋତ୍ସବ ପ୍ରସ୍ତୁତି


ନଟରାଜ କୁମାରୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୨୭।୯**

ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ଅନୁଷ୍ଠାନର ବାର୍ଷିକ ଏବଂ ଏହି ଉପଲକ୍ଷେ ଆୟୋଜିତ ହେବାକୁ ଥିବା କୁମାରୋତ୍ସବ ପାଇଁ ଅନୁଷ୍ଠାନର କାର୍ଯ୍ୟାଳୟଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଦିବସରେ ଏହି ଉତ୍ସବ ପାଳିତ ହୋଇଥାଏ। ଆସନ୍ତା ଅକ୍ଟୋବର ୨୦ ତାରିଖରେ ଏହି ଉତ୍ସବ ପାଳନ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସ୍ଥିର ହୋଇଛି। ପ୍ରସ୍ତୁତି ବୈଠକରେ ସଭାପତି କୃଷ୍ଣ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପସଭାପତି ପ୍ରତିମା ସିହ୍ନା, ମଥୁରୀ ଚରଣ ସାହୁଙ୍କ ସମେତ ପ୍ରଣବାନନ୍ଦ ଦାସ, ନାରାୟଣ ରଗଡ, ମଧୁସୂଦନ ରାଉତ, ସତ୍ୟ ନାରାୟଣ କର, ପଞ୍ଚାନନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକ ସଂସଦ ପକ୍ଷରୁ ଇ-ପାଠଚକ୍ର

**ଢେଙ୍କାନାଳ ଅଫିସ,୨୭।୯**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ଏକାଦଶ ଇ-ପାଠଚକ୍ର ଜିଲା ସଭାପତି ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଭାରତୀୟ ଜନସଞ୍ଚାର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ଏସିଆ ମହାଦେଶର ଜାପାନ, ଚୀନ, ଭାରତ ଆଦି ସମସ୍ତ ଦେଶ ଆଜିର ଦିନରେ ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରାରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଡୋରିରେ ଏକୀଭିତ ହୋଇପାରିଛନ୍ତି। ଅଧ୍ୟାପକ ଦେବରାଜ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱାତୀ ମିଶ୍ର ବନ୍ଦନା ଗାନ କରିଥିଲେ। ଆଜୀବନ ସଦସ୍ୟା ଝୁନୁବାଳା ମିଶ୍ର ବିବେକ ବାଣୀ ପାଠ କରିଥିଲେ। ଦେବାଶିଷ ସାହୁ ଶାନ୍ତିପାଠ କରିଥିଲେ। ସହ ସମ୍ପାଦକ ସଦାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପୁଷ୍ପଲତା ରଥ, କୃପାସିନ୍ଧୁ ମିଶ୍ର, ବିପିନ ବିହାରୀ ଶତପଥୀ ସହଯୋଗ କରିଥିଲେ।

# କଳା ଓ ସଂସ୍କୃତି ମାନବ ଜାତିର ମେରୁଦଣ୍ଡ


ମୟୂର ଅନୁଷ୍ଠାନ ପକ୍ଷରୁ ସପ୍ତଶଯ୍ୟା ମହୋତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କଳାକାରମାନେ।

**ଢେଙ୍କାନାଳ ଅଫିସ,୨୭।୯**

**ସପ୍ତଶଯ୍ୟା ମହୋତ୍ସବ**

ଢେଙ୍କାନାଳ ଷ୍ଟେଶନ ବଜାରସ୍ଥିତ ରାମ୍‌ଜୀ ମଣ୍ଡପରେ ୨୫ ଓ ୨୬ ତାରିଖ ଦୁଇଦିନ ଧରି ମୟୂର ସାଂସ୍କୃତିକ ଅନୁଷ୍ଠାନର ୬ଷ୍ଠତମ ସପ୍ତଶଯ୍ୟା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବନମାଳି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବରେ କଳାକାରମାନଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉତ୍କଳ ଆଜ୍‌ବେଷ୍ଟସ୍ କାର୍ଯ୍ୟକାରୀ ପରିଚାଳକ କ୍ଷୀରୋଦ କୁମାର ବେହେରା ମୁଖ୍ୟ ଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଭାରତରତ୍ନ ଡ. ଆମ୍ବେଡକର ମେମୋରିଆଲ ସୋସାଇଟ୍ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରି କଳା, ସଂସ୍କୃତି ମାନବ ଜାତିର ମେରୁଦଣ୍ଡ ବୋଲି କହିଥିଲେ। ବିଭିନ୍ନ ବିଭାଗର କଳାକାରମାନଙ୍କୁ ଟ୍ରଫି, ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ମୟୂର ନୃତ୍ୟ ସମ୍ମାନ ଗୁରୁ ରାହସବିହାରୀ ଦେହୁରୀ, ମୟୂର ସଙ୍ଗୀତ ସମ୍ମାନ ସୁଶ୍ରୀ ଶୀମ୍ରନ୍ ଦାସ ଓ ଅଭୟ କୁମାର ସାହୁଙ୍କୁ ମୟୂର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀକାନ୍ତ କୁମାର ସାହୁ ଓ ସୁଶ୍ରୀ ଶୁଭ୍ରାଂଶୁବାଳା ରାୟଙ୍କୁ ମୟୂର ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱରଞ୍ଜନ ରାଉତ, ବିଷ୍ଣୁପ୍ରିୟା ଗଡନାୟକ, ଅମରେଶ ମଲ୍ଲିକ, ନୃସିଂହଚରଣ ସ୍ୱାଇଁ, ଅଜିତ୍ କୁମାର ଦେହୁରୀ, ନିରାକର ମଲ୍ଲିକ, ପ୍ରଳୟ କୁମାର ମଲ୍ଲିକ ଓ ବାବାଜୀ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ପାଦକ ବନମାଳି ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।


## ODISHA JOINT ENTRANCE EXAMINATION - 2021
## (OJEE - 2021)

No:- OJEE / 337 Date : 27-09-2021

**NOTICE REGARDING WEB COUNSELLING**
**FOR B.TECH. / B.ARCH. / B. PLAN / INT. M.SC. PROGRAMMES**

**No. h-18:-** OJEE Web-based Counselling process for B.Tech./B.Arch./B. Plan./Int. M.Sc. will start tentatively in the **1st week of October, 2021**. Hence, all students having JEE (MAIN) All India Rank (CRL) and interested to take part in OJEE counselling for admission to B.Tech./B.Arch./ B. Plan./ Int. M.Sc. courses in any Government or Private colleges of Odisha are to follow the OJEE Counselling process. They can get detailed information regarding counselling schedule, process and seat matrix etc. that will be made available, before commencement of counselling, in OJEE websites (www.ojee.nic.in/www.odishajee.com).

At present, information such as seat matrix, opening and closing ranks of admission pertaining to last year (2020-21) are available in OJEE website for reference purpose.

Further, candidates are advised to obtain and keep ready with them, all necessary documents required like resident/nativity certificate, caste certificate, Income certificate for TFW claim etc. from appropriate authority well in advance to avoid last date rush.

OIPR-14020/11/0013/2122 **Sd./- CHAIRMAN, OJEE**

## ODISHA PUBLIC SERVICE COMMISSION
## CUTTACK
## NOTICE

**No. 6890/PSC, (1R-41-21-22) (DR-V), Dt. 27.9.21**

**No. D-151:-** It is for information of all concerned that, pursuant to the advertisement No. 08 of 2020-2021, **13 (Thirteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Philosophy**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **25.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 25.10.2021 | 10.30 AM | 00086127, 00093465, 00095993, 00090286, 00096602, 00088722, 00097858, 00098147, 00096342, 00101537, 00093804, 00094118 & 00102334 = **13 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0104/2122 **Sd./- Secretary**



**ସୁସ୍ମିତା ଦେବ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

ଭାଜପା ପ୍ରାର୍ଥୀ ନ ଦେବାରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ଦେବ ପଶ୍ଚିମବଙ୍ଗରୁ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଗତ ଅଗଷ୍ଟରେ ଦଳ ଛାଡ଼ି ଟିଏମ୍‌ସିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### କଂଗ୍ରେସ ଛାଡ଼ିଲେ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଫଲେଇରୋ



**ପଣଜୀ, ୨୭।୯:** ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଶକ୍ତ ଝଟ୍‌କା ଲାଗିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଲୁଇଜିନୋ ଫଲେଇରୋ ସୋମବାର କଂଗ୍ରେସ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଧାନସଭା ବାଚସ୍ପତି ରାଜେଶ ପଟନେକରଙ୍କୁ ଦେଇଛନ୍ତି। ଫଲେଇରୋ ତୃଣମୂଳ କଂଗ୍ରେସରେ ଯୋଗଦେଇପାରନ୍ତି ବୋଲି ଜଣାପଡ଼ିଛି। ତାଙ୍କ ଇସ୍ତଫା ଫଳରେ ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୪କୁ ହ୍ରାସ ପାଇଛି। ଏବେ କଂଗ୍ରେସ ପରିବାର ବିଭାଜିତ ଓ ଦୁର୍ବଳ ହୋଇଯାଇଛି। ସେ କଂଗ୍ରେସ ନୀତି ଆଦର୍ଶ ଛାଡ଼ି ନାହାନ୍ତି। ତେବେ ଯେଉଁ ଦଳ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ଟକ୍କର ଦେଇପାରିବ, ସେହି ଦଳ ସହ କାମ କରିବାକୁ ସେ ଚାହୁଁଥିବା କହିଛନ୍ତି।

### ଆମେରିକା ନୌସେନାରେ ପଗଡ଼ି ପିନ୍ଧିପାରିବେ ଶିଖ୍

**ନ୍ୟୁୟର୍କ, ୨୭।୯:** ଆମେରିକା ନୌସେନାରେ ଥିବା ଶିଖ୍ ସୈନ୍ୟଙ୍କୁ ଡ୍ୟୁଟିବେଳେ ପଗଡ଼ି ପିନ୍ଧିବାକୁ ଅନୁମତି ମିଳିଛି। ଜଣେ ୨୬ ବର୍ଷୀୟ ଶିଖ-ଆମେରିକୀୟ ନୌସେନା ଅଧିକାରୀ ଲ୍ୟୁଟନାଣ୍ଟ ସୁଖବୀର ତୁର୍‌ଙ୍କୁ କିଛି କଟକଣା ସହିତ ପଗଡି ପିନ୍ଧିପାରିବେ ବୋଲି କୁହାଯାଇଛି। ଆମେରିକା ମରିନ୍‌ର ୨୪୬ ବର୍ଷର ଇତିହାସରେ ଏପରି ଅନୁମତି ପାଇବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ତେବେ ଯୁଦ୍ଧକ୍ଷେତ୍ରରେ ସେ ପଗଡ଼ି ପିନ୍ଧିପାରିବେ ନାହିଁ। ସୁଖ୍‌ବୀର ତୁର୍ ୫ ବର୍ଷ ହେଲା ଆମେରିକା ନୌସେନା ୟୁନିଫର୍ମ ପିନ୍ଧି ଆସୁଛନ୍ତି। ଜଣେ ଶିଖ୍ ଭାବେ ପଗଡ଼ି ପିନ୍ଧିବାର ତାଙ୍କ ଇଚ୍ଛା ଗତ ଗୁରୁବାର ପୂରଣ ହୋଇଛି।

### ଆନ୍ଦୋଳନ ସ୍ଥଳରେ ଚାଷୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୯:** ବିବାଦୀୟ କୃଷି ଆଇନ ବିରୋଧରେ ସୋମବାର ଭାରତ ବନ୍ଦ ପାଳନ ହେଉଥିବାବେଳେ ଦିଲ୍ଲୀର ସିଙ୍ଘୁ ସୀମାରେ ଆନ୍ଦୋଳନରତ ଜଣେ ଚାଷୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଚାଷୀ ବାଘେଲ୍ ରାମ (୫୫)ଙ୍କ ଘର ପଞ୍ଜାବର ଖେଲା ଗ୍ରାମରେ। ସେ କାର୍ତ୍ତି କିଷାନ ୟୁନିୟନ (କେକେୟୁ)ର ସଦସ୍ୟ ଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିବାରୁ ଆନ୍ଦୋଳନସ୍ଥଳ ଶିବିରରେ ସେ ବିଶ୍ରାମ ନେଉଥିଲେ। ମୃତ୍ୟୁ ଖବର ଶୁଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଘେଲଙ୍କୁ ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କର ମୃତ୍ୟୁ ହୃଦ୍‌ଘାତ କାରଣରୁ ହୋଇଥିବା ଜଣାପଡ଼ିଥିବା ପୋଲିସ କହିଛି।

# ବ୍ରିଟେନରେ ତୈଳ ସଙ୍କଟ

**ଲଣ୍ଡନ, ୨୭।୯**



- ଟ୍ରକ୍ ଡ୍ରାଇଭର ଅଭାବରୁ ଯୋଗାଣ ବନ୍ଦ
- ୯୦% ପେଟ୍ରୋଲ ପମ୍ପ ଖାଲି
- ପଡ଼ୋଶୀ ଦେଶ ଚାଳକଙ୍କୁ ମିଳିବ ଅସ୍ଥାୟୀ ଭିଜା

ବ୍ରିଟେନରେ ପେଟ୍ରୋଲ, ଡିଜେଲର ଘୋର ସଙ୍କଟ ଦେଖାଦେଇଛି। ଟ୍ରକ୍ ଡ୍ରାଇଭରଙ୍କ ଅଭାବ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଫଳରେ ବ୍ରିଟେନର ପ୍ରମୁଖ ସହରଗୁଡ଼ିକରେ ପ୍ରାୟ ୫୦ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ଖାଲି ପଡ଼ିଛି। ଯେଉଁ କେତୋଟି ପେଟ୍ରୋଲ ଷ୍ଟେଶନରେ ତେଲ ରହିଛି ସେଠାରେ ବହୁ ସଂଖ୍ୟାରେ ଲୋକେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତେଲ ସରିଯିବା ଭୟରେ ଲୋକେ ଆଗୁଆ ଆବଶ୍ୟକତାଠାରୁ ଅଧିକ ପେଟ୍ରୋଲ କିଣୁଥିବାରୁ ସମସ୍ୟା ବଢ଼ିଛି। ସ୍ଥିତି ଏପରି ହୋଇଛି ଯେ, ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ସେନାର ସହାୟତା ନେବାକୁ ପଡ଼ିଛି। ଗହଳି ଯୋଗୁ କରୋନା ଭୟ ଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଖୁବ୍‌ଶୀଘ୍ର ସୈନ୍ୟ ମୁତୟନ କରି ଲୋକଙ୍କ ଭିଡ଼ ନିୟନ୍ତ୍ରଣ କରାଯିବାକୁ ଯୋଜନା ହୋଇଛି। ଏଥିସହ ଶ୍ରମିକ ଅଭାବ ପୂରଣ କରିବାକୁ ସରକାର ପଡ଼ୋଶୀ ଦେଶରୁ ୫ ହଜାର ଟ୍ରକ୍ ଡ୍ରାଇଭରଙ୍କ ନିମନ୍ତେ ଅସ୍ଥାୟୀ ଶ୍ରମ ଭିଜା ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ବ୍ରିଟେନରେ ତୈଳ ସଙ୍କଟ ଦେଖାଯିବା ପଛରେ ବ୍ରେକ୍‌ଜିଟ୍ ସମେତ ଅନ୍ୟ କାରଣ ମଧ୍ୟ ରହିଛି। ତେବେ ଏହାର ପ୍ରମୁଖ ରହିଛି ଟ୍ରକ୍ ଡ୍ରାଇଭରଙ୍କ ଅଭାବ। ଆବଶ୍ୟକ ସଂଖ୍ୟାରେ ଚାଳକ ନ ଥିବାରୁ ଅଏଲ ରିଫାଇନେରିରୁ ପେଟ୍ରୋଲ ପମ୍ପକୁ ତେଲ ପରିବହନ ହୋଇପାରୁନାହିଁ। ଫଳରେ ଯୋଗାଣ ଶୃଙ୍ଖଳ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ରିଫାଇନେରିରୁ ତେଲ ବାହାରିପାରୁ ନ ଥିବାରୁ ସେଠାରେ ପେଟ୍ରୋଲ ସଂରକ୍ଷଣ ପାଇଁ ଜାଗା ଅଭାବ ଦେଖାଦେଇଛି। ଲୋକେ ଅନାବଶ୍ୟକ ଭାବେ ପେଟ୍ରୋଲ ନ କିଣିବାକୁ ବୋରିସ୍ ପରାମର୍ଶ ଦେଉଥିଲେ ହେଁ ତାହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ଡ୍ରାଇଭର ଆସୋସିଏଶନର କହିବା ଅନୁଯାୟୀ, ଦେଶରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଳକଙ୍କ ଅଭାବ ରହିଛି। ଇନ୍ଧନ ପରିବହନ ନିମନ୍ତେ ସେମାନଙ୍କ ତାଲିମ ଏବଂ ଲାଇସେନ୍ସ ଜରୁରୀ। ତେଣୁ ଏହି ସଙ୍କଟର ତ୍ୱରିତ ସମାଧାନ ସହଜ ନୁହେଁ। ସେପଟେ ଇନ୍ଧନ ପହଞ୍ଚିପାରୁ ନ ଥିବାରୁ ଅନେକ କମ୍ପାନୀରେ ପ୍ରଡକ୍ସନ ବାଧାପ୍ରାପ୍ତ ହୋଇଛି।

ବ୍ରିଟେନରେ ଏପରି ଇନ୍ଧନ ତୈଳ ସଙ୍କଟ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି ସେଠାକାର ଜନସାଧାରଣ। ଟ୍ରକ୍ ଚାଳକଙ୍କ ଅଭାବକୁ ନେଇ ସରକାରଙ୍କୁ ବାରମ୍ବାର ଜଣାଯିବା ସହ ଏଭଳି ସମସ୍ୟା ଉପୁଜିବା ନେଇ ଚେତାବନୀ ମଧ୍ୟ ଦିଆଯାଇଥିଲା। କିନ୍ତୁ ବୋରିସ୍ ସରକାରଙ୍କ ଅଣଦେଖା ଯୋଗୁ ଏବେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ ତୁରନ୍ତ ଅସ୍ଥାୟୀ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ନୂଆ ନିୟମ ଯୋଗୁ ସମସ୍ୟା

ବ୍ରିଟେନରେ ପେଟ୍ରୋଲ ସଙ୍କଟ ଦେଖା ଯିବା ପଛରେ ସରକାର ଆଣିଥିବା ନୂଆ ନିୟମ ଦାୟୀ ବୋଲି କୁହାଯାଉଛି। ଏହି ଆଇନ ଅନୁସାରେ ବିପଜ୍ଜନକ ପଦାର୍ଥ ଶ୍ରେଣୀରେ ଆସୁଥିବା ଜିନିଷର ପରିବହନ ନିମନ୍ତେ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଏକ ସ୍ୱତନ୍ତ୍ର ଟେଷ୍ଟରେ ପାସ୍ କରିବାକୁ ପଡ଼ିବ। ଏହା ପରେ ହିଁ ସେମାନଙ୍କୁ ଉକ୍ତ ପରିବହନ କାର୍ଯ୍ୟରେ ସାମିଲ କରାଯିବ। ପେଟ୍ରୋଲ, ଡିଜେଲ ବିପଜ୍ଜନକ ପଦାର୍ଥ ଶ୍ରେଣୀରେ ଆସୁଛି। ତେଣୁ ଏହି ନିୟମକୁ ଟ୍ରକ୍ ଡ୍ରାଇଭରମାନେ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଦିଲୀପ ଘୋଷଙ୍କ ଉପରେ ଆକ୍ରମଣ



**ଭବାନୀପୁର ଉପନିର୍ବାଚନ ସ୍ଥଗିତ ରଖିବାକୁ ଦାବି**

**କୋଲକାତା, ୨୭।୯**

ପଶ୍ଚିମବଙ୍ଗରେ ଉପନିର୍ବାଚନ ପ୍ରଚାରର ଶେଷ ଦିନରେ ଭାଜପା ରାଷ୍ଟ୍ରୀୟ ଉପସଭାପତି ଦିଲୀପ ଘୋଷଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉପନିର୍ବାଚନ ଲଢୁଥିବା ଭବାନୀପୁର ଆସନରେ ଭାଜପା ପ୍ରାର୍ଥୀ ପ୍ରିୟଙ୍କା ଟିବ୍ରେୱାଲଙ୍କ ପାଇଁ ଘୋଷ ନିର୍ବାଚନ ପ୍ରଚାର କରୁଥିଲେ। କେତେଜଣ ତୃଣମୂଳ କଂଗ୍ରେସ କର୍ମୀ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟିଏମ୍‌ସି କର୍ମୀମାନେ ଭାଜପା ନେତାଙ୍କୁ ଘେରାଉ କରିବା ସହ ଠେଲାପେଲା କରିଥିଲେ। ଏଥିସହ ସେମାନେ ଭାଜପା କର୍ମୀମାନଙ୍କୁ ମାଡ଼ ମାରିଥିଲେ ବୋଲି ଘୋଷ କହୁଥିବାବେଳେ ପ୍ରଥମେ ତାଙ୍କ ସୁରକ୍ଷା କର୍ମୀ ବନ୍ଧୁକ ବାହାର କରି ଲୋକଙ୍କୁ ଭୟଭୀତ କରିବା ପାଇଁ ଉଦ୍ୟମ କରିଥିଲେ ବୋଲି ଟିଏମ୍‌ସି ଅଭିଯୋଗ କରିଛି। ଗଣ୍ଡଗୋଳ ଯୋଗୁ ଭବାନୀପୁର ଉପନିର୍ବାଚନ ସ୍ଥଗିତ ରଖିବାକୁ ଭାଜପା ନେତା ଦାବି କରିଛନ୍ତି। ଗଣ୍ଡଗୋଳ ନେଇ ନିର୍ବାଚନ କମିଶନ ପଶ୍ଚିମବଙ୍ଗ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ଏନ୍‌ଇଇଟି ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ**

**ନୂଆଦିଲ୍ଲୀ, ୨୭।୯**

ଚଳିତ ବର୍ଷ ହେବାକୁ ଥିବା ନ୍ୟାଶନାଲ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକ ପରୀକ୍ଷା ପୋଷ୍ଟଗ୍ରାଜୁଏଟ୍ ସୁପର ସ୍ପେଶିଆଲିଟି (ଏନ୍‌ଇଇଟି ଏସ୍‌ଏସ୍)ରେ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ କରାଯାଇଥିବାରୁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ଏହା ଉପରେ ଅକ୍ଟୋବର ୪ରେ ରିପୋର୍ଟ ଦାଖଲ କରିବାକୁ ଶୀର୍ଷ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪୧ ଜଣ ପୋଷ୍ଟଗ୍ରାଜୁଏଟ୍ ଡାକ୍ତର ସରକାରଙ୍କ ପରୀକ୍ଷା ପ୍ରଶ୍ନ ଢାଞ୍ଚାରେ ପରିବର୍ତ୍ତନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଶ୍ନପତ୍ର ସାଧାରଣ ମେଡିସିନ୍ ପ୍ରାର୍ଥୀଙ୍କ ସପକ୍ଷରେ ଯାଉଥିବା ସେମାନେ ଅଭିଯୋଗ କରିଥିଲେ। ୨୦୧୮ ଏନ୍‌ଇଇଟି ଏସ୍‌ଏସ୍‌ରେ ଜେନେରାଲ ମେଡିସିନ୍‌ରୁ ୪୦ ପ୍ରତିଶତ ଏବଂ ସୁପର ସ୍ପେଶିଆଲିଟିରୁ ୬୦ ପ୍ରତିଶତ ପ୍ରଶ୍ନ ଆସିଥିଲା। ଏଥର ସବୁତକ ପ୍ରଶ୍ନ ଜେନେରାଲ ମେଡିସିନ୍‌ରୁ ଆସିଥିବାରୁ ସେମାନେ ଏହାର ବିରୋଧ କରିଥିଲେ। ନଭେମ୍ବର ୧୩ ଏବଂ ୧୪ରେ ପରୀକ୍ଷା ହେବ ବୋଲି ଗତ ଜୁଲାଇ ୨୩ରେ ଘୋଷଣା ହୋଇଥିବାବେଳେ ଅଗଷ୍ଟ ୩୧ରେ ପ୍ରଶ୍ନ ଢାଞ୍ଚାରେ ପରିବର୍ତ୍ତନ କରାଯାଇଥିଲା। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ବି.ଭି. ନାଗରତ୍ନଙ୍କ ଖଣ୍ଡପୀଠ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନକୁ ନେଇ ପ୍ରଶ୍ନ କରିଛନ୍ତି। କ୍ଷମତା ଲଢ଼େଇରେ ଯୁବ ଡାକ୍ତରମାନଙ୍କୁ ଫୁଟ୍‌ବଲ୍ ଭଳି ବ୍ୟବହାର କରା ନ ଯାଉ। ଡାକ୍ତରମାନଙ୍କୁ ଅଣସମ୍ବେଦନଶୀଳ ବ୍ୟୁରୋକ୍ରାଟ୍‌ମାନଙ୍କ ଦୟାରେ ଛାଡ଼ିଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।



ଭାରତ ବନ୍ଦ ବେଳେ ପଞ୍ଜାବର ପଟିଆଲାଠାରେ ସୋମବାର ଚାଷୀମାନେ ରେଳରୋକୋ କରୁଛନ୍ତି।

### ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ରଜନୀ ପାଟିଲ



**ମୁମ୍ବାଇ, ୨୭।୯**

ମହାରାଷ୍ଟ୍ରରେ ରାଜ୍ୟ ସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନ ପୂର୍ବରୁ ଭାଜପା ଏହାର ପ୍ରାର୍ଥୀ ସଞ୍ଜୟ ଉପାଧ୍ୟାୟଙ୍କୁ ପ୍ରତ୍ୟାହାର କରିନେଇଛି। ଫଳରେ କଂଗ୍ରେସ ପ୍ରାର୍ଥୀ ରଜନୀ ପାଟିଲ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ଯାଉଛନ୍ତି। ଭାଜପା କୋର୍ କମିଟି ବୈଠକରେ ରାଜ୍ୟ ସଭାପତି ଚନ୍ଦ୍ରକାନ୍ତ ପାଟିଲ ଦଳୀୟ ସଦସ୍ୟମାନଙ୍କ ସହ ଆଲୋଚନା କରି ପ୍ରାର୍ଥୀ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ମେ' ମାସରେ କଂଗ୍ରେସ ଏମ୍‌ପି ରାଜୀବ ସତାଭଙ୍କ ପରଲୋକ ଯୋଗୁ ମହାରାଷ୍ଟ୍ରରୁ ଗୋଟିଏ ରାଜ୍ୟ ସଭା ଆସନ ଖାଲି ପଡ଼ିଥିଲା। ପୂର୍ବରୁ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ ଏବଂ ରାଜସ୍ୱ ମନ୍ତ୍ରୀ ବାଲାସାହେବ ଥୋରାଟ ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ଭେଟି ଭାଜପା ପ୍ରାର୍ଥୀ ପ୍ରତ୍ୟାହାର କରିନେବାକୁ ଅନୁରୋଧ କରିଥିଲେ।

## ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୭।୯(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ନାଗରିକମାନଙ୍କୁ ଡିଜିଟାଲ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦିଆଯିବ, ଯେଉଁଥିରେ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରେକର୍ଡ ରହିବ। ଡିଜିଟାଲ ସ୍ୱାସ୍ଥ୍ୟ କାର୍ଡ ବଳରେ ଜଣେ ଯେକୌଣସି ସ୍ଥାନରେ ଚିକିତ୍ସା ସୁବିଧା ଉପଲବ୍ଧ କରିପାରିବେ। ତାଙ୍କ ସ୍ୱାସ୍ଥ୍ୟଗତ ରେକର୍ଡ ସମ୍ପର୍କରେ ଡାକ୍ତରମାନେ ଉକ୍ତ କାର୍ଡରୁ ସହଜରେ ପାଇପାରିବେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଗତବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଲାଲ୍‌କିଲାରୁ ନ୍ୟାଶନାଲ ହେଲ୍‌ଥ ମିଶନ ପାଇଲଟ ପ୍ରୋଜେକ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ତୃତୀୟ ବାର୍ଷିକୀ ଅବସରରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଉକ୍ତ ଯୋଜନାରେ ଗରିବଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଗାଇଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ଦେଶର ୨ କୋଟିରୁ ଊର୍ଦ୍ଧ୍ୱ ଲୋକ ଉକ୍ତ ଯୋଜନାରୁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କଲେଣି ବୋଲି ମୋଦି କହିଥିଲେ।

ପର୍ଯ୍ୟଟନ ସହ ସ୍ୱାସ୍ଥ୍ୟର ବଳିଷ୍ଠ ସମ୍ପର୍କ ରହିଛି। ଉତ୍ତମ ଓ ସମନ୍ୱିତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ପର୍ଯ୍ୟଟନ ସେକ୍ଟରରେ ଉନ୍ନତି ଆଣିଥାଏ। ଡିଜିଟାଲ ଭିତ୍ତିଭୂମି ଯୋଗୁ ସାଧାରଣ ଭାରତୀୟଙ୍କୁ ରାଶନଠାରୁ ଆରମ୍ଭ କରି ପ୍ରଶାସନିକ ସେବା ପର୍ଯ୍ୟନ୍ତ ସବୁ କିଛି ଦ୍ରୁତତର ଓ ପାରଦର୍ଶିତାର ସହ ଉପଲବ୍ଧ ହୋଇପାରୁଛି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୭ ବର୍ଷ ହେଲା ଜାରି ରହିଥିବା ଉଦ୍ୟମକୁ ଏହି ମିଶନ ନୂଆ ଦିଗ ଦେବ। ନିର୍ଭରଯୋଗ୍ୟ ତଥ୍ୟ ଯୋଗୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦିଆଯିବା ସହ ସେମାନଙ୍କ ପଇସା ବଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୯୦ କୋଟି କୋଭିଡ୍ ଟିକା ଡୋଜ୍ ଦିଆଗଲାଣି। ଏଥିପାଇଁ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ କୋୱିନ୍ ଆପ୍‌ର ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।

## ସୁଇଜରଲାଣ୍ଡରେ ସମଲିଙ୍ଗୀ ବିବାହ ବୈଧ

**ବର୍ନ, ୨୭।୯**




ସୁଇଜରଲାଣ୍ଡରେ ସମଲିଙ୍ଗୀ ବିବାହକୁ ବୈଧ କରିବା ସପକ୍ଷରେ ଭୋଟ ମିଳିଛି। ସେଠାରେ ସମଲିଙ୍ଗୀ ଯୋଡ଼ି ବିବାହ କରିବା ଲାଗି ଅଧିକାର ପାଇଛନ୍ତି। ଗତ ୨୬ ତାରିଖରେ କରାଯାଇଥିବା ଗଣଭୋଟରେ ଦୁଇ-ତୃତୀୟାଂଶ ଜନସାଧାରଣ ସମଲିଙ୍ଗୀ ବିବାହକୁ ଆଇନସମ୍ମତ କରିବା ସପକ୍ଷରେ ମତ ଦେଇଛନ୍ତି। ଏନେଇ ସମଲିଙ୍ଗୀ ସମର୍ଥକମାନେ ଉତ୍ସବ ମନାଇଛନ୍ତି। ପଶ୍ଚିମ ୟୁରୋପର ଅଧିକାଂଶ ରାଷ୍ଟ୍ର ଏଲ୍‌ଜିବିଟିକ୍ୟୁ ବିବାହକୁ ପୂର୍ବରୁ ବୈଧ କରିଛନ୍ତି। ନିର୍ବାଚନ ଏଜେନ୍ସି ରିପୋର୍ଟ ଅନୁଯାୟୀ ସେମ୍-ସେକ୍ସ ମ୍ୟାରେଜ୍ ବୈଧୀକରଣ ସପକ୍ଷରେ ୬୪.୧ ପ୍ରତିଶତ ଭୋଟ ମିଳିଥିବାବେଳେ ବିରୋଧରେ ୩୫.୯ ପ୍ରତିଶତ ଭୋଟ ମିଳିଛି। ପ୍ରଶାସନିକ ଏବଂ ଆଇନଗତ ପ୍ରକ୍ରିୟା ଶେଷ ହୋଇ ବିବାହ ଅନୁଷ୍ଠିତ ହେବାକୁ ମାସେ ସମୟ ଲାଗିପାରେ ବୋଲି ସମର୍ଥକମାନେ କହିଛନ୍ତି।

ଗଣଭୋଟ ପୂର୍ବରୁ ସମସ୍ତଙ୍କ ପାଇଁ ବିବାହକୁ ସମର୍ଥନ କରିବା ଏବଂ ଏଲ୍‌ଜିବିଟିକ୍ୟୁ ଦମ୍ପତିଙ୍କୁ ଅଲଗା ଭାବେ ନ ଦେଖିବାକୁ ସୁଇଜରଲାଣ୍ଡ ସରକାର ଏବଂ ଆଇନ ପ୍ରଣୟନକାରୀମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଗତବର୍ଷ ଡିସେମ୍ବରରେ ସମଲିଙ୍ଗୀ ବିବାହକୁ ଆଇନ ସମ୍ମତ କରିବା ସପକ୍ଷରେ ଆଇନ ପ୍ରଣେତାମାନେ ଭୋଟ ଦେଇଥିଲେ। ରକ୍ଷଣଶୀଳ ରାଜନେତାମାନେ ଏଭଳି ଆଇନକୁ ବିରୋଧ କରିବାରୁ ଏହା ଉପରେ ଗଣଭୋଟ ଲାଗି ୫୦ ହଜାର ସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ଖ୍ରୀଷ୍ଟିଆନବହୁଳ ଅଞ୍ଚଳର ସଦସ୍ୟ ଏବଂ ଦକ୍ଷିଣପନ୍ଥୀ ସୁଇସ୍ ପିପୁଲ୍ସ ପାର୍ଟି (ଏସ୍‌ଭିପି) ସମଲିଙ୍ଗୀ ବିବାହକୁ ଦୃଢ଼ ବିରୋଧ କରିଥିଲା।

ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ୧୯୪୨ରେ ସୁଇଜରଲାଣ୍ଡ ଆଇନ ଆଣିଥିଲା। ତେବେ ସ୍ଥାନୀୟ ତଥା ଆଞ୍ଚଳିକ ପୋଲିସ ୯୦ ଦଶକ ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଅଲଗା ରେଜିଷ୍ଟର ବ୍ୟବସ୍ଥା କରିଥିଲେ। ୨୦୦୭ରୁ ସମଲିଙ୍ଗୀ ଯୋଡ଼ିଙ୍କୁ ସିଭିଲ୍ ପାର୍ଟନରଶିପ୍ ଅନୁମତି ମିଳିଥିଲା।

## ମର୍କେଲଙ୍କ ପାର୍ଟିର ପରାଜୟ

**ଜର୍ମାନୀ ନିର୍ବାଚନ**

**ବର୍ଲିନ୍, ୨୭।୯**

ଜର୍ମାନୀର ସାଧାରଣ ନିର୍ବାଚନରେ ବିଦାୟୀ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ କଞ୍ଜରଭେଟିଭ ପାର୍ଟି କମ୍ ପ୍ରତିଶତ ଭୋଟ ବ୍ୟବଧାନରେ ପରାଜିତ ହୋଇଛି। ମର୍କେଲ ଚଳିତ ଥର ଚାନ୍‌ସେଲର ପଦରେ ରହିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିବାରୁ ଭୋଟରଙ୍କ ଉପରେ ଏହାର ପ୍ରଭାବ ପଡ଼ିଥିବା କୁହାଯାଉଛି। ସୋସିଆଲ ଡେମୋକ୍ରାଟିକ୍ ପାର୍ଟି(ଏସ୍‌ଡିପି) ସର୍ବାଧିକ ଭୋଟ ପାଇ ବୃହତ୍ତମ ଦଳ ହୋଇଛି। ତେବେ ଜର୍ମାନୀରେ ମେଣ୍ଟ ସରକାର ଗଠନ ହେବାକୁ ଯାଉଥିବାବେଳେ ଏସ୍‌ଡିପିର ଚାନ୍‌ସେଲର ପ୍ରାର୍ଥୀ ତଥା ବିଦାୟୀ ଭାଇସ୍-ଚାନ୍‌ସେଲର ଓଲାଫ ସ୍କୋଲ୍‌ଜ ପରବର୍ତ୍ତୀ ଚାନ୍‌ସେଲର ହୋଇପାରନ୍ତି।

ରବିବାର ଜର୍ମାନୀରେ ୨୯୯ ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା। ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସୋମବାର ଭୋଟ ଗଣନା ହୋଇଥିବାବେଳେ ଏସ୍‌ଡିପିକୁ ୨୫.୯ ପ୍ରତିଶତ ଏବଂ କଞ୍ଜରଭେଟିଭ ପାର୍ଟିକୁ ୨୪.୧ ପ୍ରତିଶତ ଭୋଟ ମିଳିଛି। ୧୪.୮ ପ୍ରତିଶତ ଭୋଟ ପାଇଁ ଗ୍ରୀନ ପାର୍ଟି ତୃତୀୟ ବୃହତ୍ତମ ଦଳ ହୋଇଛି। ଫ୍ରି ଡେମୋକ୍ରାଟିକ୍ ଦଳ(ଏଫ୍‌ଡିପି)କୁ ୧୧.୫% ଭୋଟ ଯାଇଛି। ଉଭୟ ଗ୍ରୀନ ପାର୍ଟି ଏବଂ ଏଫ୍‌ଡିପି ନୂଆ ସରକାର ଗଠନରେ ସହଯୋଗ କରିବେ ବୋଲି ପୂର୍ବରୁ କହିଛନ୍ତି। ସେହିପରି ଅଲ୍‌ଟରନେଟିଭ୍ ଫର୍ ଜର୍ମାନୀ ପାର୍ଟି ୧୦.୩ ପ୍ରତିଶତ ଭୋଟ ପାଇ ପଞ୍ଚମ ସ୍ଥାନରେ ରହିଛି। ତେଣୁ ଜର୍ମାନୀରେ ମେଣ୍ଟ ସରକାର ଗଠନ ହୋଇପାରେ ବୋଲି ନିର୍ବାଚନ ଫଳାଫଳରୁ ଜଣାପଡ଼ିଛି। ୬୩ ବର୍ଷୀୟ ଓଲାଫ୍ ସ୍କୋଲ୍‌ଜ ଗ୍ରୀନ୍ ପାର୍ଟି ଓ ଏଫ୍‌ଡିପି ସହ ମିଶି ସରକାର ଗଢ଼ିବାକୁ ଆଲୋଚନା କରିପାରନ୍ତି। ଏହା ହେଲେ ୨୦୦୫ ପରେ ଏସ୍‌ଡିପି ଶାସନକୁ ଆସିବ। ପୂର୍ବରୁ ୧୬ ବର୍ଷ ପର୍ଯ୍ୟନ୍ତ ମର୍କେଲଙ୍କ କଞ୍ଜରଭେଟିଭ ପାର୍ଟିର ଶାସନ ରହିଥିଲା। ମର୍କେଲଙ୍କ ଅଧୀନରେ ଜର୍ମାନୀ ୟୁରୋପର ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ ହୋଇପାରିଛି। ସେଥିପାଇଁ ଜର୍ମାନୀକୁ ୟୁରୋପର 'ଗ୍ରୋଥ୍ ଇଞ୍ଜିନ୍' କୁହାଯାଏ। ଚାନ୍‌ସେଲର ଭାବେ ୟୁରୋପୀୟ ୟୁନିୟନର ଏକତା ବଜାୟ ରଖିବା ପାଇଁ ମର୍କେଲ ବହୁ ଉଦ୍ୟମ କରିଛନ୍ତି। ୨୦୦୮ର ଅର୍ଥନୈତିକ ଦୁରାବସ୍ଥା, ୟୁରୋପୀୟ ୟୁନିୟନରୁ ବ୍ରିଟେନର ବିଦାୟ(ବ୍ରେକ୍‌ଜିଟ୍), ଗ୍ରୀସର ଅର୍ଥନୈତିକ ସଙ୍କଟ ଏବଂ କରୋନା ମହାମାରୀ ସମୟରେ ମର୍କେଲ ସମଗ୍ର ୟୁରୋପର ନେତୃତ୍ୱ ନେଇଛନ୍ତି। ତେବେ ସରକାର ଗଠନ ହେବା ନିମନ୍ତେ କିଛି ସପ୍ତାହ କିମ୍ବା ମାସାଧିକ କାଳ ଲାଗିପାରେ। ସେ ପର୍ଯ୍ୟନ୍ତ ମର୍କେଲ ଶାସନରେ ରହିବେ।



ଆଞ୍ଜେଲା ମର୍କେଲ



ଓଲାଫ ସ୍କୋଲ୍‌ଜ

- ଏସ୍‌ଡିପିକୁ ସର୍ବାଧିକ ଭୋଟ
- ସ୍କୋଲ୍‌ଜ ହୋଇପାରନ୍ତି ନୂଆ ଚାନ୍‌ସେଲର

## ୟାରିସ ମଡେଲ ଉତ୍ପାଦନ ବନ୍ଦ କଲା ଟୟୋଟା

ଟୟୋଟା କିର୍ଲୋସ୍କାର ମୋଟର୍ସ ଏହାର ସେଡାନ ମଡେଲ ୟାରିସର ଉତ୍ପାଦନ ବନ୍ଦ ଘୋଷଣା କରିଛି। ଏହି ମଡେଲର ବିକ୍ରି ଏବେ କମିଛି। ଅପରପକ୍ଷରେ ଗ୍ରାହକ ସେଡାନ ପରିବର୍ତ୍ତେ ଏସ୍‌ୟୁଭି ମଡେଲ କିଣିବାକୁ ମନ ବଳାଉଛନ୍ତି। ଏହାକୁ ନଜରରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜାପାନ ଭିତ୍ତିକ ଏହି କାର୍ କମ୍ପାନୀ ୩ ବର୍ଷ ତଳେ ମଧ୍ୟମ ବର୍ଗ ସେଡାନ ଭାବେ ୟାରିସକୁ ବଜାରକୁ ଛାଡ଼ିଥିଲା। ହୋଣ୍ଡା ସିଟି ଏବଂ ହ୍ୟୁଣ୍ଡାଇ ଭର୍ନା ମଡେଲ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଏହା ବଜାରକୁ ଆସିଥିଲା।

### ସଂକ୍ଷେପରେ

## ନିର୍ଦ୍ଦିଷ୍ଟ ବର୍ଗକୁ ଏଲ୍‌ପିଜି ସବ୍‌ସିଡି ଫେରିପାରେ

**ନୂଆଦିଲ୍ଲୀ,୨୭।୯:** କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ଏଲ୍‌ପିଜି ଉପରେ ପୁଣି ଥରେ ସବ୍‌ସିଡି ପ୍ରଦାନ କରିବା ନେଇ ଯୋଜନା କରାଯାଉଛି। ଏ ନେଇ ଏକ ସୀମା ନିର୍ଦ୍ଧାରଣ କରିବା ନେଇ ଚିନ୍ତା କରାଯାଉଛି। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ବର୍ତ୍ତମାନର ମୂଲ୍ୟ ନିର୍ଣ୍ଣୟ କରିବା ଲାଗି ଏକ ସର୍ଭେ କରାଯାଉଛି। ଯେଉଁଥିରେ ସର୍ବାଧିକ ଗ୍ରାହକ ଏଲ୍‌ପିଜି କ୍ରୟ କରିପାରିବେ। ସବ୍‌ସିଡି ବିତରଣକୁ କେବଳ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ହିତାଧିକାରୀଙ୍କ ଯାଏ ସମୀତ ରଖାଯାଇପାରେ ବୋଲି ଅଧିକାରୀ ଜଣକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୦ ମେ ମାସରେ ସରକାର ଏଲ୍‌ପିଜି ସବସିଡିକୁ ବନ୍ଦ କରିଦେଇଛନ୍ତି। ସବସିଡି ବନ୍ଦ ହୋଇଥିବା ବେଳେ ଏଲ୍‌ପିଜି ସିଲିଣ୍ଡର ଦର ପ୍ରାୟ ୧ ହଜାର ଟଙ୍କା ଛୁଇଁଛି।

## ୫.୦୩ ଲକ୍ଷ କୋଟି ଋଣ କରିବ କେନ୍ଦ୍ର

**ନୂଆଦିଲ୍ଲୀ,୨୭।୯:** ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ କେନ୍ଦ୍ର ସରକାର ୫.୦୩ ଲକ୍ଷ କୋଟି ଟଙ୍କା ଋଣ କରିବେ। ମହାମାରୀ ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବା ଲାଗି ସରକାର ପ୍ରୟାସ କରୁଛନ୍ତି। ରାଜସ୍ୱ ବ୍ୟବଧାନକୁ ନଜରରେ ରଖି ଏଭଳି ଋଣ ଯୋଜନା ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ସୋମବାର ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ସରକାର ୭.୦୨ ଲକ୍ଷ କୋଟି ଟଙ୍କାର ବଣ୍ଡ୍ ଜାରି କରିଛନ୍ତି। ଏହାକୁ ବିଚାର କଲେ ସରକାରଙ୍କ ମୋଟ ବଜାର ଋଣ ୧୨.୦୫ ଲକ୍ଷ କୋଟି ଟଙ୍କା ଛୁଇଁବ। ପ୍ରଥମ ୬ ମାସରେ ୭.୨୪ ଲକ୍ଷ କୋଟି ଟଙ୍କା ଋଣ ଉଠାଣ ନେଇ ବଜେଟରେ ଏ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବଳକା ଅର୍ଥକୁ ବର୍ତ୍ତମାନ ଉଠାଣ ନେଇ ସରକାର ପ୍ରକ୍ରିୟା ଜାରି କରିବେ। ସାପ୍ତାହିକ ପ୍ରାୟ ୨୪ ହଜାର କୋଟି ଟଙ୍କା କିସ୍ତିରେ ଏହି ଋଣ ଉଠାଯିବ। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୯.୫% ଛୁଇଁଛି। ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ୬.୮% ସ୍ତରରେ ରଖିବାକୁ ଲକ୍ଷ୍ୟ ରଖାଯାଇଛି।

# ଏନର୍ଜି ପ୍ଲାଣ୍ଟଗୁଡ଼ିକରେ କୋଇଲା ସଙ୍କଟ

**ନୂଆଦିଲ୍ଲୀ,୨୭।୯**



ଦେଶ ମଧ୍ୟରେ କୋଇଲା ଦ୍ୱାରା ପରିଚାଳିତ ଶକ୍ତି କ୍ଷେତ୍ର ପ୍ଲାଣ୍ଟଗୁଡିକ ବର୍ତ୍ତମାନ ସମସ୍ୟାରେ ରହିଛନ୍ତି। କୋଇଲାର ଘୋର ଅଭାବ ଯୋଗୁ ପ୍ଲାଣ୍ଟ ଗୁଡିକ ସଙ୍କଟରେ ରହିଥିବା ଜଣାପଡିଛି। ସେମାନଙ୍କ ନିକଟରେ ଗଚ୍ଛିତ ଥିବା କୋଇଲା ପରିମାଣ ପର୍ଯ୍ୟାପ୍ତ ନ ଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଏହାକୁ ନଜରରେ ରଖି କମ୍ପାନୀଗୁଡିକ ବାଧ୍ୟ ହୋଇ ବିଦେଶରୁ ଅଧିକ ଦାମ ଦେଇ କୋଇଲା କିଣୁଥିବା ଦେଖାଯାଇଛି। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଡାଟା ମୁତାବକ, ପ୍ଲାଣ୍ଟ ନିକଟରେ ରହିଥିବା ଗଚ୍ଛିତ କୋଇଲା ପରିମାଣ ୨୦୧୭ ପରଠାରୁ ସବୁଠୁ ନିମ୍ନ ସ୍ତରକୁ ଖସିଛି। ବର୍ତ୍ତମାନ ଭାରତ କେବଳ କୋଇଲାର ଏଭଳି ଉତ୍କଟ ସମସ୍ୟା ସାମ୍ନା କରୁନାହିଁ। ଆବଶ୍ୟକତା ମୁତାବକ କୋଇଲା ଅଭାବ ଯୋଗୁ ବ୍ରିଟେନଠାରୁ ଚାଇନା ଭଳି ଦେଶ ମଧ୍ୟ ଏଭଳି ସମସ୍ୟା ସାମ୍ନା କରୁଛନ୍ତି।

ଗଚ୍ଛିତ ଥିବା କୋଇଲା ପରିମାଣ ଶେଷ ହେବାକୁ ଥିବାରୁ ପ୍ଲାଣ୍ଟଗୁଡିକୁ ଅଧିକ ମୂଲ୍ୟ ଦେଇ କ୍ରୟ କରିବାକୁ ହେବ। ସେହିଭଳି ଘରୋଇ ନିଲାମ ପ୍ରକ୍ରିୟାରେ ଭାଗ ନେଇ ଅଧିକ ମୂଲ୍ୟ ପ୍ରଦାନ କରିବାକୁ ପଡୁଥିବା ଡେଲଏଟର ଜଣେ ବିଶେଷଜ୍ଞ କହିଛନ୍ତି। ବର୍ତ୍ତମାନ ସାରା ଦେଶରେ ଲୋକମାନେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଜନୀତ ସମସ୍ୟା ସାମ୍ନା କରୁଛନ୍ତି। କୋଇଲା ଅଭାବ ଭଳି ସମସ୍ୟା ଦେଶର ଅର୍ଥ ବ୍ୟବସ୍ଥାକୁ ଆହୁରି ପ୍ରଭାବିତ କରିବ ବୋଲି କୁହାଯାଇଛି। ମହାମାରୀ ପରେ ବିଦ୍ୟୁତ ଶକ୍ତି ଚାହିଦା ବଢିଛି। ଶକ୍ତି ଉତ୍ପାଦନ କ୍ଷମତା ବଢାଇବାରେ ଭାରତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ମାତ୍ର କୋଇଲା ଯୋଗାଣ ଭିତ୍ତିଭୂମି କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିବା ଜଣାପଡିଛି।

ଜୁଲାଇରେ ଶକ୍ତି ଚାହିଦା ୧୦% ବଢିଥିବା ବେଳେ ଅଗଷ୍ଟରେ ୧୮% ଉର୍ଦ୍ଧ୍ୱରେ ରହିଛି। ବର୍ତ୍ତମାନ କରୋନା ମହାମାରୀ ନିୟନ୍ତ୍ରଣକୁ ଆସିବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ବଢୁଛି। ଫଳରେ ଶକ୍ତି ଚାହିଦାରେ ଏଭଳି ପରିବର୍ତ୍ତନ ଆସିଛି। ଶକ୍ତି ମନ୍ତ୍ରଣାଳୟ ଡାଟା ମୁତାବକ, ଦେଶ ମଧ୍ୟରେ ୧୨୪ ଗିଗାୱାଟ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ରହିଥିବା ବେଳେ କୋଇଲା ଦ୍ୱାରା ପରିଚାଳିତ ହେଉଥିବା ଶକ୍ତି ପ୍ଲାଣ୍ଟଗୁଡିକରେ ଗଚ୍ଛିତ ଥିବା କୋଇଲା ପରିମାଣ ଗୋଟିଏ ସପ୍ତାହରୁ କମ୍ ହେବ। ଶକ୍ତି କେନ୍ଦ୍ର ଗୁଡିକ ଅଗଷ୍ଟ ମାସରେ ୧.୯ ନିୟୁତ ଟନ୍ କୋଇଲା ଆମଦାନୀ କରିଛନ୍ତି।

## ସଡ଼କ ପ୍ରକଳ୍ପ ଲାଗି ନାବାର୍ଡର ୨୦୬ କୋଟି

**ଭୁବନେଶ୍ୱର,୨୭।୯**

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ) ରାଜ୍ୟର ସଡ଼କପଥ ବିକାଶ ଲାଗି ୨୦୬ କୋଟି ଟଙ୍କାର ଋଣ ମଞ୍ଜୁର କରିଛି। ବ୍ୟାଙ୍କ ଏହାର ଗ୍ରାମୀଣ ଉନ୍ନତୀକରଣ ବିକାଶ ପାଣ୍ଠି(ଆର୍‌ଆଇଡିଏଫ୍) ଅଧୀନରେ ଉକ୍ତ ପାଣ୍ଠି ବ୍ୟବସ୍ଥା କରିଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୨୫ ଗ୍ରାମୀଣ ସଡ଼କର ଉନ୍ନତୀକରଣ କରାଯିବ ବୋଲି ଜଣାପଡ଼ିଛି। ପ୍ରକଳ୍ପଗୁଡ଼ିକ ୧୧ ଜିଲାରେ ରହିଛି। ଏହା ଅଧୀନରେ ମୋଟ ୨୦୩ ସଡ଼କପଥର ବିକାଶ ହେବା ଦ୍ୱାରା ୧୭୨୩ ଗ୍ରାମର ୨୦.୪୮ ଲକ୍ଷ ଲୋକ ଲାଭବାନ ହୋଇପାରିବେ। ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟଜଳ ଯୋଗାଣ, ଜଳସେଚନ ଏବଂ ଗ୍ରାମୀଣ ସଂଯୋଗ ଲକ୍ଷ୍ୟ ଅନ୍ତର୍ଗତ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ବିଭିନ୍ନ ସ୍ଥାନର ପ୍ରକଳ୍ପକୁ ଏହାଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଇଛି। ନାବାର୍ଡ ଅଦ୍ୟାବଧି ବିଭିନ୍ନ ଯୋଜନା ବାବଦକୁ ୧୪୯୩ କୋଟି ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି।

## ଅମୂଲ ମାଚୋ ବିପକ୍ଷରେ ଲକ୍ସ କୋଜିର ବିଜୟ

**ନୂଆଦିଲ୍ଲୀ,୨୭।୯**



ବରୁଣ ଧାବନ ଅଭିନୀତ ଲକ୍ସ କୋଜିର ସଦ୍ୟତମ ଟିଭିସିକୁ ନେଇ ଅମୁଲ ମାଚୋ ବିରୋଧରେ କମ୍ପାନୀ ଆଇନଗତ ଲଢ଼େଇରେ ବିଜୟୀ ହୋଇଛି। ଅମୂଲ ମାଚୋ ପକ୍ଷରୁ କରାଯାଉଥିବା ଭିତ୍ତିହୀନ ଦାବି ପରିପ୍ରେକ୍ଷୀରେ ଲକ୍ସର ସୁଦୃଢ଼ ବ୍ରାଣ୍ଡ ଇକ୍ୱିଟି ପୁନଃ ପ୍ରତିପାଦନ କ୍ଷେତ୍ରରେ ଏହା ଏକ ଦମ୍‌ଦାର ବିଜୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦି ଆଡଭର୍ଟାଇଜିଂ ଷ୍ଟାଣ୍ଡାର୍ଡସ କାଉନସିଲ ଅଫ୍ ଇଣ୍ଡିଆ (ଏଏସ୍‌ସିଆଇ) ସେପ୍ଟେମ୍ବର ୨୪ରେ ଦେଇଥିବା ତାଙ୍କ ରାୟରେ ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡ ପକ୍ଷରୁ ଦାଖଲ କରାଯାଇଥିବା ଅଭିଯୋଗକୁ ଅଗ୍ରାହ୍ୟ କରିଦେଇଛନ୍ତି। ରାୟରେ କୁହାଯାଇଛି, ଚିନ୍ତାଧାରା ଏବଂ ରୂପାୟନ ଉପାଦାନଗୁଡ଼ିକ କ୍ଷେତ୍ରରେ ସାମଞ୍ଜସ୍ୟ ନାହିଁ। ତତ୍‌ସହିତ ଲକ୍ସ କୋଜିକୁ ଟିଭିସି ମାମଲାରେ ବିଜୟୀ ଘୋଷିତ କରିଛନ୍ତି। ଅମୂଲ ମାଚୋ ଅଭିଯୋଗ କରିଥିଲା ଯେ ଲକ୍ସ କୋଜି ଖୋଲାଖୋଲି ଭାବରେ ସେମାନଙ୍କ ଲୋକପ୍ରିୟ ବିଜ୍ଞାପନ ଚିନ୍ତାଧାରା ଏବଂ ତାହାର ରୂପାୟନ ଶୈଳୀକୁ ନକଲ କରିଛି। ତେବେ ଟିକିନିଖି ଭାବରେ ଯାଞ୍ଚ କରିବା ପରେ ଏହି ଶୀର୍ଷ ସଂସ୍ଥା ମତ ରଖିଥିଲେ ଯେ ବିଜ୍ଞାପନଗୁଡ଼ିକରେ କୌଣସି ସାମଞ୍ଜସ୍ୟ ନାହିଁ। ଏହାପରେ ଲକ୍ସ କୋଜି ସପକ୍ଷରେ ନିଜର ରାୟ ଶୁଣାଇଥିଲେ। ଲକ୍ସ କୋଜିର ନୂଆ ଟିଭିସି ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ୍ ଚହଳ ସୃଷ୍ଟି କରିସାରିଛି।

## ସିଏସ୍‌ଆଇଆର୍‌ର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୭।୯**

ସିଏସ୍‌ଆଇଆର୍‌ର ୮୦ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଆଇଏମ୍‌ଏମ୍‌ଟି କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ତ୍ୱ ବାସୁ ସ୍ୱାଗତ ଭାଷଣରେ କହିଛନ୍ତି, ଗବେଷଣା ଏବଂ ଉନ୍ନତୀକରଣ କ୍ଷେତ୍ରରେ କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୩୭ ଜାତୀୟସ୍ତରୀୟ ଲାବରଟେରି, ୩୯ ଆଉଟରିଚ୍ ସେଣ୍ଟର, ୩ ଇନୋଭେଶନ କମ୍ପ୍ଲେକ୍ସ ଏବଂ ୫ ଅନ୍ୟ ପ୍ରମୁଖ ୟୁନିଟ ସହ ଏହା କାର୍ଯ୍ୟ କରୁଛି। ୩୪୬୦ ବୈଜ୍ଞାନିକ, ୪୩୫୦ ସାଇଣ୍ଟିଫିକ ଏବଂ ଟେକ୍ନିକାଲ ପର୍ସୋନେଲ ମଧ୍ୟ ସିଏସ୍‌ଆଇଆର୍ କାର୍ଯ୍ୟକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରୁଛନ୍ତି। କୋଭିଡ୍ ଭଳି ମହାମାରୀ ସମୟରେ ମଧ୍ୟ ୧୬୭ ପ୍ରକଳ୍ପ କାମ କରିବାକୁ ସକ୍ଷମ ହୋଇଥିବା ବାସୁ ମତ ରଖିଛନ୍ତି। ଏହା ମଧ୍ୟରେ ପ୍ରାୟ ୮୭ ନୂଆ ପ୍ରକଳ୍ପ ରହିଛି। ଏହା ଗବେଷଙ୍କ ଲାଗି ଏକ ବଡ଼ ସଫଳତା। ଟେକ୍ନିକାଲ କ୍ଷେତ୍ରର ବିଭିନ୍ନ ଗବେଷଣା ଲାଗି ସିଏସ୍‌ଆଇଆର୍ ଏହାର ଯୋଗଦାନ ଜାରି ରଖିଥିବା ଏନ୍‌ଏମ୍‌ଡିସି ହାଇଦ୍ରାବାଦର ସିଏମ୍‌ଡି ସୁମିତ ଦେବ କହିଛନ୍ତି। କାର୍ଯ୍ୟକ୍ରମରେ ନାଲ୍‌କୋର ପ୍ରୋଜେକ୍ଟ୍ ଏବଂ ଟେକ୍ନିକାଲ ନିର୍ଦ୍ଦେଶକ ମାନସ ପ୍ରସାଦ ମିଶ୍ର, ଚିଫ୍ ସାଇଣ୍ଟିଷ୍ଟ ଡ. ଅଶୋକ କୁମାର ସାହୁ, ବିସିକେଆଇସିର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର, ସିଇଓ ଡ. ପ୍ରଶାନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ଶେଷ ସୁଦ୍ଧା ବିପିସିଏଲ୍‌ରୁ ପୁଞ୍ଜି ପ୍ରତ୍ୟାହାର

**ନୂଆଦିଲ୍ଲୀ,୨୭।୯**

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ରୁ ପୁଞ୍ଜି ପ୍ରତ୍ୟାହାର ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୨୨ ମାର୍ଚ୍ଚ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା କମ୍ପାନୀର ଅଧ୍ୟକ୍ଷ ଅରୁଣ କୁମାର ସିଂ କହିଛନ୍ତି। ସାଧାରଣ ବାର୍ଷିକ ବୈଠକ ପରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଟ୍ରାଞ୍ଜାକଶନ ସାରିବାକୁ ସରକାର ବିଭିନ୍ନ ଫୋରମରେ କହିଛନ୍ତି। ଏହି ଧାରାରେ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହି ଧାରା ଉପରେ କାର୍ଯ୍ୟ କରିବାକୁ ହେବ। ଚଳିତ ବର୍ଷ ସୁଦ୍ଧା ଏୟାର ଇଣ୍ଡିଆ ଏବଂ ବିପିସିଏଲ୍‌ର ଘରୋଇକରଣ କାର୍ଯ୍ୟ ଶେଷ କରିବାକୁ ଯୋଜନା ରଖାଯାଇଥିବା ୨୦୨୧ ଅଗଷ୍ଟରେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ(ଦୀପମ) ସଚିବ ତୁହୀନ କାନ୍ତ ପାଣ୍ଡେ କହିଥିଲେ। ଏହି କମ୍ପାନୀରେ ସରକାରଙ୍କ ୫୨.୯୮% ଅଂଶଧନ ରହିଛି।

### ରାଜ୍ୟ ଖବର...

# ସରିଲା ପ୍ରଚାର, ଭୋଟକୁ ଅପେକ୍ଷା

**ପୁରୀ ଅଫିସ,୨୭।୯**

**ପିପିଲି ଉପନିର୍ବାଚନ**
- ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ
- ଏକ୍‌ଜିଟ୍ ପୋଲ ଉପରେ କଟକଣା
- ଆଜି ବୁଥ୍‌ଗୁଡ଼ିକୁ ଯିବେ ପୋଲିଂ ପାର୍ଟି
- ୧୯୮୩ ସୁରକ୍ଷାକର୍ମୀ ମୁତୟନ ହେବେ

ପିପିଲି ଉପନିର୍ବାଚନ ପାଇଁ ୩୦ ତାରିଖରେ ମତଦାନ ହେବାକୁ ଥିବାବେଳେ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଶ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ ଉପନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବା ସହ ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ମତଦାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମୋଟ୍ ୩ଟି ପର୍ଯ୍ୟାୟରେ ପୋଲିଂ ପାର୍ଟିକୁ ପିପିଲି ନିର୍ବାଚନମଣ୍ଡଳୀକୁ ପଠାଯିବ। ପୂର୍ବାହ୍ନ ୬ରୁ ୧୦ଟା, ପରେ ୧୦ଟାରୁ ଅପରାହ୍ନ ୧ଟା ଏବଂ ଶେଷରେ ୧ଟାରୁ ଅପରାହ୍ନ ୪ଟା ମଧ୍ୟରେ ପୋଲିଂ ପାର୍ଟିଗୁଡ଼ିକ ଗସ୍ତ କରିବେ। ଏଥିଲାଗି ୧୦ଟି କାଉଣ୍ଟର ବ୍ୟବସ୍ଥା କରାଯିବା ସହ ଇଭିଏମ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗ୍ରହଣ ନିମନ୍ତେ ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା କରାଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି।

ମଇଦାନରେ ଅବତୀର୍ଣ୍ଣ ହୋଇଥିବା ମୋଟ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ଲକ୍ଷ ୨୯ ହଜାର ୯୯୮ ଜଣ ମତଦାତା। ସେହିପରି ମୋଟ୍ ୩୪୮ ବୁଥ୍ ମଧ୍ୟରୁ ୧୦୨ଟି ଅତିସମ୍ବେଦନଶୀଳ ଓ ୭୩ଟି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ବୁଥ୍‌ଗୁଡ଼ିକରେ ୱେବ କାଷ୍ଟିଂ ହେବ। ୨୩ ମାଇକ୍ରୋ ପର୍ଯ୍ୟବେକ୍ଷକ ଅବସ୍ଥାପିତ କରାଯିବା ସହ ୧୨ଟି ବୁଥ୍‌ରେ ଭିଡିଓ ଉତ୍ତୋଳନ କରାଯିବ। ଏହାବ୍ୟତୀତ ୨୦ଟି ଆଦର୍ଶ ମତଦାନ କେନ୍ଦ୍ର ହୋଇଛି। ଜିଲାପାଳ ସମର୍ଥ ବର୍ମା ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଉପନିର୍ବାଚନ ଲାଗି ପ୍ରାୟ ୨ହଜାର ପୋଲିଂ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେବେ। ୫ଶହ ଗାଡ଼ି ନିୟୋଜନ ହେବ। ପ୍ରାୟ ୭୦ଟି ରିଜର୍ଭ ପୋଲିଂ ପାର୍ଟି, ୩୨ଟି ମୋବାଇଲ୍ ଟିମ୍ ନିୟୋଜିତ ରହିବେ। ସେହିଭଳି ୧୯୮୩ ସୁରକ୍ଷାକର୍ମୀ ମୁତୟନ ହେବେ। ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ଓ ପୋଲିସ ପକ୍ଷରୁ ନିୟମିତ ଫ୍ଲାଗ୍ ମାର୍ଚ୍ଚ କରାଯାଉଥିବା ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷ ନାଥଶର୍ମା ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିସହିତ ଭାରତର ନିର୍ବାଚନ ଆୟୋଗ ପିପିଲି ଉପନିର୍ବାଚନ ସମ୍ପର୍କରେ କୌଣସି ପ୍ରକାର ଏକ୍‌ଜିଟ୍ ପୋଲକୁ ନିଷେଦ୍ଧ କରିଛନ୍ତି। କୌଣସି ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମ, ୱେବ୍ ପୋର୍ଟାଲ କିମ୍ବା ଅନ୍ୟ କୌଣସି ଗଣମାଧ୍ୟମ ଉପ ନିର୍ବାଚନ ସମ୍ପର୍କିତ ଖବର ପ୍ରକାଶିତ କରିପାରିବେ ନାହିଁ।

# ଚାଷୀଙ୍କ ଆୟ ବୃଦ୍ଧି ଲାଗି କୃଷି-କନ୍‌କ୍ଲେଭ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

କୃଷିକ୍ଷେତ୍ରରେ ଅଧିକ ନୂତନ ସମ୍ଭାବନା ସୃଷ୍ଟି ସହ କୃଷି ଉତ୍ପାଦଗୁଡ଼ିକୁ ମୂଲ୍ୟଯୁକ୍ତ କରି ଚାଷୀଙ୍କ ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ କୃଷି-କନ୍‌କ୍ଲେଭର ଆୟୋଜନ କରାଯିବ। ଏଥିରେ ଦେଶର କୃଷି ଉତ୍ପାଦ ସହ ଜଡ଼ିତ ନାମୀଦାମୀ କମ୍ପାନୀଗୁଡ଼ିକ ଅଂଶଗ୍ରହଣ କରିବେ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତାବିତ ଏହି କନ୍‌କ୍ଲେଭ୍‌କୁ ଓଡ଼ିଶା-କୃଷି କନ୍‌କ୍ଲେଭ ନାମକରଣ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏହି ଆୟୋଜନର ନୋଡାଲ ବିଭାଗ ରହିବ । ଏହି କନ୍‌କ୍ଲେଭ ଅକ୍ଟୋବର ୮ ତାରିଖରେ ଆୟୋଜିତ ହେବ । ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା କମ୍ପାନୀଗୁଡ଼ିକୁ ଏଥିରେ ଯୋଗଦେବା ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିବା ବ୍ୟବସ୍ଥା କରାଯାଇଛି। ଚିହ୍ନିତ କୃଷି କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିବା ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବଙ୍କ ଉପରେ ନ୍ୟସ୍ତ କରାଯାଇଛି। କନ୍‌କ୍ଲେଭକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ ଉଚ୍ଚ ମାନର ପୁସ୍ତିକା ମୁଦ୍ରଣ କରାଯାଇ ଏହି କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯିବ। ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଯୋଗଦେଇ ନୁଡୁଲ୍ସ ପ୍ରସ୍ତୁତକାରୀ ଓ ସାମୁଦ୍ରିକ ମତ୍ସ୍ୟ ରପ୍ତାନି ସଂସ୍ଥାଗୁଡ଼ିକୁ ଆମନ୍ତ୍ରଣ କରିବାକୁ ପ୍ରସ୍ତାବ ରଖିଥିଲେ। ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ କାର୍ଯ୍ୟକ୍ରମର ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ଅର୍ଥ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ତରଫରୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଜି. ରଘୁପ୍ରସାଦ ଗୋଖାଦ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ରାଜ୍ୟରେ ତାଙ୍କର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବା ପାଇଁ ବାର୍ତ୍ତାଳାପ କରିବେ ବୋଲି କହିବା ସହ କନ୍‌କ୍ଲେଭରେ ଯୋଗଦେବାକୁ ସି-ଫୁଡ୍ କର୍ପୋରେଶନ ସହ ଯୋଗାଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ଅନ୍ୟାନ୍ୟ ସଚିବମାନଙ୍କୁ ବିଭିନ୍ନ କମ୍ପାନୀ ସହ ଯୋଗାଯୋଗ କରିବାକୁ କୁହାଯାଇଛି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୨୮ **ବିଜ୍ଞାପନ** ତା:୧୬।୦୯।୨୧

No. CAD-1323: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୁକ୍ତାପୁର, ନୟାଗଡ଼, ପଠାଣି ସାମନ୍ତ କମ୍ପୋଜିଟ୍ ହାଉସିଂ ପ୍ରକଳ୍ପରେ ଘର ନଂ. ଏମ୍.ଆଇ.ଜି.-୫୪ (MIG-54)ଟିକୁ ଶ୍ରୀ ବାଲାଜି କୁମାର ସୁବୁଦ୍ଧି, ପି.- ୰ପ୍ରଭାତ କୁମାର ସୁବୁଦ୍ଧି, ୩୯, ଗୋଡ଼ିପୋଖରୀ ସାହି, ଭୁବନେଶ୍ୱର, ପୋ: ଓଲ୍‌ଡଟାଉନ, ଥା: ଲିଙ୍ଗରାଜ, ଜି: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବାଲାଜି କୁମାର ସୁବୁଦ୍ଧି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ କୈଳାସ ଚନ୍ଦ୍ର ଦାସ, ପି.- ମାଗି ଦାସ, ଗ୍ରା: କୃଷ୍ଣଚନ୍ଦ୍ରପୁର, ପୋ: ରଇତ ଡୋଲମରା, ଥା: ଖଣ୍ଡପଡ଼ା, ଜି: ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0138/2122

**MUNICIPAL OFFICE, JEYPORE**
Ph. No. 06854-321098, Fax No. 06854-230104, E-mail: jeyporem.hud@nic.in
L. No. 4150/JM-TCN No.08/2021-22 Dt.27.09.2021

**1st CORRIGENDUM**

No. C-1030: the tender published vide Notice No. 4043 Dt.15.09.2021 has been changes. Due to Bharat Bandh and continues bank holidays the tender has been extended on dated 01.10.2021.

| | |
|---|---|
| Bid documents including schedule of quantity available for online bidding | https://tendersorissa.gov.in/nicgep/app. |
| No of Works | 80 |
| Estimated Cost | As per DTCN |
| Date & Time of Bidding | From 20.09.2021 at 11.00 hours to 01.10.2021 upto 16.00 hours |
| Last date & time for receipt of bids in portal | 01.10.2021 upto 16.00 hours |
| Offline documents received through Speed Post/ Registered Post | 01.10.2021 at 16.00 hours to 04.10.2021 upto 11.00 hours (Working days only) |
| Bids received online shall be opened on | 04.10.2021 at 11.00 hours onwards |
| Offline documents shall be opened in presence of the participate bidders | 04.10.2021 at 11.00 hours onwards |

All the other terms and condition remain unchanged.
Sd./- Executive Officer, Jeypore Municipality
OIPR-13079/11/0038/2122

**GOVERNMENT OF ODISHA**
No.C-1031
**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB) Dtd.22.09.2021**

| SN | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1. | Water Supply to Bijepur Town | EICPH-04/ 2021-22 | 1254.64 | 11 (Eleven) Months | 11.00 Hrs. of 29.09.2021 | 17.00 Hrs. of 25.10.2021 |
| 2. | Augmentation of Water Supply to Rayagada Town. | EICPH-05/ 2021-22 | 3341.20 | 12 (Twelve) Months | 11.00 Hrs. of 01.10.2021 | 17.00 Hrs. of 25.10.2021 |

Name & Address of Officer Inviting Bid: The Engineer-In-Chief (PH), Office of The Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar, Odisha - 751007. Phone : #91-674-2575309, email : eicphodisha@gmail.com
❖ Further details can be seen from the e-Procurement portal "https://www.tendersodisha.gov.in".
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
OIPR-13068/11/0005/2122 Sd./- ENGINEER-IN-CHIEF (PH)

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1324 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4167/OSIC/MKT Dt.24.09.2021

The Managing Director, OSIC invites tender from manufacturers with valid GST and PAN for supply of Ballot boxes for use of the State Election Commission, Odisha. The detail specification and quantity of the Ballot Boxes along with terms and conditions of supply is available in the website of OSIC. Any corrigendum/ changes/ modifications will only appear in OSIC Ltd. website www.osicltd.in only

OIPR-14073/11/0044/2122 Sd/-MANAGING DIRECTOR

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୬୨ **ବିଜ୍ଞାପନ** ତା:୧୭।୦୯।୨୧

No. CAD-1311: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପର୍ଯ୍ୟାୟ-୬, ହାଉସିଂବୋର୍ଡ଼ କଲୋନୀ, ଚନ୍ଦ୍ରଶେଖରପୁର, ଜି: ଖୋର୍ଦ୍ଧା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଭି.ଆଇ.ଏମ୍.-୩୪୨ (VIM-342)ଟିକୁ ରଶ୍ମିରଞ୍ଜନ ମହାନ୍ତି, ପି.- ୰ନବକିଶୋର ମହାନ୍ତି, ସା: ନୂଆଗାଁ, ପୋ.: ସୁକେଶ୍ୱର, ଥା: ମାହାଙ୍ଗା, ଜି.: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରଶ୍ମିରଞ୍ଜନ ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅଞ୍ଜୁଲତା ପାତ୍ର, ସ୍ୱା.- ପ୍ରଶାନ୍ତ କୁମାର ସୁବୁଦ୍ଧି, ସା: ଶାମୁକା ସାହି, ପୋ: ରାଜରଣପୁର, ଥା: ରଣପୁର, ଜି: ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0126/2122

Dribyanjaya Dash
Deputy Manager, (Admn/MSME)Retd.
idco Your partner to grow ISO 9001 & 14001 Corporation | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undetaking)
IDCO, IDCO Tower, Janpath, Bhubaneswar - 751022, Odisha INDIA
+91-0674-2541525, 2540820 | Fax: 2542956/2541982
pr@idco.in/cmd@idcomin | Website: www.idco.in
No. IDCO/HO/P&A/A-10224/01/2021/V-1/16330 Date: 24.09.2021

**ADVERTISEMENT FOR RECRUITMENT TO THE POST OF ASSISTANT MANAGER (ADMN./ MSME) ON REGULAR APPOINTMENT IN IDCO**

No. CAD-1328: IDCO, a Golden Category Corporation of Govt. of Odisha, having its Corporate Office at IDCO Towers, Janpath, Bhubaneswar - 751022 invites applications from the intending applicants for recruitment to the Post of Assistant Manager (Admn./MSME) - 14 Nos. in IDCO as per Odisha Industrial Infrastructure Development Corporation (Method of Recruitment and Conditions of Service) Regulations, 2019.
Name of Post & Scale of Pay: Assistant Manager (Admn./MSME), Level-10 (Rs.44,900 - 1,42,400/-) of pay matrix under ORSP Rules, 2017.
Total No. of Posts = 14 Nos. (Women - 5, PWD - 1, Ex-Servicemen - 0) ST = 03 (W - 1), SC = 02 (W - 1), SEBC - 02 (W - 1), UR - 07 (W - 2).
Age and Educational Qualification: See detail advertisement.
The detail information like How to apply, Age & Educational Qualification of Assistant Manager (Admn./MSME), Cost of application fees, Reservation of posts etc. are available in IDCO website: **www.idco.in**.
Online submission of applications: **From 01.10.2021 to 30.10.2021**.
IDCO reserves the right to cancel the advertisement without assigning any reason thereof.

By order of CMD
Sd./- Chief General Manager (P&A)
OIPR-14003/11/0066/2122

# ମାଟି ଅତଡ଼ା ଖସି ଯାତାୟାତ ବାଧାପ୍ରାପ୍ତ

**କୋରାପୁଟ/ପଟ୍ଟାଙ୍ଗୀ/ଜୟପୁର/ମାଲକାନଗିରି/ଗୁଣପୁର/ ଏମଭି-୭୯,/ଚିତ୍ରକୋଣ୍ଡା, ୨୭।୯(ସ୍ୱ.ପ୍ର./ଡି.ଏନ.ଏ.)**

ବାତ୍ୟା ଗୁଲାବ ରବିବାର ରାତିରେ ଆନ୍ଧ୍ରର କଳିଙ୍ଗପଟନମ ନିକଟରୁ ୨୦ କିମି ଉତ୍ତରକୁ ସନ୍ତଗୁଡାଠାରେ ଲ୍ୟାଣ୍ଡଫଲ୍ କରିବା ପରେ ଏହା ପ୍ରଭାବ କୋରାପୁଟ, ମାଲକାନଗିରି ଜିଲା ଉପରେ ପଡିଛି। କୋରାପୁଟ ଜିଲା ବିଶେଷ ଭାବେ ପ୍ରଭାବିତ ହୋଇଛି। ଜିଲାର ପଟ୍ଟାଙ୍ଗୀ ବ୍ଲକରେ ମାଟି ଅତଡା ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି। ୬୦ ଘର ଭାଙ୍ଗିଛି। ୨୭ ପଞ୍ଚାୟତର ୩୩ ଗ୍ରାମ ପ୍ରଭାବିତ ହୋଇଛି। ଜିଲାରେ ୬୮୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାପାଳ ଅବଦାଲ ଏମ୍. ଅଖତାର ପଟ୍ଟାଙ୍ଗୀରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ପଟ୍ଟାଙ୍ଗୀ ବ୍ଲକରେ ୮ଟି ରାସ୍ତାରେ ପଡିଥିବା ଗଛକୁ ପ୍ରଶାସନ କାଟି ସଫା କରିଛି। ଅନେକ ଚାଷଜମି ପାଣି ଘେରରେ ରହିଛି। ବ୍ଲକର ମାଡକାର ବ୍ରିଜ ଧୋଇ ହୋଇଯିବାରୁ ଡୋଲିଆମ୍ବ, ମାଡକାର, ଫଗୁଣସିନେରି, ଫାଟୁସିନେରି ସମେତ ୯ଟି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ଗୁଲାବ ପ୍ରଭାବରେ କୋରାପୁଟ ଜିଲାର ପଟ୍ଟାଙ୍ଗୀ ବ୍ଲକରେ ସୋମବାର ସର୍ବାଧିକ ୧୪୮ ମିମି ବର୍ଷା ହୋଇଥିବା ଜିଲାପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ଜିଲାର ପଟ୍ଟାଙ୍ଗି-ରାଲେଗଡା ମଧ୍ୟରେ ୨ଟି ସ୍ଥାନରେ ମାଟି ଅତଡ଼ା ଖସିଛି। ସୁଙ୍କି ନିକଟରେ ଗୋଟିଏ ସ୍ଥାନରେ ଏବଂ ଲକ୍ଷ୍ମୀପୁର ଓ ରାୟଗଡା ମଧ୍ୟରେ ଗୋଟିଏ ସ୍ଥାନରେ ମାଟି ଅତଡା ଖସିଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଏଥିରୁ ୩ଟି ସ୍ଥାନରେ ମାଟି ଅତଡ଼ାକୁ ସଫା କରାଯାଇଥିବାବେଳେ ରାଲେଗଡା ନିକଟରେ ପାହାଡ଼ ଧସି ୨୬ ନମ୍ବର ଜାତୀୟ ରାଜପଥ ଉପରେ ପଡିଥିବା ମାଟି ଅତଡା ସଫା ହୋଇପାରିନାହିଁ। ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ମାଟି ଅତଡ଼ା ଧସିଥିବା ଯୋଗୁ ପଟ୍ଟାଙ୍ଗୀ-ବିଶାଖାପାଟନମ ମଧ୍ୟରେ ଗାଡି ଚଳାଚଳ ବନ୍ଦ ରହିଛି। ଗୁଲବ ପ୍ରଭାବରେ ଜିଲାର ୧୪ଟି ବ୍ଲକ ଓ ୪ ଟି ସହରାଞ୍ଚଳରେ ୬୦ଟି ଘର ଆଂଶିକ ଭାବେ ଭାଙ୍ଗିଥିବା ଜଣାପଡ଼ିଛି। ୨୭ ପଞ୍ଚାୟତର ୩୩ ଗ୍ରାମ ପ୍ରଭାବିତ ହୋଇଛି। ସୁନାବେଡ଼ା ପୌରାଞ୍ଚଳର ଗୋଟିଏ ୱାର୍ଡ ଓ ଜୟପୁର ପୌରାଞ୍ଚଳ ଗୋଟିଏ ୱାର୍ଡ ପ୍ରଭାବିତ ହୋଇଛି। ଜିଲାରେ ୨୭ ହଜାର ୫୪୦ ଲୋକ ପ୍ରଭାବିତ ହୋଇଛନ୍ତି।

## କୋରାପୁଟ, ମାଲକାନଗିରିରେ ରେକର୍ଡ ପରିମାଣର ବର୍ଷା



ସୁଙ୍କି ଘାଟିରେ ପଥର ପଡି ରାସ୍ତା ଅବରୋଧ ହୋଇଛି।

୨୬୫ଟି ସ୍ଥାନରେ ପ୍ରଭାବିତ ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି । ଜୟପୁରରେ ପବନର ବେଗ ଘଣ୍ଟା ପ୍ରତି ୯୦ କିମି ରହିଥିଲା। ହୀରଖଣ୍ଡ ଏକ୍ସପ୍ରେସ ଓ ବିଶାଖାପାଟଣା- କିରଣ୍ଡୁଲ ଟ୍ରେନ ଚଳାଚକୁ ବନ୍ଦ କରାଯାଇଛି ।

ଅନ୍ୟପକ୍ଷରେ ମାଲକାନଗିରି ଜିଲାରେ ରବିବାର ରାତିରୁ ଲାଗି ରହିଥିବା ଲଗାଣ ବର୍ଷା ସୋମବାର କମିଛି। ତେବେ ୨୪ ଘଣ୍ଟା ମଧ୍ୟରେ ଜିଲାରେ ମୋଟ ୩୭୨.୩୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଛି। ଏମଭି-୯୬ ପୋଲ ଉପରେ ପାଣି ଚାଲୁଛି। ଫଳରେ ପୋଲର ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଛି। ପୋଲିସ ପ୍ରଶାସନ ସୁରକ୍ଷା ଦୃଷ୍ଟିରୁ ପୋଲ ଉପରେ ନାଲିଫିତା ମାରି ଜନସାଧାରଣଙ୍କୁ ସତର୍କ କରିଛି। ଜିଲାର ବିଭିନ୍ନ ସ୍ଥାନରେ ୧୦୦ରୁ ଊର୍ଦ୍ଧ୍ୱ ଗଛ ଭାଙ୍ଗିଛି। କାଳିମେଳା-ମୋଟୁକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

## ବିଶେଷ କ୍ଷୟକ୍ଷତି ନାହିଁ: ଏସ୍ଆର୍ସି

### ୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)-** ବାତ୍ୟା 'ଗୁଲାବ' ପ୍ରଭାବରେ ବିଶେଷ କିଛି କ୍ଷୟକ୍ଷତି ହୋଇନାହିଁ। ଏହାର ପ୍ରଭାବରେ କ'ଣ କ୍ଷୟକ୍ଷତି ହୋଇଛି, ସେ ସମ୍ପର୍କରେ ଆସନ୍ତା ୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି।ଏସ୍ଆର୍ସି କହିଛନ୍ତି, ବାତ୍ୟା ପ୍ରଭାବରେ କେଉଁଠି ଅଧିକ ପବନ ହୋଇଥିବା ସୂଚନା ନାହିଁ। କନ୍ଧମାଳ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲାରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲା। ତେବେ ଏହି ସବୁ ଜିଲାରେ ଅଳ୍ପ ବର୍ଷା ହେବା ସହ କମ୍ ପବନ ବହିଛି। ଗଜପତି ଜିଲା ଗୋଷାଣୀ ବ୍ଲକରେ ୮୩ ମି.ମି., ମୋହନାରେ ୭୦, ଆର. ଉଦୟ ଗିରିରେ ୬୯, ଗୁମ୍ମାରେ ୬୮, ରାୟଗଡ଼ାରେ ୬୬ ଓ ପାରଳାଖେମୁଣ୍ଡିରେ ୬୦ ମି.ମି. ବର୍ଷା ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ସବୁଠୁ ଅଧିକ ୧୪୫ ମି.ମି. ବର୍ଷା ରେକର୍ଡ ହୋଇଛି। ବର୍ଷା ଓ ପବନ ଯୋଗୁ ସେଭଳି କ୍ଷୟକ୍ଷତି ହୋଇଥିବାର ସୂଚନା ନାହିଁ। କିଛି ପାହାଡ଼ୀ ଝରଣାରୁ ପାଣି ଆସି ରାସ୍ତାରେ ଜମି ଥିଲା। ତେବେ ତାହା କମିଯାଇଛି। ମାଲକାନଗିରି ଜିଲା କିଛି ସ୍ଥାନରେ ରାସ୍ତା ଉପରେ ଗଛ ପଡ଼ିଥିଲା। ତାହା ମଧ୍ୟ କଟାଯାଇ ସଫା କରି ଦିଆଯାଇଛି। ବିଜୟନଗରମ୍‌ରୁ କୋରାପୁଟ ରାସ୍ତାର ସୁଙ୍କି ଘାଟିରେ ଭୂସ୍ଖଳନ ହୋଇଛି। ଫଳରେ ରାସ୍ତା ବନ୍ଦ ହୋଇଯାଇଛି। ବର୍ଷା ଛାଡ଼ିବା ପରେ ରାସ୍ତା ସଫା କାର୍ଯ୍ୟ ଜାରି ରହିଛି। ବାତ୍ୟା ପ୍ରଭାବରେ କିଛି ଅଘଟଣ ଘଟିନାହିଁ କି, ବଡ଼ ସମସ୍ୟା ହୋଇଥିବା ଖବର ଆମ ପାଖକୁ ଆସିନାହିଁ। ବାତ୍ୟା ପୂର୍ବରୁ ୪୬ ହଜାର ୭୫ ଜଣ ଲୋକଙ୍କୁ ୧୧୮୯ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ୫୩୩ ଜଣ ଗର୍ଭବତୀଙ୍କୁ ଆଶ୍ରୟସ୍ଥଳୀ,ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ବୋଲି ଏସ୍ଆର୍ସି ସୂଚନା ଦେଇଛନ୍ତି।

# ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଶୁଭାରମ୍ଭକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ସାମଗ୍ରିକ ଏବଂ ସମାବେଶୀ ସ୍ୱାସ୍ଥ୍ୟ ମଡେଲ ତଥା ଗରିବ ଏବଂ ମଧ୍ୟବିତ୍ତ ବର୍ଗ ଲୋକଙ୍କ ଚିକିତ୍ସା ପାଇଁ ହେଉଥିବା ସମସ୍ୟା ଦୂରକରିବା ଦିଗରେ ସୋମବାର ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଶୁଭାରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଆୟୁଷ୍ମାନ ଭାରତ-ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଦେଶରେ ଥିବା ହସ୍ପିଟାଲ ମଧ୍ୟରେ ଲୋକଙ୍କୁ ଡିଜିଟାଲ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସଂଯୋଗ ସ୍ଥାପନ କରିବ। ଦେଶର ସ୍ୱାସ୍ଥ୍ୟସେବାକୁ ଅଧିକ ସଶକ୍ତ ଏବଂ ସୁଗମ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି। ନିଆଯାଇଥିବା ପଦକ୍ଷେପ ଦ୍ୱାରା ଦେଶର ନାଗରିକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରେକର୍ଡ ଡିଜିଟାଲରେ ସୁରକ୍ଷିତ ରହିବ। ସମସ୍ତେ ଟେକ୍ନୋଲୋଜି ମାଧ୍ୟମରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଲାଭ ପାଇପାରିବେ । ଏହି ଡିଜିଟାଲ ସ୍ୱାସ୍ଥ୍ୟ ମିଶନ କେବଳ ଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଦକ୍ଷତା, କାର୍ଯ୍ୟକାରିତା ଏବଂ ସ୍ୱଚ୍ଛତାକୁ ଉନ୍ନତ କରିବ ନାହିଁ ବରଂ ଆର୍ଥିକ ସଙ୍କଟରୁ ମଧ୍ୟ ଲୋକଙ୍କୁ ରକ୍ଷା କରିବାରେ ସହାୟକ ହେବ। ଆୟୁଷ୍ମାନ ଯୋଜନା ଦେଶରେ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସହାୟକ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଅଧୀନରେ ୨ କୋଟିରୁ ଅଧିକ ଲୋକ ମାଗଣା ସ୍ୱାସ୍ଥ୍ୟସେବାରେ ଉପକୃତ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ହିତାଧିକାରୀ ରହିଛନ୍ତି।

# ପରକୀୟା ପ୍ରୀତିରୁ ହତ୍ୟା

### ପୁଅକୁ ନ ପାଇ ମା'ବାପାଙ୍କୁ ଆକ୍ରମଣ କଲେ ଅଭିଯୁକ୍ତ

**ସୁନ୍ଦରଗଡ଼,୨୭।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ବାଉରୀମୁଣ୍ଡା ଜୁନାଡିହି ଗ୍ରାମରେ ପରକୀୟା ପ୍ରୀତିକୁ କେନ୍ଦ୍ରକରି ରବିବାର ରାତିରେ ହତ୍ୟାକାଣ୍ଡ ଘଟିଛି। ପୁଅର ଅବୈଧ ପ୍ରେମ ସମ୍ପର୍କ ପାଇଁ ମା'ବାଛି ଓରାମ (୬୫)ଙ୍କ ଜୀବନ ଯାଇଛି। ବାପା ମାଧ ଓରାମ (୭୦)ଗୁରୁତର ଆହତ ହୋଇଛନ୍ତି। ସେ ଏବେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ସଦର ଥାନା ଆଇଆଇସି ରମେଶ ଚନ୍ଦ୍ର ମାହାନା ସଦଳବଳ ରାତିରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏନେଇ ସଦର ଥାନାରେ ଏକ ମାମଲା (ନଂ. ୨୭୫/୨୧) ରୁଜୁ ହୋଇଛି। ଜୁନାଡିହି ଗ୍ରାମର କାର୍ତ୍ତିକ ଟିଗାଙ୍କ ସ୍ତ୍ରୀଙ୍କ ସହ ଗ୍ରାମର ବଳ ଓରାମଙ୍କ ପ୍ରେମ ସମ୍ପର୍କ ଥିଲା ବୋଲି କାର୍ତ୍ତିକ ସନ୍ଦେହ କରୁଥିଲେ। ରବିବାର କାର୍ତ୍ତିକ ଘରକୁ ଫେରି ସ୍ତ୍ରୀଙ୍କୁ ନ ପାଇ ଖୋଜିଥିଲେ। ବଳ ଓରାମଙ୍କ ସହ ଚାଲିଯାଇଥିବା ସନ୍ଦେହକରି କାର୍ତ୍ତିକ ଟାଙ୍ଗିଆ ଧରି ବଳଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କୁ ପାଇ ନ ଥିଲେ। ତାଙ୍କ ମା' ଓ ବାପାଙ୍କୁ ଦେଖି ବଳ ସମ୍ପର୍କରେ ପଚାରିଥିଲେ। ଯୁକ୍ତିତର୍କ ହେବାରୁ କାର୍ତ୍ତିକ ଉଭୟଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

# ଧରାପଡ଼ିଲେ ୭ ଆନ୍ତଃରାଜ୍ୟ ଡକାୟତ

### ଅଫୁଟା ବୋମା, ଭୁଜାଲି ଜବତ

**ସାରସକଣା,୨୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ, ସାରସକଣା ଓ ବାଙ୍ଗିରିପୋଷି ଅଞ୍ଚଳରେ ଦୀର୍ଘ ଦିନ ହେବ ଲୁଟପାଟ ଚଳାଇ ଆସୁଥିବା ୭ ଆନ୍ତଃରାଜ୍ୟ ଡକାୟତଙ୍କୁ ଝାରପୋଖରିଆ ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୭ ମୋବାଇଲ ଫୋନ, ୩ ବାଇକ୍, ୧୨ ବ୍ୟାଟେରି, ଗୋଟିଏ ଭୁଜାଲି, ୨ଟି ଅଫୁଟା ବୋମା ସହିତ ଛୁରି ଏବଂ ଦଉଡ଼ି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ଥାନା ଅଞ୍ଚଳର ଦେବାଶିଷ ଗିରି, ବିନାଶ ବେହେରା, ମନୋଜ ପରିଡ଼ା, ସିଦ୍ଧାନ୍ତ ବେହେରା, ଶିବା ସିଂ, ଦେବାନ ବେହେରା ଏବଂ ଦିଲୀପ ଧଳ। ଏହି ଗ୍ୟାଙ୍ଗ ରାସ୍ତାରେ ଲୋକଙ୍କୁ ଅଟକାଇ ଲୁଟ୍, ସିନ୍ଧି ଚୋରି, ସୋଲାର ଲାଇଟ୍ ଚୋରି ସହିତ ସମ୍ପୃକ୍ତ ଥିଲେ। ଘଣ୍ଟିଆବୁଡ଼ା ସରକାରୀ ବିଦ୍ୟାଳୟ ନିକଟରେ ଡକାୟତି ଯୋଜନା ଚଳାଇଥିବା ବେଳେ ପୋଲିସ ଚଢ଼ାଉ କରି ରବିବାର ସେମାନଙ୍କୁ ଧରିଥିଲା। ଘଟଣାସ୍ଥଳରୁ ୩ଜଣଙ୍କୁ ପୋଲିସ କାବୁ କରିଥିବା ବେଳେ ତଦନ୍ତ ସମୟରେ ଆଉ ୪ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବାରୁ ସେମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଡକାୟତି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଥାନାରେ ମାମଲା (ନଂ.୨୧୧/୨୧) ରୁଜୁ ହୋଇଛି।

# ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସୁରେଶଙ୍କ ଚିଠି

### ପୋଲିସ ହେପାଜତରେ ମୃତ୍ୟୁ ଘଟଣା

**ବରଗଡ଼ ଅଫିସ୍,୨୭।୯:** ବରଗଡ଼ ଟାଉନ ଥାନା ପୋଲିସ ହେପାଜତରେ ଥିବାବେଳେ ତୋରା ତଳିପଡ଼ାର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏମ୍‌ପି ସୁରେଶ ପୂଜାରୀ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମୃତକଙ୍କ ଶରୀରରେ ରହିଥିବା କ୍ଷତଚିହ୍ନରୁ ତାଙ୍କୁ ମାଡ଼ ମରାଯିବା ସହିତ ନିର୍ଯାତନା ଦିଆଯାଇଥିବା ସୂଚାଉଛି। ଘଟଣାର ତଦନ୍ତ ଭାର ଏକ ନିରପେକ୍ଷ ତଦନ୍ତ ସଂସ୍ଥାକୁ ପ୍ରଦାନ କରିବାକୁ ପୂଜାରୀ ଅନୁରୋଧ କରିଛନ୍ତି।






## ଶିବମନ୍ଦିର ଉନ୍ନତୀକରଣ କାର୍ଯ୍ୟ ତଦାରଖ କଲେ ବିଧାୟକ

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ ବେଗେନା ଗାଁ ଶିବ ମନ୍ଦିର ଉନ୍ନତୀକରଣ ପାଇଁ ପାଟଣା ବିଧାୟକ ଜଗନ୍ନାଥ ନାଏକ ୫ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିଛନ୍ତି। ସୋମବାର ବିଧାୟକ ବେଗେନା ଗାଁ ପରିଦର୍ଶନରେ ଯାଇ ମନ୍ଦିର କାର୍ଯ୍ୟ ତଦାରଖ କରିବା ସହ ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ସାହାରପଡ଼ା ବ୍ଲକ ଅଧକ୍ଷା ରମ୍ଭାବତୀ ଦେହୁରୀ, ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଦୀପକ ରାଜ, ସାହାରପଡା ବିଡିଓ ଲମ୍ବୋଦର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

ଭଣ୍ଡାରିପୋଖରୀ, ୨୭।୯ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଜନୈକା ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସତ୍ୟରଞ୍ଜନ ସାହୁ। ସୂଚନାଯୋଗ୍ୟ, ସତ୍ୟରଞ୍ଜନ ବର୍ଷେକ ତଳେ ନାବାଳିକାଙ୍କ ଫଟୋ ମୋବାଇଲକୁ ମୋବାଇଲ ପଠାଇଥିଲେ। ଏପରିକି ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଏହି ଘଟଣା ପରଠାରୁ ସେ ଯାଇ ଗୋଆରେ ରହୁଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୨୮୫/୨୧) ରୁଜୁ କରିଥିଲା। ସତ୍ୟରଞ୍ଜନ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

## ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ: ୨ ଗିରଫ

ଯୋଡ଼ା,୨୭।୯(ଡି.ଏନ.ଏ)-କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣିଠାରେ ରବିବାର ପୋଲିସ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିବା ସହିତ ଏଥିରେ ସଂପୃକ୍ତି ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ବକାରୋ ଅଞ୍ଚଳର ପ୍ରମୋଦ ପାଣ୍ଡେ ଓ ବାଂଶପାଣିର ଗୀତା ଚାତାର।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଏକ ଟ୍ରକ୍‌ରେ କୋଇଲା ବୋଝେଇ କରି ଅଭିଯୁକ୍ତମାନେ ଚୋରାଚାଲାଣ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଟ୍ରକ୍‌ରେ ୫ଶହ ବସ୍ତା କୋଇଲା ବୋଝେଇ ହୋଇ ଟାଟା ଅଞ୍ଚଳକୁ ଚୋରା ଚାଲାଣ କରାଯାଉଥିବା ପୋଲିସ ପ୍ରକାଶ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ.୧୫୦/୨୧) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

## ୨ ଯୁବତୀଙ୍କ ଉପରକୁ ଗରମପାଣି ଫିଙ୍ଗି ମହିଳା ଗିରଫ

ପଦ୍ମପୁର, ୨୭।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ଗ୍ରାମରେ ୨ ଯୁବତୀଙ୍କ ଉପରକୁ ଗରମ ପାଣି ଫିଙ୍ଗିବା ଅଭିଯୋଗରେ ଜଣେ ମହିଳାଙ୍କୁ ନାୟକାଣିଡିହୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗ୍ରାମର ଲିପି ସୂତାର। ଏନେଇ ଥାନାରେ ମାମଲା(ନଂ.୨୩୮/୨୧) ରୁଜୁ ହୋଇଛି। ଅଭିଯୁକ୍ତ ଲିପି ସୂତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ କୈଳାସ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି।

ସୂଚନା ଅନୁଯାୟୀ, ଲିପିଙ୍କର ପୂର୍ବରୁ ତାଙ୍କ ପଡ଼ୋଶୀ ଅନୁସୂୟା ସୂତାରଙ୍କ ପରିବାର ସହ ବିବାଦ ଥିଲା। ରବିବାର ପୂର୍ବାହ୍ନରେ ଲିପିଙ୍କର ଜୋତା ଚୋରି ହୋଇଯାଇଥିଲା। ସେ ସନ୍ଦେହରେ ଅନୁସୂୟାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ଅନୁସୂୟା ଏହାର ପ୍ରତିବାଦ କରିବାରୁ ଲିପି ରୋଷେଇ ଘରୁ ଗରମ ପାଣି ଆଣି ତାଙ୍କ ଦୁଇଝିଅଙ୍କ ଉପରକୁ ଛାଟି ଦେଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ ଅନୁସୂୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ୭ରେ ଭଞ୍ଜସେନାର ଗଣଧାରଣା

ବାରିପଦା ଅଫିସ,୨୭।୯-ମୟୂରଭଞ୍ଜ ଜିଲାରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ପାଇଁ ଭଞ୍ଜସେନା ପକ୍ଷରୁ ଆସନ୍ତା ଅକ୍ଟୋବର ୭ରେ 'ସରକାର ମୋତେ ରୋଜଗାର ଦିଅ' ନାରାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହେବ। ଏ ନେଇ ଭଞ୍ଜସେନାର ଜିଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଜିଲାର ମୁକୁଟ ଭାବେ ଶୋଭା ପାଉଥିବା ଶିମିଳିପାଳ ଅଭୟାରଣ୍ୟ ଚର୍ତୁପାର୍ଶ୍ୱରେ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ। ଏହି ସ୍ଥାନଗୁଡ଼ିକର ବିକାଶ ସହ ଗମନାଗମନ ଉପଯୋଗୀ କଲେ ବହୁ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଆସି ପାରନ୍ତେ। ଫଳରେ ଜିଲାର ଅର୍ଥନୈତିକ ବିକାଶ ହେବା ସହ ବେକାର ଯୁବତୀ ଯୁବକ ମାନେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ଏଥି ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁ ନାହିଁ। ଫଳରେ ବହୁ ଆଦିବାସୀ ଯୁବତୀ ଯୁବକ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିପରି ନଭେମ୍ବର ମାସରେ 'ବେକାରୀ ମୁକ୍ତ ମୟୂରଭଞ୍ଜ' ରଥକୁ ସମଗ୍ର ଜିଲାରେ ପରିକ୍ରମା କରିବା ପାଇଁ ଭଞ୍ଜ ସେନା ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ସୁବର୍ଣ୍ଣରେଖା ନଦୀବନ୍ଧ ବିପଦସଙ୍କୁଳ

**ଜଳେଶ୍ୱର, ୨୭।୯(ଡି.ଏନ.ଏ.)**

## ୩ ସ୍ଥାନରେ ଖସିଲାଣି ଅତଡ଼ା



ସୁବର୍ଣ୍ଣରେଖା ନଦୀରେ ବାଲିବନ୍ଧ।

ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୩ଥର ବନ୍ୟାପାଣି ଆସି ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଭୂତ କ୍ଷତି ଘଟିଛି। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଥିବା ସୁବର୍ଣ୍ଣରେଖା ନଦୀବନ୍ଧର ୩ଟି ସ୍ଥାନରେ ଅତଡ଼ା ଖସୁଥିବା ନଜରକୁ ଆସିଛି। ନଦୀବନ୍ଧ ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ଏଥିରୁ ସ୍ପଷ୍ଟ ହେଉଛି। ବନ୍ୟା ପୂର୍ବରୁ ଗୋଟିଏ ସ୍ଥାନର ମରାମତି ଲାଗି କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ଅନ୍ୟ ୨ଟିକୁ ରାଜ୍ୟର ଉଚ୍ଚ କ୍ଷମତାସମ୍ପନ୍ନ ବିଶେଷଜ୍ଞ ଦଳ ମଞ୍ଜୁରୀ ଦେଇଛନ୍ତି। ଏହା ମରାମତି ନ ହେଲେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

ଜଳେଶ୍ୱର ବ୍ଲକ ଅଧୀନ ସୁବର୍ଣ୍ଣରେଖା ନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ମାଳିପାଳଠାରେ ନଦୀବନ୍ଧ ମରାମତି ଲାଗି ୩୩ଲକ୍ଷ ୫୮ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ତାହା ଆରମ୍ଭ ହୋଇନାହିଁ। ସେଠାରେ ନଦୀବନ୍ଧ ସୁରକ୍ଷା ଦିଆ ନ ଗଲେ ନଦୀର ପଶ୍ଚିମପଟେ ମହାବିଲା ଖାଳ ଗତି କରିଥିବାରୁ ନଦୀର ଗତିପଥ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ବନ୍ୟା ବେଳେ ଲୋକେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ସେହିପରି ନଦୀର ପୂର୍ବପଟେ ଜମାଲପୁର ନିକଟ ସାନରାଉତପଡ଼ାଠାରେ ସ୍ପର ଓ ପଥରପ୍ୟାକିଂ ଲାଗି ୬ କୋଟି ୬୬ ଲକ୍ଷ ୪୮ ହଜାର ଟଙ୍କାର ପ୍ରକଳ୍ପକୁ ଟିଏସି ଅନୁମୋଦନ କରିଛି। ସେହିପରି ବିରିକ୍ଷପୁରଠାରେ ଅନ୍ୟ ଏକ ପ୍ରକଳ୍ପ ଲାଗି ୧୮କୋଟି ୩୧ଲକ୍ଷ ୨୪ହଜାର ଟଙ୍କାର ପ୍ରକଳ୍ପକୁ ଟିଏସି ଅନୁମୋଦନ କରିଥିଲେ ମଧ୍ୟ ୩ବର୍ଷ ଧରି ଅର୍ଥ ଅଭାବରୁ କାର୍ଯ୍ୟ ହୋଇପାରୁନାହିଁ। ଗତ ୫ଦିନ ତଳେ ଦେଖାଦେଇଥିବା ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ଲକ୍ଷ୍ମଣନାଥ ନିକଟରେ ଉକ୍ତ ବନ୍ଧର ୨ଟି ସ୍ଥାନରେ ବଡ଼ ବଡ଼ ଅତଡ଼ା ଖସିଛି। ସୂଚନାଯୋଗ୍ୟ ୨୦୦୮ରେ ପ୍ରଳୟଙ୍କରୀ ବନ୍ୟାରେ ଏହି ବନ୍ଧ ବିଭିନ୍ନ ସ୍ଥାନରେ ଧୋଇଯିବା ପରେ ଏହାର ମରାମତି କରାଯାଇଥିଲା। ଏହି ବନ୍ଧକୁ ସୁଦୃଢ଼ କରାଯିବାକୁ ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଚୋରି ଘଟଣା: ୩ ଗିରଫ

## ଟାଟାଏସିଇ ସହ ଚୋରି ସାମଗ୍ରୀ ଜବତ

**ବଡ଼ବିଲ,୨୭।୯(ସ୍ୱ.ପ୍ର.)**



ଗିରଫ ୩ ଅଭିଯୁକ୍ତ।

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ବେଲକୁଣ୍ଡି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର କବାଟ ତାଡ଼ି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ସାମଗ୍ରୀ ସହ ଏକ ଟାଟାଏସିଇ ଗାଡ଼ିକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ବେଙ୍ଗଡେଲା ଥାନା ବନ୍ତପଡା ଗ୍ରାମର ଆକବର ଶେଖ୍, ଯୋଡ଼ା ଥାନା ଦିପୁ ହଟିଂ ଅଞ୍ଚଳର ରୁସ୍ତମ ଖାନ ଏବଂ ବଡ଼ବିଲ ଥାନା ପିଏଚ୍‌ଡି ରୋଡ୍ ଅଞ୍ଚଳର ଦୀନବନ୍ଧୁ ପୃଷ୍ଟି।

ପ୍ରକାଶ ଯେ, ଅଙ୍କିତ ବିକ୍ରମ ସାମଲ ନାମକ ବ୍ୟକ୍ତି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ଅଙ୍କିତ ଓ କମ୍ପାନୀର କେତେକ କର୍ମଚାରୀ ବେଲକୁଣ୍ଡି ଗ୍ରାମ ସ୍ଥିତ ଏକ ଘରେ ଭଡ଼ାରେ ରହନ୍ତି। ଉପର ତାଲାରେ ସେମାନେ ରହୁଥିବା ବେଳେ କମ୍ପାନୀ ସାମଗ୍ରୀ ତଳ ଘରେ ରହିଥାଏ। ରବିବାର ସକାଳେ ଅଙ୍କିତ ଉଠି ଡ୍ୟୁଟି ଯିବାକୁ ବାହାରିବା ବେଳେ କବାଟ ତଡ଼ାଯାଇଥିବା ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ସେ ବଡ଼ବିଲ ଥାନାରେ ଏତଲା ଦେବା ପରେ ମାମଲା (ନଂ. ୧୬୨/୨୦୨୧) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ଯୁବକଙ୍କୁ କଚାଡ଼ି ମାରିଲା ହାତୀ

**ଝୁମ୍ପୁରା/କେନ୍ଦୁଝର, ୨୭।୯ (ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ବାଲିବନ୍ଧ ବନାଞ୍ଚଳ ଅଧୀନ ଜଙ୍ଗଲ ପାର୍ଶ୍ୱ ଗ୍ରାମ ପୁରୁଣାପାଣିରେ ସୋମବାର ଭୋରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାମରା ମୁଣ୍ଡା। ବନ ବିଭାଗ ସୂଚନା ଅନୁଯାୟୀ, ପୁରୁଣାପାଣି ଜଙ୍ଗଲରେ ୧୧ଟି ହାତୀ ବିକ୍ଷିପ୍ତ ଭାବେ ଘୁରି ବୁଲୁଛନ୍ତି। ଜଙ୍ଗଲ ପାର୍ଶ୍ୱ ଫସଲ ଉଜାଡ଼ିବା ସହ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଚାମରା ଫସଲ ଜଗିବା ପାଇଁ ଗଛ ଉପରେ ବାନ୍ଧିଥିବା ମଞ୍ଚାରୁ ଓହ୍ଲାଇ ଘରକୁ ଯିବାକୁ ବାହାରିଥିଲେ। ପ୍ରବଳ କୁହୁଡ଼ି ଯୋଗୁ ପଛପଟୁ ଆସୁଥିବା ହାତୀକୁ ସେ ଦେଖିପାରି ନ ଥିଲେ। ହାତୀ ଶୁଣ୍ଢରେ କଚାଡ଼ିବା ସହ ଗୋଇଠା ମାରିବାରୁ ସେ ଗୁରୁତର ହୋଇଥିଲେ। ହାତୀ ଚାଲିଯିବା ପରେ ପାଖରେ ଥିବା ଚାଷୀମାନେ ତାଙ୍କୁ ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନ ବିଭାଗ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସରକାରଙ୍କ ନିୟମ ଅନୁଯାୟୀ ମୃତ ଚାମରା ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ତେବେ ପ୍ରାଥମିକ ସହାୟତା ୪୦ ହଜାର ଟଙ୍କା ଦିଆଯାଇଥିବା ଚମ୍ପୁଆ ରେଞ୍ଜର ସଞ୍ଜୀବ ରାଉତ କହିଛନ୍ତି।

## ଛଉ କଳାକାର ସଂଘର ନୂତନ କର୍ମକର୍ତ୍ତା



ଛଉ କଳାକାର ସଂଘର କର୍ମକର୍ତ୍ତାମାନେ।

**ବାରିପଦା ଅଫିସ,୨୭।୯**

ବାରିପଦାସ୍ଥିତ ପୋଲିସ ଲାଇନ୍ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲା ଛଉ କଳାକାର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ନରେନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଦୁଷ୍ମନ୍ତ କୁମାର ବସା ଏବଂ ସମ୍ମାନିତ ଅତିଥି ଭାବେ କୃଷ୍ଣସିଂ ମହାନ୍ତ, ସୁଧୀର ନାୟକ, ଗଣେଶ୍ୱର ସିଂ, ଦିଲ୍ଲୀପ ମିଶ୍ର, ଅଜୟ କୁମାର ପାଲ, ଜମ୍ବିର ଦାସ ବୁରୁଲି ଓ କାର୍ତ୍ତିକେଶ୍ୱର ରଣା ପ୍ରମୁଖ ଯୋଗ ଦେଇଥିଲେ। ଡ.କମଳାକାନ୍ତ ଲାଲ ମହାନ୍ତ ସମ୍ମିଳନୀକୁ ପରିଚାଳନା କରିଥିଲେ। ଏହି ଅବସରରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କମଳାକାନ୍ତ ମହାନ୍ତ, ଉପସଭାପତି ଜମ୍ବିରଦାସ ବିରୁଲି (ରାଇରଙ୍ଗପୁର) ଓ ଲଡୁକେଶ୍ୱର ରଣା(ଦକ୍ଷିଣସାହି), ସାଧାରଣ ସମ୍ପାଦକ ସୁଧୀର ନାୟକ, ଯୁଗ୍ମ ସମ୍ପାଦକ ଲୋକନାଥ ଦାସ (ଉତ୍ତରସାହି) ଓ କୃଷ୍ଣସିଂ ମହାନ୍ତ (ରାଇରଙ୍ଗପୁର), କାର୍ଯ୍ୟାଳୟ ସମ୍ପାଦକ ଅଜୟ ପାଲ, କୋଷାଧ୍ୟକ୍ଷ ସଞ୍ଜୟ ବାବୁ, ପରାମର୍ଶଦାତା ଗଣେଶ୍ୱର ସିଂ, ଏକଜିକ୍ୟୁଟିଭ୍ ସଦସ୍ୟ ଭାବେ ବିରଞ୍ଚି ମହାନ୍ତ, କୁଳମଣି ରଞ୍ଜନ ଧର ମହାପାତ୍ର, ସୁଶେନ ଚନ୍ଦ୍ର ମହାନ୍ତ(ରାଇରଙ୍ଗପୁର), ଧୀରେନ ମହାନ୍ତ(କୁସୁମୀ), ପ୍ରଦୀପ ମହାନ୍ତି(ଉତ୍ତରସାହି), ହରେନ ନାରାୟଣ ଧଡ଼ା(ଦକ୍ଷିଣସାହି) ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ (ରେଙ୍ଗାଲବେଡ଼ା) ପ୍ରମୁଖ ମନୋନୀତ ହୋଇଛନ୍ତି।

## ଗୋରୁ ବୋଝେଇ ଟ୍ରକ୍ ଜବତ: ୨ ଗିରଫ

**ଭଣ୍ଡାରିପୋଖରୀ, ୨୭।୯(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଜାତୀୟ ରାଜପଥର ପାଳଦାବାଙ୍କଠାରେ ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଗୋରୁ ବୋଝେଇ ଟ୍ରକ୍ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୨୯୬/୨୧) ରୁଜୁ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗାଡ଼ି ଚାଳକ ବାଲେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ନାୟକ ଓ ମାଲିକ ରଞ୍ଜନ କୁମାର ନାୟକ।

ପ୍ରକାଶ ଯେ, ବେଆଇନ ଗୋରୁ ଚାଲାଣ ହେଉଥିବା ଖବର ପାଇ ଏଏସ୍‌ଆଇ ବିଜୟ କୁମାର ନାୟକ ଓ ସହ କର୍ମଚାରୀ ପାଳଦାବାଙ୍କ ଛକ ନିକଟରେ ଜଗିଥିଲେ। ଚଉଦ ଚକିଆ ଏକ ଟ୍ରକ୍‌ରେ ସାହାପୁର ହାଟରୁ ଅସୁରକ୍ଷିତ ଭାବେ ୪୪ ଗୋରୁଙ୍କୁ ବୋଝେଇ କରି କୋଲକାତା ଅଭିମୁଖେ ନିଆଯାଉଥିବା ବେଳେ ପୋଲିସ ଜବତ କରିଥିଲା। ଗୋରୁମାନଙ୍କୁ ଉଦ୍ଧାର କରି ଭଦ୍ରକ ମଇତାପୁର ସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

## ଟ୍ରାକ୍ଟର ଧକ୍କାରେ ମହିଳା ମୃତ

**କୁଳିଅଣା,୨୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଜମ୍ବୀରା ପାଣ୍ଡି ଅଧୀନ ବଡ଼ଦେଉଳି ଛକଠାରେ ରବିବାର ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୋରଡ଼ା ଥାନା ଅନ୍ତର୍ଗତ ଭୁରୁଙ୍ଗାଶୋଳ ଗ୍ରାମର ପାର୍ବତୀ ସି। ଏକ ବାଇକ୍ ପଛରେ ବସି ଯାଉଥିବା ବେଳେ ଟ୍ରାକ୍ଟରଟି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲକୁ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଚାନ୍ଦୁଆ ଥାନାରେ ଏକ ମାମଲା(ନଂ.୮୯/୨୧)ରୁଜୁ ହୋଇଛି। ଟ୍ରାକ୍ଟର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।

# ଘୁଷୁରିକୁ କୁମ୍ଭୀର ଟାଣିନେବା ଭିଡିଓ ଭାଇରାଲ

**ଆରଡ଼ି, ୨୭।୯ (ଡି.ଏନ.ଏ.)**



ଦୋହରାପାଟଣାରେ ଫରେଷ୍ଟରଙ୍କ ସହ ୨ ବନ ବିଭାଗ କର୍ମଚାରୀ।

## ନଦୀକୂଳିଆ ଗ୍ରାମବାସୀଙ୍କୁ ସତର୍କ କରାଇଲେ ଫରେଷ୍ଟର

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଦୋହରାପାଟଣା ଗାଁ ନିକଟରେ ବୈତରଣୀ ନଦୀ କୂଳରୁ ଏକ ଘୁଷୁରିକୁ କୁମ୍ଭୀର ଟାଣି ନେଉଥିବାର ଭିଡିଓ ସୋମବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ଦେଖି ଧାମନଗର ଫରେଷ୍ଟର ରାଜକିଶୋର ନାୟକଙ୍କ ସହ ବନ ବିଭାଗର ୨ କର୍ମଚାରୀ ଦୋହରାପାଟଣାରେ ପହଞ୍ଚି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଗ୍ରାମରେ କାହାରି ଗାଈ କିମ୍ବା ମଇଁଷିକୁ କୁମ୍ଭୀର ନେଇନାହିଁ। ଏପରିକି ଗ୍ରାମରେ କୌଣସି ବ୍ୟକ୍ତି ଘୁଷୁରି ପାଳି ନାହାନ୍ତି ବୋଲି ଗ୍ରାମବାସୀ ସେମାନଙ୍କୁ ଜଣାଇଥିଲେ। ଅନ୍ୟ କୌଣସି ସ୍ଥାନରୁ ଏକ ମୃତ ଘୁଷୁରୀ ନଈରେ ଭାସି ଯାଉଥିଲା। କୁମ୍ଭୀର ତାକୁ ଖାଉଥିବା ବେଳେ ଉକ୍ତ ଗାଁର କେତେଜଣ ଯୁବକ ମୋବାଇଲରେ ଫଟୋ ଉଠାଇବା ସହ ଭିଡିଓ ଉତ୍ତୋଳନ କରିଥିବା ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ କହିଛନ୍ତି। ତେବେ ଫରେଷ୍ଟର ନଦୀକୂଳିଆ ଲୋକଙ୍କ ସତର୍କ କରାଇଛନ୍ତି। କୁମ୍ଭୀର ଥିବାରୁ ନଦୀରେ ନ ଗାଧୋଇବା ସହ ଶୌଚ ନ ହେବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଡାକବାଜି ସାହାଯ୍ୟରେ କୁମ୍ଭୀର ଥିବାରୁ ନଦୀକୁ ନ ଯିବାକୁ ବନ ବିଭାଗ କର୍ମଚାରୀ ସଚେତନ କରାଇଛନ୍ତି।

# ମୟୂରଭଞ୍ଜରେ ଶାନ୍ତିପୂର୍ଣ୍ଣ ବନ୍ଦ




ବାରିପଦା ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

**ବାରିପଦା ଅଫିସ/କୁଳିଅଣା/ବୈଶିଙ୍ଗା/ରାଇରଙ୍ଗପୁର/ଖୁଣ୍ଟା/ବିଶୋଇ/ଉଦଳା/କୁଆମରା/ବାଙ୍ଗିରିପୋଷି ,୨୭।୯(ଡି.ଏନ.ଏ.)**

ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଡାକରା ମୟୂରଭଞ୍ଜ ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଜିଲାର ସଦର ମହକୁମା ବାରିପଦା ସହରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଡାକରାକୁ ସମର୍ଥନ ଜଣାଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସମସ୍ତ ସରକାରୀ ଓ ବେସକାରୀ ଅନୁଷ୍ଠାନ ଗୁଡିକ ବନ୍ଦ କରିବା ସହିତ ୧୮ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଅଖିଳ ଭାରତ କୃଷକ ସଭା, ସିଆଇଟିୟୁ, ଆଇଏନ୍‌ଟିୟୁସି,ଏଆଇଟିୟୁସି, କଂଗ୍ରେସ, ଜେଏମ୍‌ଏମ୍,ସିପିଆଇ ଓ ସିପିଆଇଏମର କର୍ମକର୍ତ୍ତାମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମିଶ୍ର, ଜଗବନ୍ଧୁ ମିଶ୍ର, ରବି ଗୋସ୍ୱାମୀ, ଅମଳ ଦେଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ। କୁଳିଅଣା ବ୍ଲକର ଚାନ୍ଦୁଆ, କୁଳିଅଣା, କୁଚେଇ, ବାଇଗଣବାଡ଼ିଆଠାରେ ଜେଏମ୍‌ଏମ ଓ ସିଆଇଟିୟୁ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବୈଶିଙ୍ଗା ଥାନା ଅଞ୍ଚଳରେ ଭାରତ ବନ୍ଦ ଡାକରା ଆଂଶିକ ସଫଳ ହୋଇଛି। ଦୋକାନ ବଜାର ଖୋଲା ଥିଲା ବେଳେ ସରକାରୀ ଅଫିସ, ବ୍ୟାଙ୍କ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଭାରତ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ଯାତ୍ରୀବାହି ବସ୍ ଚଳାଚଳ ସମେତ ଶିକ୍ଷାନୁଷ୍ଠାନ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଖୁଣ୍ଟା ବ୍ଲକ ଜେଏମ୍‌ଏମ୍ ପକ୍ଷରୁ ଡୁକୁରା ଛକଠାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଯାଇଛି। ବନ୍ଦ ସମର୍ଥକମାନେ ଏକତ୍ରିତ ହୋଇ ପିକେଟିଂ କରି ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନଗୁଡିକୁ ବନ୍ଦ କରାଇଥିଲେ। ବିଶୋଇ ବ୍ଲକରେ ବନ୍ଦ ପାଳନ ସଫଳ ହୋଇଛି। ବ୍ଲକ କଂଗ୍ରେସ,ଜେଏମ୍‌ଏମ୍ ଓ ଏସୟୁସିଆଇର ଶତାଧିକ କର୍ମୀ ଅଞ୍ଚଳରେ ପିକେଟିଂ କରିବା ସହିତ ବିଶୋଇ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥ ଓ ୫୦ ନଂ ରାଜ୍ୟରଜପଥକୁ ଅବରୋଧ କରିଥିଲେ। ଉଦଳାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ଦୋକାନ ବଜାର ରହିଥିବା ବେଳେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ ଆଦି ଆନ୍ଦୋଳନକାରୀମାନେ ବନ୍ଦ କରିଥିଲେ। ଗୋପବନ୍ଧୁ ନଗର ବ୍ଲକରେ ଭାରତ ବନ୍ଦର ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ତହସିଲ, ବ୍ଲକ କାର୍ଯ୍ୟାଳୟ ,ଶିକ୍ଷାନୁଷ୍ଠାନ, ସମସ୍ତ ବ୍ୟାଙ୍କ ଓ ଯାତ୍ରୀବାହୀ ତଥା ମାଲ ପରିବହନ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବାଙ୍ଗିରିପୋଷି ବ୍ଲକରେ କଂଗ୍ରେସ, ଏସୟୁସିଆଇ, ଜେଏମଏମ ସମେତ ବହୁ ରାଜନୈତିକ ଦଳ, ଶ୍ରମିକ ସଂଗଠନ ବନ୍ଦକୁ ସମର୍ଥନ ଜଣାଇଥିଲେ। ବନ୍ଦ ପାଳନକାରୀମାନେ ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ଏବଂ ୧୮ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଦୋକାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ ଗୁଡ଼ିକ ବନ୍ଦ ରହିଥିଲା।

# ଭାରତ ବନ୍ଦ: ଜୀବନଯାତ୍ରା ପ୍ରଭାବିତ




କେନ୍ଦୁଝରରେ ବନ୍ଦ ସମର୍ଥକମାନେ ରାସ୍ତାରୋକୋ କରିଛନ୍ତି।

**କେନ୍ଦୁଝର/ଯୋଡ଼ା/ପାଟଣା/ଢେଙ୍କିକୋଟ/ବଡ଼ବିଲ, ୨୭।୯ (ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ତିନୋଟି କୃଷି ଆଇନକୁ ବିରୋଧ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ଦେଇଥିବା ୧୦ ଘଣ୍ଟିଆ ଭାରତ ବନ୍ଦ ଡାକରା କେନ୍ଦୁଝର ଜିଲାରେ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। ଅନେକ ସ୍ଥାନରେ ସରକାରୀ ଓ ବେସରକାରୀ ଅଫିସ, ଦୋକାନ ବଜାର, ପେଟ୍ରୋଲ ପମ୍ପ ଆଦି ଖୋଲିଥିବା ବେଳେ କେତେକ ସ୍ଥାନରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଆଦି ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦ ରହିଥିଲା। ରାସ୍ତା ରୋକୋ ଯୋଗୁ ଏନ୍‌ଏଚ୍ ୪୯. ଓ ୨୦ରେ ଗାଡ଼ିଚଳାଚଳ ବନ୍ଦ ରହିଥିଲା। ଫଳରେ ଜୀବନଯାତ୍ରା ପ୍ରଭାବିତ ହୋଇହୋଇଥିଲା। ଏହି ଆନ୍ଦୋଳନରେ ସିପିଆଇ,ସିପିଏମ୍, ଏସୟୁସିଆଇ, ଅଖିଳ ଭାରତୀୟ କୃଷକ ମହାସଭା, ଇଣ୍ଡିଆନ ନେସନାଲ ଟ୍ରେଡ୍ ୟୁନିୟନ, କଂଗ୍ରେସ ଦଳ ସହ ୭ଟି ବାମପନ୍ଥୀ ଦଳ ସାମିଲ ହୋଇଥିଲେ। କେନ୍ଦୁଝରରେ ବନ୍ଦ ପାଳନରେ ପୂର୍ଣ୍ଣଚନ୍ଦ୍ର ରାଉତ, ଅରୁଣ ଦାସ, ଧରଣୀଧର ମହାନ୍ତ, ଶ୍ରୀହରି ଘଣା, ଗିରିଜା ମିଶ୍ର, ଭବାନୀ ଶଙ୍କର ମହାନ୍ତ, ବେଣୁଧର ସର୍ଦ୍ଦାର, ଶାନ୍ତିଲତା ମହାନ୍ତ, ପୁଷ୍ପାଞ୍ଜଳି ମହାନ୍ତ, ଲକ୍ଷ୍ମୀଧର ପ୍ରଧାନ, ଶ୍ୟାମସୁନ୍ଦର ମହାନ୍ତ ପ୍ରମୁଖ ନେତା ସାମିଲ ଥିଲେ। ସେହିପରି ଯୋଡ଼ା ଖଣିମଣ୍ଡଳରେ ଥିବା ବିଭିନ୍ନ ଖଣିରୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବାମପନ୍ଥୀ ଦଳର କର୍ମୀମାନେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶାଳୟ, ବିଭିନ୍ନ ବ୍ୟାଙ୍କ ଏବଂ ରାଜପଥ ଉପରେ ପିକେଟିଂ କରିଥିଲେ। ଯୋଡ଼ା ସମେତ ଖଣି ଅଞ୍ଚଳ ଜୁରୁଡ଼ି, ବାମେବାରୀ ଓ ବିଲେଇପଦା ପ୍ରଭୃତି ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ପାଟଣା ବ୍ଲକ ତୁରୁମୁଙ୍ଗା ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥକୁ ନିହୁଆଁ ନିକଟରେ ବ୍ଲକ କଂଗ୍ରେସ ପକ୍ଷରୁ ଅବରୋଧ କରାଯାଇଥିଲା। ସଭାପତି ଶତ୍ରୁଘ୍ନ ସିଂହ ନେତୃତ୍ୱ ନେଇଥିଲେ। ଢେଙ୍କିକୋଟ ଜୋନ କଂଗ୍ରେସ ସଭାପତି ରାମଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୨୦ ଓ ୨୨୦ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବଡ଼ବିଲ ଅଞ୍ଚଳରେ ସିପିଆଇ ପକ୍ଷରୁ କପିଳ ପ୍ରସାଦ ମହାନ୍ତି, ସିପିଏମ୍‌ର ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ଛକ ଓ ରାସ୍ତା ଅବରୋଧ ଫଳରେ ଯାନ ଚଳାଚଳ ବନ୍ଦ ରହିଥିଲା।

# ହାଇୱା ସିଣ୍ଡିକେଟରେ କାଗଜପତ୍ର ଜାଲିଆତି ନେଇ ମାମଲା

**ପଦ୍ମପୁର,୨୭।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିରସ ହାଇୱା ସିଣ୍ଡିକେଟର କାଗଜପତ୍ର କେତେକ ବ୍ୟକ୍ତି ଜାଲିଆତି କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ କଷିଆ ସାମୁଦ୍ରିକ ଥାନାରେ ମାମଲା(ନଂ. ୧୦୯/୨୧) ରୁଜୁ ହୋଇଛି। ପ୍ରକାଶ ଯେ, ସଂଘର ସମ୍ପାଦକ ବଂଶୀଧର ବିଶ୍ୱାଳ ଥାନାରେ ଅଭିଯୋଗ କରିବା ପରେ ଆପୋଷ ଆଲୋଚନା ପାଇଁ ଥାନାଧିକାରୀ ଓ ଅନ୍ୟମାନେ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ସମ୍ପାଦକ ବିଶ୍ୱାଳ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ତୁରନ୍ତ ଘଟଣାର ସମାଧାନ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ଏପ୍ରିଲ ୧ରେ ରକେଟ୍ରି

**ମୁମ୍ବାଇ:** ଅପ୍ରିଲ ୧ରେ ରିଲିଜ ହେବାକୁ ଯାଉଛି ଆର୍ ମାଧବନଙ୍କ ଫିଲ୍ମ ରକେଟ୍ରି; ଦ ନାମ୍ବି ଇଫେକ୍ଟ'। ଏହି ଫିଲ୍ମରେ ମାଧବନ କେବଳ ଜଣେ ଅଭିନେତା ଭାବେ ନୁହେଁ ବରଂ ଜଣେ ସଂଳାପକ, ନିର୍ମାତା ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଏହାର ରିଲିଜ ଡେଟ୍କୁ ଇନ୍ଷ୍ଟାଗ୍ରାମରେ ଘୋଷଣା କରି ଟିମ ରକେଟ୍ରି ପକ୍ଷରୁ ସମସ୍ତ ସମର୍ଥକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଫିଲ୍ମଟି ବୈଜ୍ଞାନିକ ନମ୍ବି ନାରାୟଣଙ୍କ ଜୀବନ ଉପରେ ଆଧାରିତ। ଯିଏ କି ଇସ୍ରୋର ଜଣେ ବୈଜ୍ଞାନିକ ଥିଲେ। ସେ ଗୁପ୍ତଚର ଦୁର୍ନୀତିରେ ଧରାପଡ଼ିଥିଲେ। ତେବେ ଫିଲ୍ମଟି ହିନ୍ଦୀ, ତାମିଲ ଓ ଇଂଲିଶ ଭାଷାରେ ଶୁଟିଂ ହୋଇଥିବା ବେଳେ ତେଲଗୁ, ମାଲାୟାଲାମ ଓ କନ୍ନଡ ଭାଷାରେ ମଧ୍ୟ ରିଲିଜ ହେବ।

# ସଚେତନତା ହିଁ ନିରାକରଣ




**ଜ**ଳାତଙ୍କରେ ପ୍ରତିବର୍ଷ ବହୁ ଲୋକ ଆକ୍ରାନ୍ତ ହୋଇଥାନ୍ତି। ପୋଷା କୁକୁରଠାରୁ ଆରମ୍ଭ କରି ବୁଲା କୁକୁର କାମୁଡ଼ା ଯୋଗୁ ଲୋକେ ଜଳାତଙ୍କରେ ଆକ୍ରାନ୍ତ ହୋଇଥାନ୍ତି। ପୃଥିବୀରେ ବର୍ଷକୁ ୫୯,୦୦୦ ଲୋକଙ୍କର ଜଳାତଙ୍କରେ ମୃତ୍ୟୁ ଘଟିଥାଏ। ତେବେ ସଚେତନତା ଦ୍ୱାରା ଏହାର ନିରାକଣର ସମ୍ଭବ। ବିକଶିତ ଦେଶରେ ପ୍ରତିବର୍ଷ ଜଳାତଙ୍କରେ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥାଏ। କାରଣ ସେଠକାର ଅଧିକାଂଶ ବାସିନ୍ଦା କୁକୁର ବିଲେଇ ଆଦି ପୋଷାପ୍ରାଣୀ ରଖିଥାନ୍ତି। ଏସିଆରେ ମଧ୍ୟ ବହୁ ଲୋକ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୦୭ ସେପ୍ଟେମ୍ବର ୨୮ରେ ବିଶ୍ୱ ଜଳାତଙ୍କ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିନ ପୃଥିବୀର ବିଭିନ୍ନ ଦେଶରେ ଜଳାତଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ପ୍ରଥମ ବିଶ୍ୱ ଜଳାତଙ୍କ ଦିବସ ଅଭିଯାନ ୨୦୦୭ ସେପ୍ଟେମ୍ବର ୮ ରେ ଆମେରିକାର ଆଲାଏନ୍ସ ଫର ରେବିସ କଣ୍ଟ୍ରୋଲ ଏବଂ ରୋଗ ନିୟନ୍ତ୍ରଣ, ଆଟଲାଣ୍ଟିକାର ରୋଗ ପ୍ରତିରୋଧକ କେନ୍ଦ୍ର, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ପ୍ରାଣୀ ସଂଗଠନର ସହଯୋଗରେ ଆରମ୍ଭ ହୋଇଥିଲା। ଏହି ଅବସରରେ ୧୦୦ରୁ ଅଧିକ ଦେଶରେ ଜଳାତଙ୍କ ପ୍ରତିରୋଧ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରା ବିଶ୍ୱରେ ପ୍ରାୟ ୧୦୦ ନିୟୁତ ଲୋକଙ୍କୁ ଜଳାତଙ୍କ ବିଷୟରେ ଶିକ୍ଷା ଦିଆଯାଇଥିଲା ଏବଂ ପ୍ରାୟ ୩ ନିୟୁତ କୁକୁରଙ୍କୁ ଟିକାକରଣ କରାଯାଇଥିଲା। ଅନ୍ତର୍ଜାତୀୟ ସରକାରୀ ଏଜେନ୍ସି, ଏକାଡେମିକ୍ସ, ଏନ୍‌ଜିଓ ଏବଂ ଟିକା ଉତ୍ପାଦନକାରୀ ସଂସ୍ଥାଙ୍କ ଏକ ନେଟ୍‌ୱାର୍କ ଦ୍ୱାରା ୨୦୧୧ରେ ବିଶ୍ୱସ୍ତରରେ କିଭଳି ଜଳାତଙ୍କ ସଂକ୍ରମଣକୁ କିଭଳି ରୋକା ଯାଇ ପାରିବ ତାହାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୩ରେ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱସ୍ତରରେ ସଂଗଠନ ସର୍ବପ୍ରଥମେ ବିଶ୍ୱବ୍ୟାପୀ ଜଳାତଙ୍କ ହଟାଇବା ଲାଗି ଆହ୍ୱାନ ଦିଆଯାଇଥିଲା। ସେହିପରି ୨୦୧୫ରେ ପ୍ରଥମ ଆଫ୍ରିକୀୟ ରାବିଜ କଣ୍ଟ୍ରୋଲ ନେଟୱାର୍କ ବୈଠକରେ ପ୍ରତିନିଧିତ୍ୱ କରିଥିବା ୩୩ଟି ଆଫ୍ରିକୀୟ ଦେଶ ବିଶ୍ୱ ଜଳାତଙ୍କ ଦିବସରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମାରାତ୍ମକ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ତେଣୁ ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର, ଆମେରିକାର କୃଷି ବିଭାଗ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୱାର୍ଲ୍ଡ ଅର୍ଗାନାଇଜେଶନ ଫର ପ୍ରାଣୀ ସ୍ୱାସ୍ଥ୍ୟ, ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଆଦି ବିଶ୍ୱସ୍ତରୀୟ ସଂସ୍ଥା ପକ୍ଷରୁ ୨୦୩୦ ସୁଦ୍ଧା ଜଳାତଙ୍କରୁ ମାନବ ମୃତ୍ୟୁକୁ ଦୂର କରିବା ପାଇଁ ମିଳିତ ଭାବେ କାର୍ଯ୍ୟ ଜାରି ରହିଛି। ଚଳିତ ବର୍ଷ ଏହି ଦିବସର ଶୀର୍ଷକ ରହିଛି ଜଳାତଙ୍କ: ସତ୍ୟ, ଭୟ କରିବା ନୁହେଁ ଜରୁରୀ( ରାବିଜ୍: ଫାକ୍ଟ, ନଟ୍ ଫିଅର)। ଅର୍ଥାତ୍ ଜଳାତଙ୍କର ଆତଙ୍କରେ ଆତଙ୍କିତ ନ ହୋଇ ସଚେତନତା ଦ୍ୱାରା ଏହାର ମୁକାବିଲା କରିବା ଦ୍ୱାରା ମାନବ ସମାଜରୁ ଏହା ଦୂର ହୋଇପାରିବ।

## ବିସ୍କୁଟ କରିଦେଲା କୋଟିପତି



**ଅ**ନେକ ଥର ଆମେ ଜୀବନରେ ଏମିତି କିଛି ଘଟେ, ଯାହା ଆମେ ପୂର୍ବରୁ କେବେ ଭାବି ନ ଥାଉ। କିଛି ଘଟଣା ଆମ ଜୀବନକୁସମ୍ପୂର୍ଣ୍ଣ ବଦଳାଇ ଦିଏ। ଅମାଣ୍ଡା ନାମକ ଜଣେ ମହିଳାଙ୍କ ସହ ଏପରି ଘଟଣା ଘଟିଛି। ତାଙ୍କ ଜୀବନରେ ଏପରି ଏକ ସମୟ ଆସିଥିଲା, ସେ କ'ଣ କରିବେ ଭାବିପାରି ନ ଥିଲେ। ସେତେବେଳେ ଏକ ବିସ୍କୁଟ ତାଙ୍କୁ ଭବିଷ୍ୟତ ଗଢ଼ିବା ପାଇଁ ବାଟ ଦେଖାଇଥିଲେ। ସେହି ବାଟ ଅନୁସରଣ କରି ଏବେ ସେ କୋଟି କୋଟି ଟଙ୍କାର ମାଲିକ ହୋଇପାରିଛନ୍ତି। @ Somefromthe୮୦s ନାମକ ଏକ ଟିକ୍‌ଟକ ଆକାଉଣ୍ଟ ସହିତ ତାଙ୍କ ସଂଘର୍ଷର କାହାଣୀ ବାଣ୍ଟି ଅମାଣ୍ଡା କହିଛନ୍ତି ଯେ, ଏକ ବିସ୍କୁଟ ତାଙ୍କ ଜୀବନ ବଦଳାଇ ଦେଇଛି ଏବଂ ଏବେ ସେ କୋଟିପତି ହୋଇପାରିଛନ୍ତି। ଦୁଇ ସନ୍ତାନର ମା' ଅମାଣ୍ଡା କୁହନ୍ତି, ସେ ୫ ବର୍ଷ ପୂର୍ବେ ଚାକିରି ହରାଇଥିଲେ। ଏହା ପରେ ସେ ବହୁତ ଭାଙ୍ଗି ପଡିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ତାଙ୍କୁ ଖୁସି କରିବା ପାଇଁ କୁକିଜ ପ୍ୟାକେଟ ଉପହାର ଦେଇଥିଲେ। ୩୦ ବର୍ଷୀୟା ଅମାଣ୍ଡା ଏହି କୁକିଜ ବିସ୍କୁଟ ଖୋଲିବା ମାତ୍ରେ, ତାଙ୍କ ଜୀବନ ବଦଳିଯାଇଥିଲା। ବିସ୍କୁଟରେ ଲେଖାଯାଇଥିବା ଏକ ନୋଟ୍ ଯୋଗୁ ତାଙ୍କ ଭାଗ୍ୟ ବଦଳିଯାଇଥିଲା। ବିସ୍କୁଟରେ ଲେଖାଯାଇଥିଲା -ତୁମେ ତୁମର ବ୍ୟବସାୟରେ ଅସାଧାରଣ ଖୁସି ପାଇବାକୁ ଯାଉଛ। କିଛି ଭାଗ୍ୟଶାଳୀ ସଂଖ୍ୟା ସହିତ ବ୍ୟବସାୟରେ ସଫଳ ହୋଇପାରିବ ବୋଲି ମଧ୍ୟ ଏହି ନୋଟରେ ଲେଖାଯାଇଥିଲା। ଏହି ବାର୍ତ୍ତା ଦେଖିବା ପରେ ଅମାଣ୍ଡା ଇଟିଏସ୍‌ୱାଇ ଦୋକାନ ଖୋଲିଥିଲେ ଏବଂ ସେ ଏଥିରେ ସଫଳତା ପାଇଥିଲେ। ଅମାଣ୍ଡାଙ୍କ କଷ୍ଟମ ତିଆରି ବ୍ୟାନର ଭାଇରାଲ ହେବାରେ ଲାଗିଲା। ଏବେ ତାଙ୍କ କମ୍ପାନୀ ୧୨ ମିଲିୟନ ଡଲାରରେ ପରିଣତ ହୋଇଛି।



## ଧୋତିରେ ମିଲିନ୍ଦ, ଲାଜେଇଲେ ମଲାଇକା

**ମୁମ୍ବାଇ:** ବଲିଉଡର ହଟ୍ ନାୟିକା ମଲାଇକା ଆରୋରା କିଛି ନା କିଛି କାରଣ ପାଇଁ ଆସିଥାଆନ୍ତି ଚର୍ଚ୍ଚାକୁ । ନିକଟରେ ସେ ଏମିତି ଏକ ରିଆକ୍ସନ ଦେଇଥିଲେ ଯାହାକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଯୋର ଧରିଛି । ଏମ୍ ଟିଭିର ରିୟଲିଟି ଶୋ' 'ସୁପର ମଡେଲ ଅଫ ଦ ଇୟର ସିଜନ ୨'ରେ ଫେମସ୍ ଆକ୍ଟର ଓ ଫିଟନେସ ଫ୍ରିକ ମିଲିନ୍ଦ ସୋମନଙ୍କୁ ଦେଖିବାକୁ ମିଳିଥିଲା । ନିଜ ଫିଟନେସ ପାଇଁ ଚର୍ଚ୍ଚାରେ ରହୁଥିବା ସୋମନ ଏମ୍ ଟିଭିର ରିୟଲିଟି ଶୋ' 'ସୁପର ମଡେଲ ଅଫ ଦ ଇୟର ସିଜନ ୨'ରେ ରାମ୍ପ୍ ୱାକ କରି ଆସିଛନ୍ତି ଚର୍ଚ୍ଚାକୁ । ଦୀର୍ଘ ୨୬ ବର୍ଷ ପରେ ପୁଣିଥରେ ତାଙ୍କୁ ରାମ୍ପରେ ଦେଖିବାକୁ ମିଳିଛି । ଏହାର ଏକ ଭିଡିଓ ମିଲିନ୍ଦ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ଏଥିରେ ମିଲିନ୍ଦ ସୋମାନ ଧଳା ଧୋତିରେ ଚାଲୁଥିବା ଦେଖିବାକୁ ମିଳିଛି। ଭିଡିଓର କ୍ୟାପସନ୍‌ରେ '୨୬ ବର୍ଷ ପରେ ପୁଣି ଥରେ' ଲେଖାଯାଇଛି। ମିଲିନ୍ଦ ତାଙ୍କର ୧୯୯୫ ମସିହାର ଡେବ୍ୟୁ ମ୍ୟୁଜିକ୍ ଭିଡିଓ 'ମେଡ୍ ଇନ୍ ଇଣ୍ଡିଆ'ର ଆଇକନିକ୍ ଲୁକ୍‌କୁ ପୁନଃ ପ୍ରଦର୍ଶନ କରିଛନ୍ତି। ତାଙ୍କ ରାମ୍ପ୍ ୱାକ ସାଙ୍ଗକୁ 'ମେଡ୍ ଇନ ଇଣ୍ଡିଆ' ବ୍ୟାକ୍‌ଗ୍ରାଉଣ୍ଡ ସଙ୍ଗ୍ ସମସ୍ତଙ୍କୁ ମତୁଆଲା କରିଛି। ମଲାଇକା ଏଥିରୁ ବା ବାଦ ଯାଇଥାଆନ୍ତେ କେମିତି। ଶୋ'ରେ ଜଜ୍ ହୋଇଥିବା ମଲାଇକା ସେଠାରେ ଲାଜେଇ ଯାଇଥିଲେ। ମିଲିନ୍ଦଙ୍କ ସର୍ଟଲେସ ବଡିକୁ ରାମ୍ପ୍ ୱାକ ଥିଲା ବେଶ୍ ରୋମାଣ୍ଟିକ। ହେଲେ ଏହା ଯେତିକି ଚର୍ଚ୍ଚା ସାଉଁଟିଛି ଏବେ ଏହାକୁ ଦେଖି ରିଆକ୍ସନ ଦେଇଥିବା ମଲାଇକାଙ୍କ ରୋମାଣ୍ଟିକ ଅନ୍ଦାଜ ବେଶ ଚର୍ଚ୍ଚାରେ।

## ଗୁଗଲକୁ ୨୩ ବର୍ଷ

**ୱାଶିଂଟନ:** ସର୍ଚ୍ଚ ଇଞ୍ଜିନ ଗୁଗଲ ସୋମବାର ୨୩ ବର୍ଷରେ ପାଦ ଦେଇଛି। ଏହି ଅବସରରେ ଗୁଗଲ ପକ୍ଷରୁ ସ୍ୱତନ୍ତ୍ର ଡୁଡଲ ପ୍ରସ୍ତୁତ କରାଯାଇଛି। ଗୁଗଲର ଇଂଲିଶ ସ୍ପେଲିଙ୍ଗ୍ ଏଲ ଲେଟରରେ କ୍ୟାଣ୍ଡେଲ କରାଯାଇ ତଳେ ୨୩ ନମ୍ବର ଲେଖା ଯାଇଛି। ୧୯୯୮ରେ ଲାରି ପେଜ ଏବଂ ସର୍ଜେ ବ୍ରିନ୍‌ଙ୍କ ଉଦ୍ୟମରେ ଇଣ୍ଟରନେଟ୍‌କୁ ଅଧିକ ସହଜ କରିବା ଲାଗି ଗୁଗଲର ଶୁଭାରମ୍ଭ କରାଯାଇଥିଲା। ୧୯୯୬ରେ ସେମାନେ ଏକ ସର୍ଚ୍ଚ ଇଞ୍ଜିନ ବିକଶିତ କରିଥିଲେ। ୨୦୦୫ରେ ଗୁଗଲର ଜନ୍ମଦିନ ସେପ୍ଟେମ୍ବର ୨୭ରେ ପାଳନ କରିବା ଲାଗି ନିଷ୍ପତ୍ତି ହୋଇଥିଲା।

## ପାଠ ପଢୁଛି ଚଢ଼େଇ



**ରାୟପୁର:** ସ୍କୁଲରେ ପିଲାମାନଙ୍କ ସହ ପାଠ ପଢୁଛି ଚଢେଇ। ଏକଥା ଶୁଣିଲେ କେହି ହୁଏତ ବିଶ୍ୱାସ କରିବେ ନାହିଁ। ଏମିତି ଘଟଣା ଦେଖିବାକୁ ମିଳିଛି ଛତିଶଗଡରେ। ଚଢେଇ ପାଠ ପଢିବାକୁ ସ୍କୁଲକୁ ଆସୁଥିବାର ଦେଖି ଏବେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଛତିଶଗଡ଼ର କାଣ୍ଡେଗାଁରେ ଥିବା ମାରିଗୁଡା ପ୍ରାଥମିକ ବିଦ୍ୟାଳୟରେ ପ୍ରତିଦିନ ପାଠପଢୁଛି ଏକ ବଣି ଚଢେଇ। ୯ ବର୍ଷ ହେଲାଣି ଚଢେଇଟି ସବୁଦିନ ସ୍କୁଲକୁ ଆସୁଛି ଏବଂ ପିଲାଙ୍କ ସହିତ ବସି କ୍ଲାସ ସରିବା ପର୍ଯ୍ୟନ୍ତ ରହୁଛି। ଚଢେଇଟି ପ୍ରଥମେ ସ୍କୁଲ ବଗିଚାରେ ଥିବା ନଳକୂଅ ପାଖରେ ସ୍ନାନ କରିବା ପରେ ପ୍ରାର୍ଥନା ସଭାରେ ଯୋଗ ଦିଏ। ଏହାପରେ କ୍ଲାସକୁ ଯାଇ ଟେବୁଲ ଉପରେ ବସିଥାଏ। ଶିକ୍ଷକ ପାଠ ପଢାଉଥିବା ସମୟରେ ଚଢେଇଟି ଧୀରସ୍ଥିର ହୋଇ ବସି ରହିଥାଏ। ପାଠ ପଢା ଶେଷ ହେବା ପରେ ସ୍କୁଲ ଛୁଟି ହେଲେ ଚଢେଇଟି ଆପେ ଆପେ ଜଙ୍ଗଲ ଭିତରକୁ ଚାଲି ଯାଇଥାଏ। ମଧ୍ୟାହ୍ନ ଭୋଜନ ବିରତି ସମୟରେ ଚଢେଇକୁ ମଧ୍ୟ ଖାଇବାକୁ ଦିଆଯାଏ। ପ୍ରତିଦିନ ଆସିବା ଫଳରେ ଏବେ ଚଢେଇଟି ସମସ୍ତଙ୍କ ସହିତ ଅଭ୍ୟସ୍ତ ହେଇଗଲାଣି। ପିଲାମାନଙ୍କ ପାଖରେ ବସିବା ପାଇଁ ତାକୁ ଭୟ ଲାଗୁନି ଏବଂ ଶିକ୍ଷକ ମଧ୍ୟ ତାକୁ ରାମୁ ବୋଲି ଡାକନ୍ତି। ତେବେ ଶିକ୍ଷକମାନେ କହନ୍ତି, ୯ ବର୍ଷ ଭିତରେ ଚଢେଇଟି କେବେ ହେଲେ କ୍ଲାସକୁ ଆସିବାରେ ବିଳମ୍ବ କରିଥିବା ଦେଖା ଯାଇନାହିଁ। ସ୍କୁଲ ଛୁଟି ଥିବା ଦିନ ମାନଙ୍କରେ ଚଢେଇଟି ସ୍କୁଲ ଆସେନାହିଁ। ଚଢେଇ ଆରାମରେ ପାଠ ଶୁଣିଥାଏ।

## କେଶ ଜଳିଗଲା: ଜାଣିପାରିଲେନି ମହିଳା

**ମୁମ୍ବାଇ:** ଅନେକ ସମୟରେ ସୋସିଆଲ ମିଡିଆରେ ଏମିତି କିଛି ଭିଡିଓ ଭାଇରାଲ ହୋଇଥାଏ, ଯାହା ଦେଖିଲେ ଭୟରେ ଦେହ ଥରି ଉଠେ। କିଛି ଭିଡିଓରୁ ଶିକ୍ଷା ବି ମିଳିଥାଏ। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହା ଦେଖିଲେ ଭୟ ଲାଗିବ। ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ରୋଷେଇ କରୁଛନ୍ତି। ଗ୍ୟାସଚୁଲା ତଳେ ଥିବା ଡ୍ରରୁ ମହିଳା ଜଣଙ୍କ କିଛି ଆଣୁଛନ୍ତି। ଏହି ସମୟରେ ଜଳୁଥିବା ଗ୍ୟାସରୁ ନିଆଁ ଆସି ତାଙ୍କ ମୁଣ୍ଡ କେଶରେ ଲାଗି ଯାଉଛି। କିନ୍ତୁ ଏହା ମହିଳା ଜଣଙ୍କ ଜାଣିପାରିନାହାନ୍ତି। ସେ ତାଙ୍କ କାମରେ ବ୍ୟସ୍ତ ଅଛନ୍ତି। କିଛି ସମୟ ପରେ ତାଙ୍କୁ ଗରମ ଲାଗିବାରୁ ସେ ମୁଣ୍ଡରେ ହାତ ମାରି ଦେଉଛନ୍ତି। ସେତେବେଳେ ଜାଣୁଛନ୍ତି ତାଙ୍କ ମୁଣ୍ଡରେ ନିଆଁ ଲାଗିଛି। ସେ ସଙ୍ଗେ ସଙ୍ଗେ ୱାଶରୁମ୍‌କୁ ଦୌଡୁଛନ୍ତି। ସୋସିଆଲ ମିଡିଆରେ ଭିଡିଓଟି ଭାଇରାଲ ହୋଇଛି। ଭିଡିଓରେ ୟୁଜରମାନେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଧ୍ୟାନ ଦେଇ କାମ କରନ୍ତୁ। ଆଉ ଜଣେ ୟୁଜର ଲେଖିଛନ୍ତି, ଜୀବନରେ ଏତେ ବ୍ୟସ୍ତ ରହିବା ଠିକ୍ ନୁହେଁ।

## ବିବାହର ୨ ମାସ ପରେ ବେବି ବମ୍ପ ଦେଖାଇଥିଲେ ନେହା

**ମୁମ୍ବାଇ:** ବଲିଉଡ ଗାୟିକ ନେହା କକ୍କରଙ୍କ ଗର୍ଭବତୀ ଥିବା ଖବର ଆଜିକାଲି ଚର୍ଚ୍ଚା ହେଉଛି। ନିକଟରେ ନେହା ତାଙ୍କ ଭାଇ ଟୋନି କକ୍କରଙ୍କ ସହ କପିଲ ଶର୍ମାଙ୍କ ଶୋ'ରେ ପହଞ୍ଚିଥିଲେ। ସେ ତାଙ୍କ ଗୀତ କାଣ୍ଟା ଲଗାର ପ୍ରମୋଶନ ପାଇଁ ଏଠାକୁ ଆସିଥିଲେ। ଏହିସମୟରେ ନେହା ଗର୍ଭବତୀ ଖବରକୁ ନେଇ ଏକ କଥା ସାମ୍ନାକୁ ଆଣିଥିଲେ। ବିବାହର ୨ ମାସ ପରେ ତାଙ୍କ ଗୀତ 'ଖ୍ୟାଲ୍ ରଖିଆ କର' ଆସିଥିଲା। ଏଥିରେ ନେହା ବେବି ବମ୍ପ ସହ ନଜର ଆସିଥିଲେ। ଏହା ଦେଖି ତାଙ୍କ ଶାଶୁ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଏ ନେଇ ନେହା କହିଛନ୍ତି, ମାମା ଜୀ ମୋ ପେଟକୁ ଦେଖି ତାଙ୍କୁ (ରୋହନ)ମଧ୍ୟ କହିଥିଲେ ଯେ ପୁଅ, ଖୁସି ଖବର ଖୁବ୍ ଶୀଘ୍ର ହୋଇଗଲା ନୁହେଁ କି? ତେବେ ଗୀତର ପ୍ରମୋଶନ ପାଇଁ ସେ ଏପରି କରିଥିଲେ ବୋଲି ଶାଶୁ ମା'ଙ୍କୁ ବୁଝାଇଥିଲେ।




## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

TOWER VISION COMPANY Regd.
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ।
ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତିଲତା ପାତ୍ର
କ୍ୱାର୍ଟର ନଂ.-ଏ/୧୨୬, ସେକ୍ଟର-୪, ରାଉରକେଲା
ଆବିର୍ଭାବ- ୧୫।୦୪।୧୯୫୫
ତିରୋଧାନ- ୧୮।୦୯।୨୦୨୧
ବିଶ୍ୱାସ ହେଉନି ତୁମେ ଆମ ପାଖେ ନାହଁ ବୋଲି । ତୁମ ସ୍ୱର୍ଗାବାସ ଆମ ହୃଦୟରେ ଏକ ବୃହତ୍ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହାକି ଅପୂରଣୀୟ କ୍ଷତି । ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ଓ ଭଲପାଇବା ଚିରସ୍ମରଣୀୟ ହୋଇ ରହିବ। ଭଗବାନ ତୁମ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ: ଶଶଧର ପାତ୍ର, ପୁତ୍ର: ରତି, ପାଗଳ, କୁନିଆ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୬୮୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ପୁରନ୍ଦର ସାହୁ
D/L-14 VSS Nagar, BBSR, Dist- Khordha
ତିରୋଧାନ: ୨୮।୦୯।୨୦୨୦
ଆପଣ ଛାଡ଼ି ଚାଲି ଯିବାର ବର୍ଷଟିଏ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ। ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଭଉଣୀ, ଭିଣୋଇ, ନାତି, ନାତୁଣୀ ଓ ସପରିବାରବର୍ଗ ।
ଧ-୨୧୭୪୦

ଦଶାହ ଉପଲକ୍ଷେ



୰ଚମ୍ପାବତୀ ଦେବୀ
(ଭୁବନେଶ୍ୱର ପୂର୍ବତନ ନଗରପାଳ)
୰ଗୁଣନିଧି ମହାପାତ୍ରଙ୍କ ଧର୍ମପତ୍ନୀ
ହରଚଣ୍ଡୀ ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୯୩୪
ତିରୋଧାନ: ୧୯।୦୯।୨୦୨୧
ଆପଣଙ୍କ ସ୍ନେହ ଏବଂ ପ୍ରେରଣା ଆମ୍ଭମାନଙ୍କର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବୋହୂ: ସୁଜାତା, ନାତି: ଆଦିତ୍ୟ, ଅରବିନ୍ଦ, ଅରୁନ୍ଧତି, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୪୮୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସ୍ୱର୍ଣ୍ଣଲତା ଜେନା
ଇମାମ ନଗର, ଧର୍ମଶାଳା, ଯାଜପୁର
ଆବିର୍ଭାବ: ତା୦୫।୦୪।୧୯୩୦ରିଖ
ତିରୋଧାନ: ତା୧୮।୦୯।୨୦୨୧ରିଖ
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସାହସ, ଧୈର୍ଯ୍ୟ, ଭାବଗତ ପ୍ରେମ ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁତ୍ର: ରମାକାନ୍ତ ଜେନା, ଅନନ୍ତ କିଶୋର, ପବିତ୍ର ମୋହନ, ଝିଅ-ଜ୍ୱାଇଁ, ଭଣଜା-ଭାଣିଜୀ, ପୁତୁରା-ପୁତୁରାବୋହୂ, ଝିଆରୀ-ଝିଆରୀଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ-ନାତୁଣୀଜ୍ୱାଇଁ, ଅଣନାତି-ଅଣନାତୁଣୀ, ଗୋକର୍ଣ୍ଣିକା ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୧୬୮୩

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ସରିତା ଦାସ (ଲୋନି)
(ସପ୍ତମୀ ଅଶ୍ୱିନ କୃଷ୍ଣପକ୍ଷ)
ଆବିର୍ଭାବ: ୨୨.୦୫.୧୯୭୦
ତିରୋଧାନ: ୧୯.୦୯.୨୦୧୧
ମାମା,
ଆଜି ଦଶମ ଶ୍ରାଦ୍ଧବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ତୋର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ପ୍ରାର୍ଥନା କରୁଛି ।
ଶୋକସନ୍ତପ୍ତ
ପୁତ୍ର-ସୌରଭ (ଗୁଡି)
ବନ୍ଧୁ, ପରିବାରବର୍ଗ
ଧ-୨୧୬୮୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀ ଗୋପାଳ ଚରଣ ଦାସ
ପ୍ଲଟ୍ ନଂ.- ୪୪/୧୦୨୨, ଲିଙ୍ଗରାଜ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୯।୦୭।୧୯୪୯
ତିରୋଧାନ:୧୮।୦୯।୨୦୨୧
ଆମକୁ ଶୋକ ସାଗରରେ ଭସାଇ ଚାଲିଗଲେ। ତୁମର ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ, ଏହାହିଁ ଆମର କାମ୍ୟ।
-:ଶୋକସନ୍ତପ୍ତ:-
ପତ୍ନୀ: କାମିନୀ, ଝିଅ: ବୁଢୀନା, ଟିକିନା, କୁନି, ଗୁନ୍ଥୁ, ପୁଅ: ବୁଢା, ନାତୁଣୀ: ଗୁଡି, ଲିଟିଲି ।
ଧ-୨୧୬୯୧

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଉମାରାଣୀ ସୁଆର
ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର
ଆବିର୍ଭାବ :୧୯୪୪
ତିରୋଧାନ : ୧୮-୦୯-୨୦୨୧
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ନିସ୍ୱାର୍ଥପରତା ଓ ତ୍ୟାଗ ଆମ ସମସ୍ତଙ୍କ ପାଇଁ ସବୁଦିନ ପ୍ରେରଣାର ଉତ୍ସ ଏବଂ ଅବିସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ - ସ୍ୱାମୀ - ଗୌରହରି, ପୁତ୍ର - ଅଖିଳ ଏବଂ ପରିବାର ବର୍ଗ।
ଧ-୨୧୬୮୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ଝୁଲଣଙ୍କ ଭଳି ୟର୍କର ପକାଇବାକୁ ଚାହାନ୍ତି କାରେ




**ଗୋଲ୍ଡ କୋଷ୍ଟ, ୨୭।୯ (ପି.ଟି.):** ଭାରତର ଭେଟେରାନ ସିମର ଝୁଲଣ ଗୋସ୍ୱାମୀଙ୍କ ଭଳି ୟର୍କର ବୋଲିଂ କରିବାକୁ ଚାହାନ୍ତି ଅଷ୍ଟ୍ରେଲିଆର ମହିଳା ପେସ୍ ବୋଲିଂ ଅଲରାଉଣ୍ଡର ନିକୋଲା କାରେ। ଇତିମଧ୍ୟରେ ଖେଳାଯାଇ ସାରିଥିବା ୩ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ତରଫରୁ ଗୋସ୍ୱାମୀ ନୂଆ ବଲ୍‌ରେ ଅପ୍-ଫ୍ରଣ୍ଟ ଚମତ୍କାର ବୋଲିଂ କରି କେତୋଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିପାରିଛନ୍ତି। ଏହାଛଡ଼ା ଡେଥ୍ ଓଭରରେ ସେ ମଧ୍ୟ ଭଲ ୟର୍କର ବୋଲିଂ କରିପାରନ୍ତି। ଏହା ତାଙ୍କୁ ପ୍ରଭାବିତ କରିଥିବା ୨୮ ବର୍ଷୀୟା କାରେ ଏଠାରେ ଖବରଦାତାମାନଙ୍କ ନିକଟରେ ପ୍ରକାଶ କରିଛନ୍ତି। ଗୋସ୍ୱାମୀ ତାଙ୍କ ୧୫ ବର୍ଷ କ୍ୟାରିୟରରେ ୧୧ ଟେଷ୍ଟ, ୧୯୨ ଅନ୍ତର୍ଜାତୀୟ ଦିନିକିଆ ଓ ୬୮ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳି ଯଥାକ୍ରମେ ୪୧, ୨୪୦ ଓ ୫୬ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ କାରେ ଇତିମଧ୍ୟରେ ୨୦ଅନ୍ତର୍ଜାତୀୟ ଦିନିକିଆ ଓ ୧୮ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ ଖେଳିନାହାନ୍ତି। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍‌କୁ ସେ ବିପଜ୍ଜନକ ବୋଲି କହିଛନ୍ତି।

### ଘରୋଇ ସିଜନରେ ନ ଖେଳିପାରନ୍ତି କୁଲ୍‌ଦୀପ

**ନୂଆଦିଲ୍ଲୀ, ୨୭।୯ (ପି.ଟି.):** ବାମହାତୀ ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ ଘରୋଇ ସିଜନର ଅଧିକାଂଶ ମ୍ୟାଚ ଖେଳି ନ ପାରନ୍ତି। ପ୍ରାକ୍ଟିସ ସେସନରେ ଆଣ୍ଠୁରେ ଗୁରୁତର ଆଘାତ ଲାଗିବାରୁ ୟୁଏଇରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅଧାରୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ତରଫରୁ ଖେଳୁଥିବା ଏହି ଖେଳାଳିଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ପୂର୍ବରୁ ବହୁ ଦିନ ରିହାବିଲିଟେଶନ ପ୍ରୋଗ୍ରାମ ଅଧୀନରେ ରହିବାକୁ ପଡ଼ିବ। ଖବର ଅନୁସାରେ କୁଲ୍‌ଦୀପଙ୍କର ନିକଟରେ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ହୋଇଥିଲା। ଖେଳକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ତାଙ୍କୁ ୪ରୁ ୬ ସପ୍ତାହ ସମୟ ଲାଗିପାରେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ସୂଚନା ଦେଇଛନ୍ତି। ଆଣ୍ଠୁ ଇଞ୍ଜୁରିରୁ ମୁକ୍ତି ଲାଭ କରିବା କଷ୍ଟସାଧ୍ୟ। ଏଥିପାଇଁ ଏକ ଲମ୍ବା ପ୍ରକ୍ରିୟାର ଆବଶ୍ୟକତା ରହିଛି। ପ୍ରଥମେ ଚାଲିବାକୁ ହୋଇଥାଏ। ପରେ ଗୋଡ଼କୁ ଅଧିକ ମଜବୁତ କରିବା ଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଫିଜିଓଥେରାପିର ସହାୟତା ନେବାକୁ ପଡ଼ିଥାଏ। ଏହାପରେ ହାଲୁକା ଟ୍ରେନିଂ ଏବଂ ଶେଷରେ ନେଟ୍ ସେସନ୍‌ରେ ଯୋଗ ଦେବାକୁ ହୋଇଥାଏ। କୁଲ୍‌ଦୀପ ଫିଟ୍ ହେବାବେଳକୁ ରଣଜୀ ଟ୍ରଫି ଶେଷ ହୋଇଯାଇଥିବ ବୋଲି ବିସିସିଆଇର ଅଫିସିଆଲ ଜଣକ କହିଛନ୍ତି।

### କଳିକେଶଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୭।୯(ସ୍ପୋର୍ଟସ୍ ବ୍ୟୁରୋ):** ନିକଟରେ ମୋହାଲିରେ ଅନୁଷ୍ଠିତ ଜାତୀୟ ରାଇଫଲ ସଂଘ ନିର୍ବାଚନରେ ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ବରିଷ୍ଠ ଉପସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ଜାତୀୟ ଜୁନିୟର ଟ୍ରାପ୍ ଶୁଟିଂ ଚାମ୍ପିୟନ କଳିକେଶଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଗୌରୀ ମହାନ୍ତି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସଂଘଦ୍ୱାରା ଓଡ଼ିଶାରେ ଏକ ଟ୍ରାପ୍ ଓ ସ୍କିଟ୍ ଶୁଟିଂ ରେଞ୍ଜ ପ୍ରତିଷ୍ଠା କରାଯିବ ବୋଲି ଏହି ଅବସରରେ କଳିକେଶ ପ୍ରକାଶ କରିଛନ୍ତି। ରାଜ୍ୟ ସଂଘ ଉପସଭାପତି ଅନଙ୍ଗ ଉଦୟ ସିଂଦେଓ ଓ ରାଜେନ୍ଦ୍ର ଚନ୍ଦ୍ର ଦେବ, ରୋମିୟ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଦେବାଶିଷ ଭଟ୍ଟାଚାର୍ଯ୍ୟ, ଗୌରୀଶ୍ୟାମ ମହାପାତ୍ର ଓ ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ପିଟର, ହରିପ୍ରସାଦଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି)**

୨୦୨୦-୨୧ ବର୍ଷର କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ଏଥର ପିଟର ତିର୍କୀ ଓ ହରିପ୍ରସାଦ ପଟ୍ଟନାୟକ ପାଇବେ। ପିଟର ହେଉଛନ୍ତି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି। ସେହିପରି ହରିପ୍ରସାଦ ହେଉଛନ୍ତି ରାଜ୍ୟର ଜଣେ ପ୍ରତିଷ୍ଠିତ କୋଚ୍। ବିଶିଷ୍ଟ କ୍ରିକେଟ କୋଚ୍ କମଲ ଗାଙ୍ଗୁଲିଙ୍କ ସ୍ମୃତିରେ ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ ପକ୍ଷରୁ ୨୦୧୨ରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ପିଟର ତିର୍କୀ ଲାଇଫ୍‌ଟାଇମ ଏବଂ ହରିପ୍ରସାଦ ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସହିଦ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ଏହି ଦୁଇ ସଫଳ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ୨୦୨୦-୨୧ କ୍ରୀଡ଼ା ବର୍ଷ ପାଇଁ ମନୋନୟନ କରାଯାଇଥିଲା। କମିଟିରେ ସମ୍ପାଦକଙ୍କ ସହ ବରିଷ୍ଠ କ୍ରୀଡ଼ା ଖବରଦାତା ସୁଶାନ୍ତ ମହାନ୍ତି, ସସ୍ମିତ ମହାପାତ୍ର, ସୁରେଶ



ପିଟର ତିର୍କୀ



ହରିପ୍ରସାଦ ପଟ୍ଟନାୟକ

ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ସମୀର ରାଉତ, ନିରଞ୍ଜନ ରେଡ୍ଡୀ, ସଞ୍ଜୀବ ବିଶ୍ୱାଳ, ଶକ୍ତିପ୍ରସାଦ ନନ୍ଦ ଏବଂ ମାରୁତି ଇଷ୍ଟେଟ ଏମ୍‌ଡି ଜିତେନ୍ଦ୍ର ପ୍ରସାଦ ସିଂ ସାମିଲ ଥିଲେ।

ପିଟର ତିର୍କୀ ୧୯୮୨ରେ ମାଲେସିଆରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପରେ ଭାରତୀୟ ଦଳରୁ ଖେଳି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ହେବାର ଗୌରବଲାଭ କରିଥିଲେ। ୧୯୮୪ ଲସ୍ ଏଞ୍ଜେଲସ୍ ଅଲିମ୍ପିକ କ୍ୟାମ୍ପରେ ମଧ୍ୟ ସେ ସାମିଲ ଥିଲେ। ରାଉରକେଲାର ସେଲ୍ ଏକାଡେମୀ ସହିତ ଜଡ଼ିତ ଥିବା ପିଟର ଖେଳାଳି ଜୀବନ ପରେ କୋଚ୍‌ଭାବେ ସକ୍ରିୟ ଅଛନ୍ତି। ସେହିପରି କରାଟେ ସହ ଶୁଟିଂ, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନ ପରି ଏକାଧିକ କ୍ରୀଡ଼ାର ପ୍ରସାରରେ ସମର୍ପିତ ଥିବା ହରିପ୍ରସାଦଙ୍କୁ ଏଥର କମଲ ଗାଙ୍ଗୁଲି ସ୍ମାରକୀ ଶ୍ରେଷ୍ଠ କୋଚ୍ ପୁରସ୍କାର ପ୍ରଦାନ କରାଯିବ। ପୂର୍ବରୁ ୨୦୧୨ରେ କ୍ରିକେଟ କୋଚ୍ କିଶୋର ମାଣିଆ, ୨୦୧୩ରେ ରୋଇଂ କୋଚ୍ ଜୋସ ଜ୍ୟାକବ, ୨୦୧୪ରେ ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକ, ୨୦୧୫ରେ ଆଥଲେଟିକ୍ସ କୋଚ୍ ନୀଳମାଧବ ଦେଓ, ୨୦୧୭ରେ ଜିମ୍ନାଷ୍ଟିକ୍ସ କୋଚ୍ ଅଶୋକ ମିଶ୍ର, ୨୦୧୮ରେ କ୍ରିକେଟ କୋଚ୍ ରଶ୍ମିତା ମହାନ୍ତି ଏବଂ ୨୦୧୯ ମସିହା ପାଇଁ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଏହି ପୁରସ୍କାର ପାଇଥିଲେ। ୨୦୧୪ରୁ ଲାଇଫ୍‌ଟାଇମ୍ ପୁରସ୍କାର ପ୍ରଦାନ ଧାରା ଆରମ୍ଭ ହୋଇଥିଲା। ପ୍ରଥମବର୍ଷ ମଦନ ମୋହନ ମହାନ୍ତି, ୨୦୧୫ରେ ବିଜୟ ଶତପଥୀ, ୨୦୧୭ରେ ଅରୂପାନନ୍ଦ ରାଉତରାୟ, ୨୦୧୮ରେ ଅଶୋକାନନ୍ଦ ଜେନା ଏବଂ ୨୦୧୯ରେ ଅଶୋକ ମହାନ୍ତି ଏଥିରେ ସମ୍ମାନିତ ହୋଇଥିଲେ। ନିକଟରେ କ୍ଲବ ପରିସରରେ ଏକ ବିଶେଷ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ସିଡ୍‌ନୀ ସିକ୍ସରରେ ରାଧା ଓ ଶେଫାଳୀ




ରାଧା ଯାଦବ ଓ ଶେଫାଳୀ ବର୍ମା।

**ସିଡ୍‌ନୀ, ୨୭।୯ (ପି.ଟି.)**

ମହିଳା ବିଗ୍‌ବାଶ୍ କ୍ରିକେଟ ଲିଗ୍‌ରେ ପଦାର୍ପଣ କରିବେ ଭାରତର ସ୍ୱଳ୍ପ ବୟସ୍କା ପ୍ରତିଭା ଶେଫାଳୀ ବର୍ମା ଓ ବାମହାତୀ ସ୍ପିନର ରାଧା ଯାଦବ। ଉଭୟେ ଦୁଇଥର ଚାମ୍ପିୟନ ସିଡ୍‌ନୀ ସିକ୍ସର୍ସ ଦଳ ତରଫରୁ ଖେଳିବେ। ସୋମବାର ବିଧିବଦ୍ଧ ଭାବେ ଏ ବିଷୟରେ ସ୍ପଷ୍ଟ କରାଯାଇଛି। ଶେଫାଳୀ ଓ ରାଧା ଗତ ମେ ମାସ ୧୩ ତାରିଖରେ ସିକ୍ସର ଟିମ୍ ସହିତ ଚୁକ୍ତି କରିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଆସନ୍ତା ମାସରେ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ପୂର୍ବରୁ ଆୟୋଜକଗଣ ଏ ବିଷୟରେ ସୋମବାର ସ୍ପଷ୍ଟ କରିଛନ୍ତି। ଅକ୍ଟୋବର ୧୪ରେ ହୋବାର୍ଟର ବ୍ଲଣ୍ଡଷ୍ଟୋନ୍ ଆରେନାରେ ମେଲବୋର୍ନ ଷ୍ଟାର୍ସ ବିପକ୍ଷ ମ୍ୟାଚ ଖେଳି ସିକ୍ସର୍ସ ଦଳ ମହିଳା ବିଗ୍‌ବାଶ୍ ଲିଗ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ୧୭ ବର୍ଷୀୟା ଶେଫାଳୀ ୨୦୧୯ରେ ଭାରତର ସର୍ବ କନିଷ୍ଠ ଖେଳାଳି ଭାବେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସମଗ୍ର ବିଶ୍ୱରେ ସେ ଜଣେ ପ୍ରତିଭାସମ୍ପନ୍ନ ବ୍ୟାଟର ଭାବେ ପରିଚିତି ଲାଭ କରିଛନ୍ତି। ଆଇସିସି ମହିଳା ଟି୨୦ ଖେଳାଳି ର‍୍ୟାଙ୍କିଂରେ ସେ ବର୍ତ୍ତମାନ ଶୀର୍ଷ ସ୍ଥାନରେ ରହିଛନ୍ତି। ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୧୮ରେ ୨୧ବର୍ଷୀୟା ରାଧା ଚମତ୍କାର ପ୍ରଦର୍ଶନ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତ ତରଫରୁ ଖେଳି ସେ ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ସେ ୫ଟି ମ୍ୟାଚରେ ୮ ଉଇକେଟ ଅକ୍ତିଆର କରିଥିଲେ। ଏହି ବାମହାତୀ ରକ୍ଷଣଶୀଳ ସ୍ପିନ ବୋଲର ଅନ୍ତର୍ଜାତୀୟ ଟି୨୦ ଖେଳାଳି ର‍୍ୟାଙ୍କିଂ ତାଲିକାର ୧୧ତମ ସ୍ଥାନରେ ଅଛନ୍ତି।

# ଡିସେମ୍ବର ୧୧ରୁ ଇଣ୍ଡିଆନ ଓପନ ଗେଟ୍‌ବଲ



ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି)**

ଆଗାମୀ ଡିସେମ୍ବର ୧୧ ଓ ୧୨ରେ ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଗତ ୨୪ରେ ଇଣ୍ଡିଆନ ଗେଟବଲ ୟୁନିୟନ (ଆଇଜିୟୁ)ର ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ନିଆଯାଇଛି। କରୋନା କଟକଣା ଯୋଗୁ ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ହୋଇପାରି ନ ଥିଲା। ଚଳିତ ବର୍ଷ କରୋନା କଟକଣା ନିୟମକୁ ମାନି ଏହି ଟୁର୍ଣ୍ଣାମେଣ୍ଟ ହେବ। ତେବେ କରୋନା ସ୍ଥିତିକୁ ଦେଖି ବିଦେଶରୁ ଟିମ୍ ଆସିବେ କି ନାହିଁ ତାହା ସ୍ଥିର ହେବ। ନଭେମ୍ବର ୧୩ରେ ଓଡ଼ିଶା ଯୁବ ଗେଟ୍‌ବଲ ଚାମ୍ପିୟନଶିପ ମଧ୍ୟ ଆଇଜିୟୁ ପକ୍ଷରୁ ଆୟୋଜନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଇଣ୍ଡିଆନ ଓପନ ଟୁର୍ଣ୍ଣାମେଣ୍ଟ ପାଇଁ ମନୋନୀତ ହେବେ। ବୈଠକରେ ଆଇଜିୟୁ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ପରାମର୍ଶଦାତା ପ୍ରକାଶ ବେତାଲା, ଜେ.ପି. ମିଶ୍ର, ଆଇଜିୟୁର ସମସ୍ତ ସଦସ୍ୟଙ୍କ ସମେତ ଓଡିଏମ୍ ସ୍କୁଲ, ଗୁଗଲ ସ୍ପୋର୍ଟସ୍ ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଉପସ୍ଥିତ ଥିଲେ।

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ଭାନଟା, ୨୭।୯ (ପି.ଟି.):** ସୁଦିରମାନ କପ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତ ରବିବାର ୧୧ଥର ଚାମ୍ପିୟନ ଚାଇନାଠାରୁ ୦-୫ରେ ପରାସ୍ତ ହୋଇଛି। ଫଳରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବା ସୁଯୋଗ ହରାଇଛି। ଭାରତ ପୂର୍ବରୁ ଥାଇଲାଣ୍ଡ ବିପକ୍ଷ ଏହାର ଉଦ୍‌ଘାଟନୀ ମ୍ୟାଚରେ ପରାଜିତ ହୋଇସାରିଥିଲା। ଭାରତ ବୁଧବାର ଏହାର ଫାଇନାଲ ମ୍ୟାଚ ଫିନ୍‌ଲାଣ୍ଡ ବିପକ୍ଷରେ ଖେଳିବ। ଏହାର ଫଳାଫଳ କିଛି ଫରକ ଆଣିବ ନାହିଁ। ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ, ଲଣ୍ଡନ ଗେମ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲ ଏବଂ ପୁରୁଷ ଡବଲ୍ସ ଯୋଡ଼ି ଚିରାଗ ଶେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଅନୁପସ୍ଥିତି ଯୋଗୁ ଭାରତ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା। ଚାଇନା ବିପକ୍ଷରେ ଭାରତର ସମ୍ଭାବନା ସବୁବେଳେ କମ୍ ରହିଥାଏ। ନୂଆରୂପରେ ଭାରତୀୟ ଦଳ ଏପରିକି ଗୋଟିଏ ହେଲେ ସିଙ୍ଗଲ୍ସ ମ୍ୟାଚ ଜିତିପାରି ନ ଥିଲା।

# ଏସ୍‌ଆର୍ ଅନ୍‌ଲାଇନ ଚେସ୍: ଶିବାଂଶ ଚାମ୍ପିୟନ

**ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି)**

ଏସଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୩୩ତମ ଅନ୍‌ଲାଇନ୍ ଚେସ୍‌ରେ ଶିବାଂଶ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ସେ ପୂରା ୭ ପଏଣ୍ଟ ପାଇଥିଲେ। ଭୀମସେନ ପଣ୍ଡା, ବିନାୟକ କୁମାର ସାମଲ ଓ ଗୌରବ ମହାନ୍ତି ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ବିଭୋର ପ୍ରିୟଦର୍ଶିନୀ, ଆଶୁତୋଷ ରାଉତରାୟ, ସୂର୍ଯ୍ୟାଂଶୁ ମହାକୁଡ଼, ଶୁଭସ୍ମିତା ପ୍ରିୟଦର୍ଶିନୀ, ସାନ୍‌ଭି ମହାନ୍ତି, ମନୀଷ ମିଶ୍ର ଓ ଜିତେଶ ସାମଲ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଏବଂ ବିଭିନ୍ନ ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।



ଶିବାଂଶ ମିଶ୍ର

# ପ୍ଲେ-ଅଫ୍ ପକ୍କା ଲକ୍ଷ୍ୟ ନେଇ ଖେଳିବ ଦିଲ୍ଲୀ



ଦୁଇ ଅଧିନାୟକ ଇଅନ ମୋର୍ଗାନ ଓ ରିଷଭ ପନ୍ତ।

**ଶାରଜା, ୨୭।୯ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଙ୍ଗଳବାର ଖେଳାଯିବାକୁ ଥିବା ଏକ ମ୍ୟାଚ କୋଲକାତା ନାଇଟ ରାଇଡର୍ସ (କେକେଆର୍)କୁ ଭେଟିବ ଦିଲ୍ଲୀ କ୍ୟାପିଟାଲ୍ସ। ଦଳ ଏହି ମ୍ୟାଚ୍‌ରେ ବିଜୟ ସହ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ରହିଛି। କେକେଆର ଅଲରାଉଣ୍ଡର ଆନ୍ଦ୍ରେ ରସେଲ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କର ଏହି ମ୍ୟାଚରେ ଖେଳିବା ନେଇ ଅନିଶ୍ଚିତତା ରହିଛି। ତେଣୁ ଏହାର ସୁଯୋଗରେ ଅପରାହ୍ନରେ ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁଥିବା ଏହି ମ୍ୟାଚରେ ବିଜୟ ଲାଭ କରିବା ନେଇ ଆଶାବାଦୀ ରହିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମ ଟାଇଟଲ ସଫଳତା ଲକ୍ଷ୍ୟରେ ରହିଥିବା ଦିଲ୍ଲୀ ଚଳିତ ସିଜନରେ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଅଧିକାଂଶ ଦଳ ଉପରେ ଚାପ ସୃଷ୍ଟି କରିପାରିଛି। କେବଳ ପ୍ଲେ-ଅଫ୍ ନୁହେଁ ଦଳର ଟାଇଟଲ ଉପରେ ମଧ୍ୟ ନଜର ରହିଛି। ଗତବର୍ଷ ଏହି ଦଳ ଟାଇଟଲ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ହାରିଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଦିଲ୍ଲୀ ୧୦ଟି ମ୍ୟାଚରୁ ୮ଟିରେ ବିଜୟ ହାସଲ କରି ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସେ ତୁଳନାରେ କେକେଆର୍ ୪ ବିଜୟ ଓ ୬ ପରାଜୟ ସହ ଚତୁର୍ଥ ସ୍ଥାନରେ ଅଛି।

# ମୁମ୍ବାଇ ଇଣ୍ଡିଆନ୍ସ ଆଜି ପଞ୍ଜାବ କିଙ୍ଗ୍ସକୁ ଭେଟିବ

**ଆବୁଧାବି, ୨୭।୯ (ପି.ଟି.)**

ଚଳିତ ଆଇପିଏଲ୍‌ରେ ହ୍ୟାଟ୍ରିକ ପରାଜୟ ବରଣ କରିଥିବା ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ମଙ୍ଗଳବାର ପ୍ରଦର୍ଶନରେ ସ୍ଥିରତା ରଖିପାରୁ ନ ଥିବା ପଞ୍ଜାବ କିଙ୍ଗ୍ସ ସହିତ ମୁକାବିଲା କରିବ। ୟୁଏଇରେ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାପରେ ମୁମ୍ବାଇ ଏହାର ସମସ୍ତ ୩ଟି ମ୍ୟାଚ ହାରିଛି। ଦଳ ୧୦ଟି ଗେମ୍‌ରୁ ୮ ପଏଣ୍ଟ ସହ ୭ମ ସ୍ଥାନକୁ ଖସିଯାଇଛି। ୪ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ରନ୍ ଚେଜ୍ କରୁଥିବା ବେଳେ ଆଣ୍ଠେଇ ପଡ଼ିଛି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବାରେ ବିଫଳ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟିଂ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷାନ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଛନ୍ତି। ଅଧିନାୟକ ରୋହିତ ଶର୍ମା ଗତ ଦୁଇଟି ମ୍ୟାଚରେ ୩୩ ଓ ୪୩ ରନ କରିଥିଲେ ମଧ୍ୟ ଦଳକୁ ଉତ୍ସାହଜନ ଆରମ୍ଭ ଦେଇପାରି ନାହାନ୍ତି। ଫିଟ୍‌ନେସ୍ ସମସ୍ୟା ଯୋଗୁ ପ୍ରଥମ ଦୁଇଟି ମ୍ୟାଚ ଖେଳି ପାରି ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। କିନ୍ତୁ ସେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଆଗକୁ ଆଇପିଏଲ୍ ପରେ ଉଭୟ ୟୁଏଇ ଓ ଓମାନରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଏହି ଖେଳାଳିମାନେ ସ୍ଥାନ ପାଇଛନ୍ତି। ସେମାନଙ୍କ ଫର୍ମକୁ ନେଇ କେବଳ ଫ୍ରାଞ୍ଚାଇଜ ନୁହେଁ ଦେଶର ଅଭିଯାନ ପାଇଁ ଚିନ୍ତାର ବିଷୟ। ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରା ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। ଗତ ୩ଟି ମ୍ୟାଚରେ ସେ ୮ ଉଇକେଟ ଅକ୍ତିଆର କରିଛନ୍ତି। ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ଆଡାମ୍ ମିଲ୍‌ନେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। କିନ୍ତୁ ସ୍ପିନ ବୋଲର ଦ୍ୱୟ ରାହୁଲ ଚହର ଓ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ନୈରାଶ୍ୟଜନ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ଯଦି ନକ୍‌ଆଉଟ ପର୍ଯ୍ୟାୟକୁ ଯାଏ ତେବେ ଏହି ବୋଲର ଦ୍ୱୟଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଗତ ମ୍ୟାଚରେ ବିଜୟ ପଥକୁ ଫେରିଥିବା ପଞ୍ଜାବ ବର୍ତ୍ତମାନ ଟେବୁଲର ୫ମ ସ୍ଥାନରେ ରହିଛି। ଗତ ମ୍ୟାଚରେ ଦଳର ବ୍ୟାଟିଂ ନୈରାଶ୍ୟଜନକ ଥିଲା। ମାତ୍ର ବୋଲରମାନେ ଆକର୍ଷଣୀୟ ପ୍ରଦର୍ଶନ କରି ଦଳକୁ ଜିତାଇଥିଲେ। ପଞ୍ଜାବ ଦଳରେ ଭାରତ ଓ ବିଦେଶର କେତେଜଣ ଦକ୍ଷ ଖେଳାଳି ରହିଛନ୍ତି। ସେମାନେ ନିୟମିତ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି। ପଞ୍ଜାବ ବ୍ୟାଟିଂ ଲାଇନ୍ ଅପ୍ ଟପ୍ ଅର୍ଡରରେ ଅଧିନାୟକ କେ.ଏଲ୍ ରାହୁଲ ଓ ମୟଙ୍କ ଅଗ୍ରୱାଲ ଅଛନ୍ତି। କ୍ରିସ୍ ଗେଲ, ଏଡେନ ମାରକ୍ରାମ ଓ ନିକୋଲାସ ପୁରାନଙ୍କ ଭଳି ଖେଳାଳି ରହିଛନ୍ତି। ଯେକୌଣସି ବୋଲିଂ ଆକ୍ରମଣକୁ ପରାହତ କରିବାର ଫାୟର ପାୱାର ଏହାଙ୍କ ବ୍ୟାଟିଂରେ ରହିଛି। କିନ୍ତୁ ପଞ୍ଜାବ ବ୍ୟାଟରମାନେ ଶାରଜାର ସ୍ଲୋ କଣ୍ଡିଶନ ସହ ଖାପ ଖୁଆଇ ପାରୁନାହାନ୍ତି। ପିଚ୍‌କୁ ଚାହିଁ ବ୍ୟାଟିଂ କରିବାକୁ ଶିଖ ବୋଲି ଅଧିନାୟକ ରାହୁଲ ତାଙ୍କ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିବା ପ୍ରକାଶ। ବୋଲିଂ ବିଭାଗରେ ମହମ୍ମଦ ଶାମି ଓ ଯୁବ ବୋଲର ଅର୍ଶଦୀପ ସିଂ ସେମାନଙ୍କ କାରନାମା ଦେଖାଉଛନ୍ତି। ଗତ ମ୍ୟାଚରେ ସ୍ପିନର ରବି ବିଷ୍ଣୋଇଙ୍କୁ ସାମିଲ କରିବାପରେ ସେ ୩ ଉଇକେଟ ନେବାରେ ସକ୍ଷମ ହୋଇପାରିଛନ୍ତି।



ଲୋକେଶ ରାହୁଲ



ରୋହିତ ଶର୍ମା

# କଟକ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା

**ଭୁବନେଶ୍ୱର, ୨୭।୯(ସ୍ପୋର୍ଟସ୍ ବ୍ୟୁରୋ)**

କଟକ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ୱାଇଏମ୍‌ସିଏଠାରେ ଅନୁଷ୍ଠିତ ହୋଇଯାଇଛି। କଟକର ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ୫୦ରୁ ଊର୍ଦ୍ଧ୍ୱ କରାଟେକା ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ସିହାନ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାରେ ସଫଳତା ହାସଲ କରିଥିବା କରାଟେକାଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକାଧିକ ସାମରିକ କଳା କ୍ରୀଡ଼ାରେ ଅନ୍ତର୍ଜାତୀୟ ପଦକ ହାସଲ କରିଥିବା ସ୍କୁଲର ଛାତ୍ରୀ ଅନୁପମା ସ୍ୱାଇଁଙ୍କୁ ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁସ୍ମିତ ଦାସ ସମ୍ବର୍ଦ୍ଧିତ କରିଥିଲେ। ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଶାଖାର ସେନ୍‌ସାଇ ଗୌରୀ ମହାନ୍ତି, ସେନ୍‌ସାଇ ଖାରବେଳ ମଲିକ, ଜିନ୍ମୟୀ ଭୂୟାଁ, ଅନୁଗୋଳ ଶାଖାର ମୁଖ୍ୟ ପ୍ରଶିକ୍ଷକ ସେନ୍‌ସାଇ ଜୟଦେବ ପଟ୍ଟନାୟକ ପ୍ରମୁଖ ବେଲ୍ଟ ପରୀକ୍ଷାକୁ ପରିଚାଳନା କରିଥିଲେ।



ବେଲ୍ଟ ପରୀକ୍ଷାରେ ଭାଗ ନେଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ସେପ୍ଟେମ୍ବର ୨୮/୨୦୨୧ Dhenkanal, Tuesday, September 28/ 2021

# ପରାଜୟ ଧାରା ଭାଙ୍ଗିଲା ସନ୍‌ରାଇଜର୍ସ

**ଦୁବାଇ, ୨୭।୯**

କ୍ରମାଗତ ୫ ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୭ ଉଇକେଟରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୧୬୪ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ୧୮.୩ ଓଭରରେ ୩ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଜାସନ ରୟ ସର୍ବାଧିକ ୬୦(୪୨ ବଲ, ୮ ଚୌକା, ୧ ଛକା) ରନରେ ଆଉଟ ହୋଇଥିବାବେଳେ ଅଧିନାୟକ କେନ୍ ୱିଲିୟମସନ ୫୧(୪୧ ବଲ, ୫ ଚୌକା, ୧ ଛକା) ଓ ଅଭିଷେକ ଶର୍ମା ୨୧(୧୬ ବଲ, ୧ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ମୁସ୍ତାଫିଜୁର ରହମନ, ମହିପାଲ ଲୋମରୋର, ଓ ଚେତନ ସାକାରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୦ ମ୍ୟାଚରୁ ସନ୍‌ରାଇଜର୍ସର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ସମାନ ମ୍ୟାଚ ଖେଳି ରାଜସ୍ଥାନ ୬ଷ୍ଠ ପରାଜୟ ବରଣ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାଜସ୍ଥାନ ମାତ୍ର ୧୧ ରନରେ ପ୍ରଥମ ଉଇକେଟ ହରାଇଥିଲା। ମ୍ୟାଚର ଦ୍ୱିତୀୟ ଓଭର ପ୍ରଥମ ବଲରେ ଓପନର ଇଭିନ ଲିୱିସ(୬ ରନ)ଙ୍କୁ ଅବଦୁଲ ସମଦଙ୍କ ହାତରେ କ୍ୟାଚ କରାଇ ସନ୍‌ରାଇଜର୍ସଙ୍କୁ ପ୍ରଥମ ସଫଳତା ଦେଇଥିଲେ ଭୁବନେଶ୍ୱର କୁମାର। ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନ ଦ୍ୱିତୀୟ ଉଇକେଟରେ ୫୬ ରନ ଯୋଗ କରି ଇନିଂସ ସମ୍ଭାଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଜୟସ୍ୱାଲ ୨୩ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୩୬ ରନ କରିଥିବାବେଳେ ସନ୍ଦୀପ ଶର୍ମାଙ୍କ ବଲ୍‌ରେ ବୋଲ୍ଡ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଲିଆମ ଲିଭିଂଷ୍ଟୋନ ମାତ୍ର ୪ ରନରେ ଆଉଟ୍ ହୋଇଥିଲେ ହେଁ ସାମସନ ଓ ମହିପାଲ ଲୋମରୋର ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ବିସ୍ଫୋରକ ବ୍ୟାଟିଂ କରିଥିବା ସାମସନ ଅନ୍ତିମ ଓଭରରେ ଆଉଟ୍ ହେବା ପୂର୍ବରୁ ଲୋମରୋରଙ୍କ ସହ ୪ର୍ଥ ଉଇକେଟରେ ୫୫ ବଲ୍‌ରୁ ୮୪ ରନର ଭାଗୀଦାରି ଗଢ଼ିଥିଲେ। ୫୭ ବଲ୍‌ର ସମ୍ମୁଖୀନ ହୋଇଥିବା ସାମସନ ୭ ଚୌକା ଓ ୩ ଛକା ସହାୟତାରେ ୮୨ ରନ ସ୍କୋର କରିଥିଲେ। ଏଥିସହ ସାମସନ ସର୍ବାଧିକ ସ୍କୋରର ଭାବେ ଅରେଞ୍ଜ୍ କ୍ୟାପ୍‌ର ହକ୍‌ଦାର ହୋଇଥିଲେ। ଚଳିତ ସିଜନରେ ମୋଟ ୪୩୩ ରନ ସ୍କୋର କରି ଶିଖର ଧାୱନ (୪୩୦)ଙ୍କୁ ପଛରେ ପକାଇ ଦେଇଥିଲେ ଏହି ରାଜସ୍ଥାନ ଅଧିନାୟକ। ତାଙ୍କ ପରେ ରିୟାନ ପରାଗ ଖାତା ଖୋଲିବା ପୂର୍ବରୁ କୌଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷ ଓଭରରେ କୌଲ ମାତ୍ର ୪ ରନ ଦେଇ ୨ଟି ଉଇକେଟ ନେବାରୁ ରାଜସ୍ଥାନ ଇନିଂସ ୧୬୪/୫ରେ ଶେଷ ହୋଇ ଯାଇଥିଲା। ଲୋମରୋର ୨୮ ବଲ୍‌ରୁ ୨୯(୧ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ସନ୍‌ରାଇଜର୍ସ ପକ୍ଷରୁ ସିଦ୍ଧାର୍ଥ କୌଲ ୨ଟି ଏବଂ ଭୁବନେଶ୍ୱର କୁମାର, ସନ୍ଦୀପ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍‌ସ ୨୦ ଓଭରରେ ୧୬୪/୫ (ସଞ୍ଜୁ ସାମସନ-୮୨, ଯଶସ୍ୱୀ ଜୟସ୍ୱାଲ-୩୬, ମହିପାଲ ଲୋମରୋର-୨୯*, ସିଦ୍ଧାର୍ଥ କୌଲ-୨/୩୬, ଭୁବନେଶ୍ୱର କୁମାର-୧/୨୮, ସନ୍ଦୀପ ଶର୍ମା-୧/୩୦, ରଶିଦ ଖାଁ-୧/୩୧)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୩ ଓଭରରେ ୧୬୭/୩(ଜାସନ ରୟ-୬୦, କେନ୍ ୱିଲିୟମସନ-୫୧*, ମୁସ୍ତାଫିଜୁର ରହମନ-୧/୨୬, ମହିପାଲ ଲୋମରୋର-୧/୨୨, ଚେତନ ସାକାରିଆ-୧/୩୨)।



ଶଟ୍ ଖେଳିବା ଅବସରରେ ଜାସନ ରୟ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୮ | ୨ | ୧୬ | +୧.୦୬୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୮ | ୨ | ୧୬ | +୦.୭୧୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୬ | ୪ | ୧୨ | -୦.୩୫୯ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୩୨୨ |
| ପଞ୍ଜାବ କିଙ୍ଗ୍ସ | ୧୦ | ୪ | ୬ | ୮ | -୦.୨୬୧ |
| ରାଜସ୍ଥାନ ରୟାଲ୍ସ | ୧୦ | ୪ | ୬ | ୮ | -୦.୩୬୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୪ | ୬ | ୮ | -୦.୫୫୧ |
| ସନ୍‌ରାଇଜର୍ସ | ୧୦ | ୨ | ୮ | ୪ | -୦.୫୦୧ |

### ଆଜିର ମ୍ୟାଚ



ନାଇଟ ରାଇଡର୍ସ **ବନାମ** ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ଶାରଜା
ସମୟ : ଅପରାହ୍ନ ୩.୩୦

ମୁମ୍ବାଇ ଇଣ୍ଡିଆନ୍ସ **ବନାମ** ପଞ୍ଜାବ କିଙ୍ଗ୍ସ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଜାମସେଦପୁରରେ ଅଭ୍ୟାସ ଚଳାଇଛନ୍ତି ଭାରତୀୟ ମହିଳା ଫୁଟ୍‌ବଲ ଦଳ।

# ଭାରତୀୟ ଦଳରେ ପ୍ୟାରୀ, ମନୀଷା

### ୟୁଏଇ, ବାହାରିନରେ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟ୍‌ବଲ

**ନୂଆଦିଲ୍ଲୀ, ୨୭।୯**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନରେ ଭାରତୀୟ ମହିଳା ଫୁଟବଲ ଦଳ ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଏଥିପାଇଁ ମୁଖ୍ୟ କୋଚ୍ ଥୋମାସ ଡେନର୍ବି ସୋମବାର ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ୨ ଜଣ ଖେଳାଳି ମନୀଷା ପାନ୍ନା ଓ ପ୍ୟାରୀ ଖାଖା ସ୍ଥାନ ପାଇଛନ୍ତି। ସମ୍ପ୍ରତି ଜାମସେଦପୁର କ୍ୟାମ୍ପରେ ଟ୍ରେନିଂ ନେଉଥିବା ଭାରତୀୟ ଖେଳାଳିମାନେ ବୁଧବାର ନୂଆଦିଲ୍ଲୀ ଯାଇ ସେଠାରୁ ୟୁଏଇ ଯାତ୍ରା କରିବେ। ଅକ୍ଟୋବର ୨ରେ ଭାରତ ପ୍ରଥମ ମ୍ୟାଚ ୟୁଏଇ ବିପକ୍ଷରେ ଖେଳିବ। ଅକ୍ଟୋବର ୪ ତାରିଖରେ ଟ୍ୟୁନିସିଆ ଜାତୀୟ ଦଳ ସହ ଭାରତ ମୁକାବିଲା କରିବ। ଏହାପରେ ଭାରତୀୟ ଦଳ ବାହାରିନ ଯାତ୍ରା କରିବ। ସେଠାରେ ଅକ୍ଟୋବର ୧୦ରେ ବାହାରିନ ଜାତୀୟ ଦଳସହ ଏବଂ ୧୩ରେ ଚାଇନିଜ୍ ତାଇପେ ଜାତୀୟ ଦଳ ସହ ମ୍ୟାଚ ଖେଳିବ।

"ଝାଡ଼ଖଣ୍ଡରେ ପାଖାପାଖି ଏକମାସ ଟ୍ରେନିଂ ପରେ ଭାରତୀୟ ଦଳ ୟୁଏଇ ଓ ବାହାରିନରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାକୁ ଯାଉଥିବାରୁ ମୁଁ ବହୁତ ଖୁସି। ଏହି ମ୍ୟାଚ ଆମପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଟ୍ରେନିଂରେ ଭାରତୀୟ ଖେଳାଳିମାନେ କେତେ ଜ୍ଞାନ ଆହରଣ କରିଛନ୍ତି ତାହା ଜଣାପଡ଼ିବ। ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳିବାକୁ ଯାଉଥିବାରୁ ଆମ ଖେଳାଳିଙ୍କ ଦକ୍ଷତା ମଧ୍ୟ ବଢ଼ିବ" ବୋଲି ମୁଖ୍ୟ କୋଚ୍ ଥୋମାସ ଡେନର୍ବି ପ୍ରକାଶ କରିଛନ୍ତି।

**କାର୍ଯ୍ୟସୂଚୀ**
**ଅକ୍ଟୋବର ୨:** ଭାରତ ବନାମ ୟୁଏଇ
**ଅକ୍ଟୋବର ୪:** ଭାରତ ବନାମ ଟ୍ୟୁନିସିଆ
**ଅକ୍ଟୋବର ୧୦:** ଭାରତ ବନାମ ବାହାରିନ
**ଅକ୍ଟୋବର ୧୩:** ଭାରତ ବନାମ ଚାଇନିଜ୍ ତାଇପେ




ପ୍ୟାରୀ ଖାଖା ଓ ମନୀଷା ପାନ୍ନା।

## ଭାରତୀୟ ଦଳ

**ଗୋଲକିପର:** ଅଦିତି ଚୌହାନ, ମଇବାମ ଲିନ୍‌ଥୋଇଙ୍ଗାମ୍ବି ଦେବୀ, ଶ୍ରେୟା ହୋଦା।
**ଡିଫେଣ୍ଡର:** ଡାଲିମା ଛିବର, ସ୍ୱିଟି ଦେବୀ, ରିତୁ ରାଣୀ, ଆଶାଲତା ଦେବୀ, ରଞ୍ଜନା ଚାନୁ, ମାଇକେଲ କାଷ୍ଟାନା, ମନୀଷା ପାନ୍ନା, ଅସ୍ତମ ଓରାଅନ।
**ମିଡ୍‌ଫିଲ୍ଡର:** ସଙ୍ଗୀତା ବାସଫୋରେ, ଇନ୍ଦୁମତୀ କାଥିରେସାନ, ସଞ୍ଜୁ, ମାର୍ଟିନା ଥୋକହୋମ୍।
**ଫରୱାର୍ଡ:** ଡାଙ୍ଗମେଇ ଗ୍ରେସ, ଅଞ୍ଜୁ ତମାଙ୍ଗ, ସାନ୍ଧିୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ, ମନୀଷା କଲ୍ୟାଣ, ସୁମତି କୁମାରୀ, ପ୍ୟାରୀ ଖାଖା, ରେଣୁ।

# ଟେଷ୍ଟ କ୍ରିକେଟରୁ ଅବସର ନେଲେ ମୋଇନ



ମୋଇନ ଅଲି

**ଲଣ୍ଡନ, ୨୭।୯ (ପି.ଟି.):** ଇଂଲଣ୍ଡ ସ୍ପିନ୍ ବୋଲର ମୋଇନ ଅଲି ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସୀମିତ ଓଭର କ୍ରିକେଟରେ ସେ ଅଧିକ ମନୋନିବେଶ କରିବାକୁ ଚାହାନ୍ତି। ୩୪ ବର୍ଷୀୟ ମୋଇନ ୬୪ ଟେଷ୍ଟ ମ୍ୟାଚ ଖେଳି ୨୮.୨୯ ଆଭରେଜରେ ୨,୯୧୪ ରନ କରିଛନ୍ତି। ସେ ୨୦୧୪ରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ତାଙ୍କ ଅଫ୍ ସ୍ପିନ ବୋଲିଂରେ ୩୬.୬୬ ଆଭରେଜରେ ୧୯୫ ଉଇକେଟ ଅକ୍ତିଆର କରିଛନ୍ତି। ମୋଇନ କହିଛନ୍ତି, ତାଙ୍କୁ ବର୍ତ୍ତମାନ ବୟସ ୩୪ ବର୍ଷ। ତାଙ୍କ ଦ୍ୱାରା ଯେତେଦିନ ସମ୍ଭବ ସେ କ୍ରିକେଟକୁ ଉପଭୋଗ କରିବାକୁ ଚାହାନ୍ତି। ଅନ୍ୟ ଫର୍ମାଟ୍ ତୁଳନାରେ ଟେଷ୍ଟ କ୍ରିକେଟ ଅଧିକ ମଜାଦାର ବୋଲି ସେ କହିଛନ୍ତି। ମୋଇନ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଉଭୟ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଓ କୋଚ୍ କ୍ରିସ୍ ସିଲ୍‌ଭରଉଡ୍‌ଙ୍କୁ ଅବଗତ କରାଇଛନ୍ତି। ୨୦୧୯ ଆଶେସ ପରଠାରୁ ମୋଇନ ବହୁ ଟେଷ୍ଟ କ୍ରିକେଟ ଖେଳିନାହାନ୍ତି। ନିକଟରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚ ପାଇଁ ସେ ଡାକରା ପାଇଥିଲେ। ସେ କିନ୍ତୁ ନିଜ ପରିବାରଠାରୁ ଅଧିକ ଦିନ ଦୂରେଇ ରହିବାକୁ ଚାହିଁ ନ ଥିଲେ। ଅଷ୍ଟ୍ରେଲିଆ ଆଶେସ ଟୁର୍ ପାଇଁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହିତ କୋଭିଡ୍ ପ୍ରୋଟୋକଲ ଶେୟାର କରିବା ପୂର୍ବରୁ ମୋଇନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଟେଷ୍ଟ କ୍ୟାରିୟର ପ୍ରତି ଅନୁପ୍ରାଣିତ ହୋଇ ଅନ୍ୟ ବ୍ରିଟିଶ ମୁସ୍‌ଲିମମାନେ ଇଂଲଣ୍ଡ ପାଇଁ ଖେଳିବା ଲାଗି ମନ ବଳାଇବେ ବୋଲି ମୋଇନ ଆଶା କରନ୍ତି। ଇସିବି ପକ୍ଷରୁ ଏକ ପ୍ରେସ୍ ରିଲିଜରେ ଏ ବିଷୟ କୁହାଯାଇଛି।

# ଫାଓ ଆନ୍ତଃକ୍ଲବ ଫୁଟ୍‌ସାଲ ୨୮ରୁ

**ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆନ୍ତଃ କ୍ଲବ ଫୁଟସାଲ ଚାମ୍ପିୟନଶିପ୍ ଚଳିତ ମାସ ୨୮ ତାରିଖରୁ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ଏହାର ଅନ୍ତିମ ରାଉଣ୍ଡ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ। ରାଜ୍ୟପାଇଁ ଫୁଟସାଲ ନୂଆ ହୋଇଥିବାରୁ ରେଫରିଜ୍ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ମୁଖ୍ୟ ଦୁର୍ଗା ମାଧବ ନାଏକ ଅଂଶଗ୍ରହଣକାରୀ ସମସ୍ତ କ୍ଲବର ଖେଳାଳିଙ୍କୁ ଏ ସମ୍ପର୍କରେ ମୂଲ୍ୟବାନ ସୂଚନା ଦେବେ। ପ୍ରତିଯୋଗିତା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଫୁଟସାଲ ନିୟମ ଅନୁସାରେ ଅନୁଷ୍ଠିତ ହେବ। ଏହାର ଜର୍ସି ଉନ୍ମୋଚନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୧୨ଟି କ୍ଲବ ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୩ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ 'ଏ'ରେ ମଙ୍ଗଳା କ୍ଲବ, କିଟ୍ ବିଶ୍ୱବିଦ୍ୟାଳୟ, କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ (ଯାଜପୁର), ବିଚକୁଣ୍ଡି କ୍ଲବ (କେନ୍ଦୁଝର), ଗ୍ରୁପ 'ବି'ରେ ବିଡ଼ାନାସୀ କ୍ଲବ, କିଶୋର କ୍ଲବ, ସ୍ପୋର୍ଟ୍ସ ହଷ୍ଟେଲ, ରାଜକନିକା ଆଥଲେଟିକ୍ ଆସୋସିଏଶନ (କେନ୍ଦ୍ରାପଡ଼ା) ଏବଂ ଗ୍ରୁପ 'ସି'ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ, ଶ୍ରୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ (ପୁରୀ) ଓ ରାମଧେନୁ କ୍ଲବ (ସୋନପୁର) ସ୍ଥାନ ପାଇଛି। ମଙ୍ଗଳା କ୍ଲବ ଓ କିଟ୍ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ।




ସୋମବାର ଫୁଟ୍‌ସାଲର ଜର୍ସି ଉନ୍ମୋଚନ ଅବସରରେ ଦୁର୍ଗା ମାଧବ ନାଏକ (ବାମ) ଓ ଅନ୍ୟମାନେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ